

ଟୀପ୍ପଣୀ

# ୧

# ସମାଜ ବିଜ୍ଞାନ : ଏକ ପରିଚୟ

# (AN INTRODUCTION TO SOCIOLOGY)

**ସ**ମାଜ ଲୋକଙ୍କ ଦ୍ୱାରା ଏବଂ ଏହା ମଧ୍ୟ ସୃଷ୍ଟିକର୍ତ୍ତା ମାନଙ୍କୁ ସ୍ଥାନ ଯୋଗାଇ ଥାଏ । ନିଜର ଦୈନନ୍ଦିନ ଜୀବନରେ ଲୋକମାନେ ସମଗ୍ର ମାନବ ସମାଜ ତଥା ନିଜର ନିର୍ଦ୍ଦିଷ୍ଟ ସମାଜ ବିଷୟରେ ଚିନ୍ତାକରନ୍ତି । ୟୁରୋପର ପୁନର୍ଜାଗରଣ ଓ ଶିଳ୍ପ ବିପ୍ଳବ, ସମାଜ ସୃଷ୍ଟି ସମ୍ବନ୍ଧୀୟ ପାରମ୍ପରିକ ଚିନ୍ତାଧାରାକୁ ପୁନର୍ଗଠିତ କରି ଏକ ନୂତନ ମୂଲ୍ୟ ବ୍ୟବସ୍ଥା ଉପରେ ଦୃଷ୍ଟି କେନ୍ଦ୍ରିତ କରିଥିଲା । ଲୋକଙ୍କୁ ଏକାଠି କରି ରଖିବାର କାରକ କ'ଣ ? କେଉଁ ପ୍ରକ୍ରିୟାମାନଙ୍କ ଦ୍ୱାରା ସାମାଜିକ ଅସ୍ତିତ୍ୱ ସୃଷ୍ଟି ହୁଏ ? ସମାଜ କିଭଳି ତିଷ୍ଠି ରହେ ? ଏହି ସବୁ ପ୍ରଶ୍ନ ସମାଜ ଗଠନ ସହିତ ଜଡିତ ହୋଇ ରହିଥିବା ସାମାଜିକ ସଂପର୍କର ଏକ ଶୃଙ୍ଖଳ । ଏହି କାରଣ ଯୋଗୁଁ ସମାଜ ବିଜ୍ଞାନୀମାନେ ସମାଜର ଢାଞ୍ଚା ଓ ପ୍ରକ୍ରିୟା ବିଷୟରେ ଚିନ୍ତାକରିବା ପାଇଁ ଅନୁପ୍ରେରିତ ହେଲେ ।

ଏହି ପାଠ୍ୟଖଣ୍ଡରେ ଆମେ ସମାଜ ବିଜ୍ଞାନର ଅର୍ଥ, ପରିଭାଷା ଆଲୋଚନା କରିବା ଯେପରିକି ସମାଜ ବିଜ୍ଞାନର ପ୍ରକୃତି ଅର୍ଥାତ୍ ଏହାର ଚରିତ୍ର ଯାହାକି ସାମାଜିକ ସଂପର୍କ ମାନଙ୍କର ଲକ୍ଷଣରୁ ସ୍ପଷ୍ଟ ଏବଂ ସମାଜ ବିଜ୍ଞାନ ବିଷୟବସ୍ତୁ ସବୁକୁ ଆଲୋଚନା କରିବା ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ଅଧ୍ୟୟନ କଲା ପରେ ଆପଣମାନେ -

- ସମାଜ ବିଜ୍ଞାନର ଅର୍ଥ ବୁଝି ଓ ବୁଝାଇ ପାରିବେ ;
- ସମାଜ ବିଜ୍ଞାନର ପ୍ରକୃତିକୁ ନେଇ ଚର୍ଚ୍ଚା କରିପାରିବେ ;
- ସମାଜ ବିଜ୍ଞାନର ବ୍ୟାପକ ପରିଦୃଶ୍ୟ ସମ୍ବନ୍ଧରେ ଆଲୋଚନା କରି ପାରିବେ ;
- ସମାଜ ବିଜ୍ଞାନର ପରିସର ତଥା ବିଷୟ ବସ୍ତୁକୁ ବ୍ୟାଖ୍ୟା କରି ପାରିବେ ; ଏବଂ
- ଦୈନନ୍ଦିନ ଜୀବନରେ ସମାଜ ବିଜ୍ଞାନର ପ୍ରାସଙ୍ଗିକତାକୁ ବୁଝାଇ ପାରିବେ ।



ଟୀପ୍‌ପଣୀ



## ୧.୧ ସମାଜ ବିଜ୍ଞାନ କ'ଣ ?

ଅଗଷ୍ଟ କମଟ୍ ହେଉଛନ୍ତି ପ୍ରଥମ ବିଦ୍ୱାନ୍ ଯେ କି, ମାନବୀୟ ଅନ୍ତର୍ସମ୍ବନ୍ଧମାନଙ୍କ ସମ୍ବନ୍ଧରେ "ସମାଜ ବିଜ୍ଞାନ" ଶବ୍ଦର ପ୍ରଥମ ବ୍ୟବହାର କରିଥିଲେ । 'ସମାଜ ବିଜ୍ଞାନ' (Sociology) ଶବ୍ଦ, ଲାଟିନ୍ ଶବ୍ଦ ସୋସିଅସ୍ - socius (ସଂଘ) ଏବଂ ଗ୍ରୀକ୍ ଶବ୍ଦ ଲୋଗସ୍ - Logus (ତତ୍ତ୍ୱ) ରୁ ଗଠିତ, ଯାହାକି ସମାଜରେ ମାନବୀୟ ଅନ୍ତର୍ସମ୍ବନ୍ଧର ବିଜ୍ଞାନ ଅଟେ । କମ୍‌ଟ୍ ଏପରି ଏକ ସାମାଜିକ ବିଜ୍ଞାନ ପ୍ରତିଷ୍ଠା କରିବାକୁ ଚାହୁଁ ଥିଲେ ଯାହାକି ସାମାଜିକ ନିୟମଗୁଡ଼ିକୁ ଉନ୍ମୋଚିତ କରୁଥିବ ଏବଂ ତାଙ୍କ ଅନୁସାରେ ଏହି ସାମାଜିକ ନିୟମଗୁଡ଼ିକ ସାମାଜିକ ବିକାଶ ଓ ପରିବର୍ତ୍ତନକୁ ନିୟନ୍ତ୍ରଣ କରନ୍ତି । ହଟବର୍ଟ ସ୍ପେନସର ସମାଜର ବ୍ୟବସ୍ଥିତ ଅଧ୍ୟୟନର ବିକାଶ କରିଥିଲେ ଏବଂ ସ୍ପଷ୍ଟଭାବରେ ସମାଜ ବିଜ୍ଞାନ - 'Sociology' ଶବ୍ଦକୁ ଗ୍ରହଣ କରିଥିଲେ ।

ସରଳ ଭାଷାରେ କହିଲେ, ସମାଜ ବିଜ୍ଞାନ ହେଉଛି ଲୋକମାନଙ୍କୁ ଅଧ୍ୟୟନ କରିବାର ଏକ ମାଧ୍ୟମ । ସମାଜ ବିଜ୍ଞାନୀ ଜାଣିବାକୁ ଚାହେଁ ଯେ, ଲୋକମାନେ କାହିଁକି ଏକ ନିର୍ଦ୍ଦିଷ୍ଟ ଧାରାରେ ଆଚରଣ କରନ୍ତି ? ସମୂହରେ କାହିଁକି ରହନ୍ତି ? କାହିଁକି ଯୁଦ୍ଧ କରନ୍ତି ? ଉପାସନା କାହିଁକି କରନ୍ତି ? ଭୋଟ କାହିଁକି ଦିଅନ୍ତି ? ଏବଂ ଏପରି ଅନେକ କାର୍ଯ୍ୟ ଯେଉଁଥିରେ କି ଲୋକମାନଙ୍କର ପାରସ୍ପରିକ କ୍ରିୟା ସମ୍ମିଳିତ ଥାଏ । ଏଣୁ ସାମାଜିକ ବିଜ୍ଞାନର ସଂଜ୍ଞାରେ ଆମେ ଏହା କହିପାରିବା ଯେ ଏହା ସାମାଜିକ ସଂପର୍କ, ଅନୁଷ୍ଠାନ ଓ ସମାଜର ଏକ ବୈଜ୍ଞାନିକ ଅଧ୍ୟୟନ ଅଟେ । ସମାଜ ବିଜ୍ଞାନୀମାନେ ସମାଜ ବିଜ୍ଞାନର ଭିନ୍ନ ଭିନ୍ନ ସଂଜ୍ଞା ନିରୂପଣ କରିଛନ୍ତି । ଅଗଷ୍ଟ କମ୍‌ଟ୍ ସମାଜ ବିଜ୍ଞାନକୁ ସାମାଜିକ ଅଧ୍ୟୟର ଏକ ଅଂଗ ବିଶେଷ ଭାବରେ ପ୍ରସ୍ତୁତ କରିଥିଲେ ଏବଂ ପରବର୍ତ୍ତୀ ସମାଜ ବିଜ୍ଞାନୀମାନେ ସମାଜ ବିଜ୍ଞାନର ଅର୍ଥ ନିରୂପଣ କରିବାରେ ଧ୍ୟାନ କେନ୍ଦ୍ରିତ କରିଥିଲେ । ହବ୍ ହାଉସଙ୍କ ମତରେ ସମାଜ ବିଜ୍ଞାନ, ମାନବୀୟ ଅନ୍ତର୍ମନର ଆନ୍ତକ୍ରିୟା ଅଟେ । ପାର୍କ ଓ ବର୍ଗେସ୍‌ଙ୍କ ମତରେ ସମାଜ ଶାସ୍ତ୍ର ହେଉଛି ସାମୁହିକ ଆଚରଣର ଏକ ବିଜ୍ଞାନ । ତେବେ ଇମାଇଲ ଡୁର୍ଖିମ୍ ନିର୍ଦ୍ଦିଷ୍ଟ ଭାବରେ କହିଥିଲେ ଯେ ସମାଜ ବିଜ୍ଞାନ ହେଉଛି ସାମାଜିକ ଘଟଣାବଳୀର ବିଜ୍ଞାନ ।

ମାକ୍ସ ୱେବର ସମାଜ ବିଜ୍ଞାନର ଏକ ଭିନ୍ନ ସଂଜ୍ଞା ପ୍ରଦାନ କରିଛନ୍ତି । ତାଙ୍କ ଅନୁସାରେ ସମସ୍ତ ମାନବୀୟ କ୍ରିୟାକଳାପ କୌଣସି ବିଶେଷ କାର୍ଯ୍ୟ ସଂପାଦନ ପାଇଁ ହୋଇଥାଏ । ନିର୍ଦ୍ଦିଷ୍ଟ ସ୍ୱାର୍ଥ ଓ ଉଦ୍ଦେଶ୍ୟ ହାସଲ ପାଇଁ ବ୍ୟକ୍ତିମାନେ ବିଭିନ୍ନ କାର୍ଯ୍ୟ କଳାପରେ ନିୟୋଜିତ ହୋଇଥା'ନ୍ତି । ମାକ୍ସ ୱେବରଙ୍କ ଅନୁସାରେ 'କାର୍ଯ୍ୟ' - ('Action') ସମାଜ ବିଜ୍ଞାନର ବିଷୟବସ୍ତୁ ଅଟେ । ସମାଜ ବିଜ୍ଞାନର ଉତ୍ପତ୍ତି ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ "ସାମାଜିକ କାର୍ଯ୍ୟ"ମାନଙ୍କୁ ସମାଜ ବିଜ୍ଞାନର ନିୟମ ଭାବେ ଗ୍ରହଣ କରାଯାଇଛି ।

ସଂକ୍ଷେପରେ ଏହା କୁହାଯାଇପାରେ ଯେ ସମାଜ ବିଜ୍ଞାନ ହେଉଛି ମାନବ ଜୀବନର ସାମାଜିକ ଦିଗ ଗୁଡ଼ିକର ଏକ ବୈଜ୍ଞାନିକ ଅଧ୍ୟୟନ । ପୁନଶ୍ଚ, ଏହାମଧ୍ୟ କୁହାଯାଇପାରେ ଯେ ସମାଜ ବିଜ୍ଞାନ ହେଉଛି ଜ୍ଞାନର ଏକ ଶାଖା, ଯାହାକି ମାନବୀୟ ଆନ୍ତଃ କ୍ରିୟାର ବୈଜ୍ଞାନିକ ପଦ୍ଧତି ମାଧ୍ୟମରେ ଏକ ଅଧ୍ୟୟନ । ଆନ୍ତଃ କ୍ରିୟା କହିଲେ ଏହା ବୁଝାଯାଇପାରେ ଯେ ଦୁଇ କିମ୍ବା ତତୋଧିକ ବ୍ୟକ୍ତିଙ୍କ ପାରସ୍ପରିକ ସମ୍ବନ୍ଧ, ଭାବ ବିନିମୟ ଏବଂ କ୍ରିୟା-ପ୍ରତିକ୍ରିୟା । ତେଣୁ, ସମାଜ ବିଜ୍ଞାନୀମାନେ ସମାଜରେ ରହୁଥିବା ଲୋକ ଓ ସାମାଜିକ ସମୁହ ସହ ସମ୍ବନ୍ଧିତ ହୋଇଥା'ନ୍ତି । ଏହି ସଂଜ୍ଞାମାନଙ୍କୁ ଅଧ୍ୟୟନ କରି ଆମେ ଏହି ସିଦ୍ଧାନ୍ତରେ ପହଞ୍ଚିଲୁ, ଯେ କି ସମାଜ ବିଜ୍ଞାନ ହେଉଛି ମାନବ ସମାଜ, ସାମାଜିକ ଆଚରଣ, ତଥା ସାମାଜିକ ସମ୍ବନ୍ଧ ଓ ଏହାର ପ୍ରକାର ଭେଦର ଏକ ଅଧ୍ୟୟନ ।



ଟୀପ୍ପଣୀ

## ୧.୨ ସମାଜ ବିଜ୍ଞାନର ପ୍ରକୃତି

ସମାଜ ଶାସ୍ତ୍ର ହେଉଛି ଏକ ବୈଜ୍ଞାନିକ ଅଧ୍ୟୟନ । ଏହା ଏକ ବିଜ୍ଞାନ, କାରଣ ଏଥିରେ ଗବେଷଣା ପାଇଁ ବସ୍ତୁନିଷ୍ଠ ଏବଂ ବ୍ୟବସ୍ଥିତ ପଦ୍ଧତି ପ୍ରୟୋଗ କରାଯାଇଥାଏ ଏବଂ ସାମାଜିକ ବାସ୍ତବତାର ମୂଲ୍ୟାଙ୍କନ ଅନୁଭବ ଜନ୍ୟ ପ୍ରମାଣ ଏବଂ ବ୍ୟାଖ୍ୟା ମାଧ୍ୟମରେ କରାଯାଇଥାଏ । କିନ୍ତୁ ଏହାକୁ ପ୍ରାକୃତିକ ବିଜ୍ଞାନ ମାନଙ୍କ ଢାଞ୍ଚାରେ ପ୍ରତିରୂପିତ କରାଯାଇ ପାରିବ ନାହିଁ, କାରଣ ମାନବୀୟ ଆଚରଣ ପ୍ରାକୃତିକ ଜଗତ ଠାରୁ ଭିନ୍ନ ଅଟେ । ଅନ୍ୟ ଭିନ୍ନତାମାନଙ୍କ ମଧ୍ୟରେ ପ୍ରାକୃତିକ ବିଜ୍ଞାନମାନଙ୍କର ବିଷୟବସ୍ତୁ ଅପେକ୍ଷାକୃତ ସ୍ଥାୟୀ ଏବଂ ଅପରିବର୍ତ୍ତନୀୟ ଅଟେ । ପରନ୍ତୁ, ସମାଜ ବିଜ୍ଞାନର ବିଷୟ ବସ୍ତୁ ନମନୀୟ ଏବଂ ପରିବର୍ତ୍ତନୀୟ ଅଟେ ।

### ପାଠ୍ୟଗତ ପ୍ରଶ୍ନାବଳୀ ୧.୧

ପ୍ରତ୍ୟେକ ବକ୍ତବ୍ୟ ଶେଷରେ 'ଭୁଲ' ବା 'ଠିକ୍' ଲେଖନ୍ତୁ ।

୧– ଶିଳ୍ପ ବିପ୍ଳବ ଆମେରିକାରେ ହୋଇଥିଲା ।

୨ – ଅଗଷ୍ଟ କମଟ୍‌ଙ୍କୁ ସମାଜ ବିଜ୍ଞାନର ଜନକ କୁହାଯାଏ ।

୩ – ସମାଜ ବିଜ୍ଞାନ ସାମାଜିକ ସମ୍ବନ୍ଧର ବୈଜ୍ଞାନିକ ଅଧ୍ୟୟନ ଅଟେ ।

୪ – ସମାଜ ବିଜ୍ଞାନ ମାନବ ସମାଜର ଅଧ୍ୟୟନ ନୁହେଁ ।

୫ – ମାନବୀୟ ବ୍ୟବହାର ନମନୀୟ ଓ ପରିବର୍ତ୍ତନୀୟ ଅଟେ ।

## ୧.୩. ବିଜ୍ଞାନ କ'ଣ ?

ବିଜ୍ଞାନ କହିଲେ କୌଣସି ଘଟଣା ବିଷୟରେ ଜ୍ଞାନ ସଂଗ୍ରହ କରିବା ନିମନ୍ତେ, ଗବେଷଣାର ବସ୍ତୁନିଷ୍ଠ ପଦ୍ଧତି ଏବଂ ତର୍କର ଉପଯୋଗକୁ ବୁଝାଏ । ବିଜ୍ଞାନ ର ତିନୋଟି ଉଦ୍ଦେଶ୍ୟ : ପ୍ରଥମ – କାହିଁକି ଘଟଣା ଘଟେ ତାହା ବୁଝିବା । ଦ୍ୱିତୀୟ – ସାଧାରଣ ସିଦ୍ଧାନ୍ତ ର ଉନ୍ମୋଚନ ଯାହାକି ନିର୍ଦ୍ଦିଷ୍ଟ ଘଟଣାର ଉର୍ଦ୍ଧ୍ୱକୁ ଯାଇ ସାମୁହିକ ଘଟଣାବଳୀ ପାଇଁ ପ୍ରଜୁଜ୍ୟ ହୋଇପାରିବ । ତୃତୀୟ – ଉପଲବ୍ଧ ଜ୍ଞାନକୁ ବ୍ୟବହାର କରି ଭବିଷ୍ୟତରେ କ'ଣ ଘଟିବ, ସେ ସଂପର୍କରେ ନିର୍ଦ୍ଦିଷ୍ଟ ଭବିଷ୍ୟବାଣୀ କରିବା ।

ସାମାଜିକ ଗବେଷଣାର ମୂଳ ଧାରଣା ହେଲା– ପୂର୍ବାଗ୍ରହ ଓ ପକ୍ଷପାତ ବିନା ବସ୍ତୁନିଷ୍ଠ ଜ୍ଞାନ ପ୍ରାପ୍ତ କରିବା । ଏହି କାରଣରୁ ସମାଜ ବିଜ୍ଞାନରେ ପ୍ରାକୃତିକ ବିଜ୍ଞାନ ପରି ବସ୍ତୁନିଷ୍ଠତା ହାସଲ କରାଯିବାର ଉଦ୍ଦେଶ୍ୟ ରହିବା ଦରକାର । ବିଜ୍ଞାନର ଉପଯୁକ୍ତ ପଦ୍ଧତି ହେଉଛି ବାସ୍ତବ ତଥ୍ୟମାନଙ୍କ ସହିତ ବ୍ୟାଖ୍ୟାତ୍ମକ ପୂର୍ବ–ବକ୍ତବ୍ୟର ଉପଯୁକ୍ତ ମିଳନ ଓ ଏହାର ନିୟମିତ ପରୀକ୍ଷଣ । ଏହି ପରିପ୍ରେକ୍ଷୀରେ ଏହା କୁହାଯାଇ ପାରେ ଯେ ସମାଜ ବିଜ୍ଞାନ ହେଉଛି ଏକ ବିଜ୍ଞାନ, କାରଣ ଏହା ସାମାଜିକ ବାସ୍ତବତାର ତର୍କ ସମ୍ମତ ଏବଂ ବସ୍ତୁନିଷ୍ଠ ଜ୍ଞାନର ମୌଳିକ ସର୍ତ୍ତ ପୂରଣ କରେ ଏବଂ ବୈଜ୍ଞାନିକ ପଦ୍ଧତିର ପ୍ରୟୋଗ କରେ ।

ଜନ୍‌ସନଙ୍କ ମତରେ ବିଜ୍ଞାନ ଭଳି ସମାଜ ବିଜ୍ଞାନର ନିମ୍ନଲିଖିତ ଲକ୍ଷଣମାନ ରହିଛି ।

**(କ) ଏହା ତତ୍ତ୍ୱ ଆଧାରିତ** (Theoretical) **ଅଟେ :** ସମାଜ ବିଜ୍ଞାନ, ଆପେକ୍ଷିକ ତର୍କ ସଂଗତ ଭାଷାରେ ଜଟିଳ ପର୍ଯ୍ୟବେକ୍ଷଣର ସାରମର୍ମ ବାହାର କରେ ଯାହାକି ବିଷୟବସ୍ତୁର କାର୍ଯ୍ୟ–କାରଣ ସଂମ୍ବନ୍ଧକୁ ବ୍ୟାଖ୍ୟା କରିବାକୁ ସମର୍ଥ ହୁଏ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମାଜ ବୈଜ୍ଞାନିକ ତଥ୍ୟର ବ୍ୟାଖ୍ୟା ଯାହାକି ସାମାଜିକ ଘଟଣା ସବୁକୁ ବୁଝିବାରେ ସାହାଯ୍ୟ କରେ ଏବଂ ଭବିଷ୍ୟତ ଅନୁଭବଜନ୍ୟ ଗବେଷଣା ପାଇଁ ଆନୁମାନିକ ବକ୍ତବ୍ୟର ବୈଧତା ନିରୂପଣ କରେ ।



ଟୀପ୍ପଣୀ

(ଖ) **ଏହା ଅନୁଭବ ଜନ୍ୟ ଅଟେ :** ଏହା ପର୍ଯ୍ୟବେକ୍ଷଣ ଓ ତର୍କ ଆଧାରିତ ଅଟେ ଏବଂ ଅତି ପ୍ରାକୃତିକ ଅନୁମାନ ଯୋଗ୍ୟ ବକ୍ତବ୍ୟ ଉପରେ ପର୍ଯ୍ୟବସିତ ନୁହେଁ । ସବୁ ବୈଜ୍ଞାନିକମାନେ ସେମାନଙ୍କର ସୃଜନଶୀଳ କାର୍ଯ୍ୟର ପ୍ରାରମ୍ଭିକ ସ୍ତରରେ ଅନୁମାନର ସାହାଯ୍ୟ ନିଅନ୍ତି, କିନ୍ତୁ ପରିଶେଷରେ ସେହି ଅନୁମାନ ମାନଙ୍କର ତଥ୍ୟ ସମ୍ବନ୍ଧୀୟ ଯାଞ୍ଚ କରି ସିଦ୍ଧାନ୍ତରେ ପହଞ୍ଚନ୍ତି । ସମାଜବୈଜ୍ଞାନିକ ଜ୍ଞାନର ସମସ୍ତ ଦିଗ ଅନୁଭବ ଯୋଗ୍ୟ କଷଟି ପଥରରେ ପରୀକ୍ଷିତ ଓ ସାମାଜିକ ଆଚରଣର ମୂଲ୍ୟାଙ୍କନ ଭିତ୍ତିରେ ପ୍ରସ୍ତୁତ ।

(ଗ) **ଏହା କ୍ରମବର୍ଦ୍ଧିଷ୍ଣୁ ମାର୍ଜିତ ଜ୍ଞାନ :** ସମାଜବୈଜ୍ଞାନିକ ଜ୍ଞାନ ପରସ୍ପର ଉପରେ ନିର୍ଭର କରି ନିର୍ମିତ ହୁଏ ତଥା ମାର୍ଜିତ ନୂତନ ଜ୍ଞାନ ପ୍ରସ୍ତୁତ ହୁଏ । ଏଣୁ, ସମାଜ ବୈଜ୍ଞାନିକ ସୂତ୍ରର ନିର୍ମାଣରେ ତଥ୍ୟାତ୍ମକ ଏକୀକରଣ ଏକ ଉଦ୍ଦେଶ୍ୟ ଅଟେ ।

(ଘ) **ଏହା ନୈତିକ ତତ୍ତ୍ୱ ବିହୀନ :** କୌଣସି ସାମାଜିକ କାର୍ଯ୍ୟ ଭଲ କି ମନ୍ଦ ଏହି ସଂପର୍କୀୟ ପ୍ରଶ୍ନ ସମାଜ ବିଜ୍ଞାନୀ ମାନେ କରନ୍ତି ନାହିଁ । ସେମାନେ ସାମାନ୍ୟତଃ ସେସବୁକୁ କେବଳ ବ୍ୟାଖ୍ୟା କରନ୍ତି । ସମାଜ ବିଜ୍ଞାନୀ କେବଳ ପ୍ରସଙ୍ଗ ସବୁକୁ ବୁଝିବାକୁ ଚେଷ୍ଟା କରନ୍ତି । ମାନବୀୟ ସମ୍ବନ୍ଧର ଅଧ୍ୟୟନ ସମାଜ ବିଜ୍ଞାନର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ଏହି ପରିପ୍ରେକ୍ଷୀରେ ମୋରିସ୍ ଜିନ୍ସବର୍ଗ କୁହନ୍ତି ଯେ ନୈତିକ ସମସ୍ୟାମାନଙ୍କର ସମାଧାନର ଉଦ୍ୟମ ନିରପେକ୍ଷ ଭାବରେ ହେବା ଉଚିତ । କେବଳ ଘଟଣା ଓ ପରିସ୍ଥିତିର ସଂପୂର୍ଣ୍ଣ ଜ୍ଞାନ ଆଧାରିତ ବସ୍ତୁନିଷ୍ଠତା ଏବଂ ତାର୍କିକତା ହିଁ ସମାଜ ବିଜ୍ଞାନ ପାଇଁ ବୈଜ୍ଞାନିକ ପ୍ରତିଷ୍ଠା ସୁନିଶ୍ଚିତ କରିପାରିବ ।

## ୧.୪ ସମାଜ ବିଜ୍ଞାନ : ଭିନ୍ନ ଭିନ୍ନ ପରିଦୃଶ୍ୟ

ସମାଜ ବୈଜ୍ଞାନିକ ପରିଦୃଶ୍ୟ ହେଉଛି ସମାଜ ସମ୍ବନ୍ଧୀୟ ବ୍ୟାପକ ଧାରଣା ଓ ସାମାଜିକ ବ୍ୟବହାର ଯାହାକି ନିର୍ଦ୍ଦିଷ୍ଟ ସମସ୍ୟା ସବୁର ସମାଧାନ ପାଇଁ ଦୃଷ୍ଟିକୋଣ ପ୍ରଦାନ କରନ୍ତି । ସମାଜ ବିଜ୍ଞାନରେ ଦୁଇଟି ମୁଖ୍ୟ ବିବରଣାତ୍ମକ ପରିଦୃଶ୍ୟ ରହିଛି - ସେମାନେ ହେଲେ ପ୍ରତ୍ୟକ୍ଷ ବାଦୀ (ପରଂପରା ବାଦୀ ବୈଜ୍ଞାନିକ ପରିଦୃଶ୍ୟ) ଓ ଘଟଣା-କ୍ରିୟା-ବିଜ୍ଞାନ ବାଦୀ । ଅନ୍ୟ ବିଷୟମାନଙ୍କ ଭଳି ସମାଜ ବିଜ୍ଞାନରେ ମଧ ଘଟଣାବଳୀକୁ ବୁଝିବା ଓ ବୁଝାଇବାର ଭିନ୍ନ ଭିନ୍ନ ଉପାୟ ରହିଛି । ସାଧାରଣତଃ, ଏହି ସମାଜ ବିଜ୍ଞାନ ସମ୍ବନ୍ଧୀ ପରିଦୃଶ୍ୟମାନଙ୍କର ଆମ ଦୈନନ୍ଦିନ ଜୀବନରେ କୌଣସି ଭୂମିକା ଅଛି କି ନାହିଁ ଏହା ଜାଣିବା ନିଷ୍ପ୍ରୟୋଜନ ।

### ୧.୪.୧ ପ୍ରତ୍ୟକ୍ଷବାଦ (Positivism)

ପ୍ରତ୍ୟକ୍ଷବାଦ ସମାଜ ବିଜ୍ଞାନର ଏକ ପାରଂପରିକ ପଦ୍ଧତି ଅଟେ, ଯାହାକି ଅଗଷ୍ଟ କମଟ୍‌ଙ୍କ ସହିତ ସମ୍ବନ୍ଧିତ । ସାମାଜିକ ତଥ୍ୟ ସମ୍ବନ୍ଧୀୟ ବିବରଣୀ ପ୍ରଦାନ ଉପରେ କମଟ୍‌ଙ୍କର ଗୁରୁତ୍ୱ, ନିଶ୍ଚିତ ଭାବରେ ପ୍ରାକୃତିକ ବିଜ୍ଞାନ କ୍ଷେତ୍ରରେ ସଠିକତା ଓ ବସ୍ତୁନିଷ୍ଠତା ଠାରୁ ଅନୁପ୍ରେରିତ । ବୈଜ୍ଞାନିକ ପଦ୍ଧତିରେ ତର୍କର ଉପଯୋଗର ବିଶେଷତ୍ୱ ରହିଛି । ଏହିଭଳି ବୈଜ୍ଞାନିକ ଗବେଷଣା ଭିତ୍ତିକ ଜ୍ଞାନ ପାଇଁ କମଟ୍‌ଙ୍କର ଅବଦାନ ବହୁ ପ୍ରଶଂସିତ । ସଂଗୃହିତ ତଥ୍ୟର ସଠିକତା ପରୀକ୍ଷଣ ଓ ବୈଧିକରଣ ପାଇଁ ପ୍ରତ୍ୟକ୍ଷବାଦ ପଦ୍ଧତି ଅତିଆବଶ୍ୟକ ଅଟେ । ଏହି ପଦ୍ଧତିର ସାର୍ବଜନୀନ ପ୍ରୟୋଗ ଓ କାର୍ଯ୍ୟାନ୍ୱୟନ ରହିଛି ।



ଟୀପ୍ପଣୀ

ସାମାଜିକ ଗବେଷଣାରେ ନିରପେକ୍ଷତା ଓ ବସ୍ତୁନିଷ୍ଠତାର ଆବଶ୍ୟକତା ଉପରେ ପ୍ରତ୍ୟକ୍ଷବାଦ ଗୁରୁତ୍ୱ ଦିଏ । ଏହା ପ୍ରାକୃତିକ ବିଜ୍ଞାନର ପଦ୍ଧତିର ଅନୁକରଣ କରିଥାଏ ।

୧ - ପ୍ରସଙ୍ଗ / ସମସ୍ୟା ଚୟନ

୨ - ତଥ୍ୟ ସଂଗ୍ରହ

୩ - ବ୍ୟାଖ୍ୟାତ୍ମକ ପରିକଳ୍ପନା

୪ - ପରିକଳ୍ପନା ପରୀକ୍ଷଣର ପଦ୍ଧତି

୫ - ଫଳାଫଳର ବିଶ୍ଳେଷଣ

୬ - ପୁନଃପରୀକ୍ଷଣ (ଯଦି ଆବଶ୍ୟକ ହୁଏ)

୭ - ଫଳାଫଳର ବ୍ୟାଖ୍ୟା (ରିପୋର୍ଟିଙ୍ଗ)

**ନିହିତାର୍ଥ :** ପ୍ରତ୍ୟକ୍ଷବାଦ ଅନୁସାରେ ଏକ ବସ୍ତୁନିଷ୍ଠ ଜଗତ ଅଛି, ଯାହାକୁ କି ବସ୍ତୁନିଷ୍ଠ ଓ ବୈଜ୍ଞାନିକ ଆଧାରରେ ବୁଝିହେବ ।

ସମାଜ ବିଜ୍ଞାନର ପ୍ରତ୍ୟକ୍ଷବାଦୀ ବିଚାରଧାରାରେ ଦୁଇଟି ମୁଖ୍ୟ ତତ୍ତ୍ୱାତ୍ମକ ପରିଦୃଶ୍ୟ (theoretical perspective) ରହିଛି, ଯେଉଁମାନେ କି ବୈଜ୍ଞାନିକ ଟେକ୍‌ନିକ ଆଧାରରେ ନିଜର ଫଳାଫଳ ପ୍ରସ୍ତୁତ କରନ୍ତି ।

୧. **ପ୍ରକାର୍ଯ୍ୟବାଦୀ ପରିଦୃଶ୍ୟ (Functionalist Perspective) :** ପ୍ରକାର୍ଯ୍ୟାତ୍ମକ ବିଶ୍ଳେଷଣ, (ଯାହାକୁ ପ୍ରକାର୍ଯ୍ୟବାଦ ଓ ସଂରଚନାତ୍ମକ ପ୍ରକାର୍ଯ୍ୟବାଦ ମଧ୍ୟ କୁହାଯାଏ), ସମାଜ ବିଜ୍ଞାନର ଉତ୍ପତ୍ତିରେ ଗଭୀର ଭାବରେ ଜଡ଼ିତ । ପ୍ରକାର୍ଯ୍ୟାତ୍ମକ ପରିଦୃଶ୍ୟର ପ୍ରତିଷ୍ଠାତା ହେଲେ ଇମାଇଲ ଡୁର୍ଖିମ ଓ ହରବର୍ଟ ସ୍ପେନସର । ସେମାନଙ୍କ ଦୃଷ୍ଟିରେ ସମାଜ ଏକ ସ୍ୱନିୟନ୍ତ୍ରକ, ସ୍ୱପରିଚାଳକ ସମାଜ ବ୍ୟବସ୍ଥା, ଯାହାର କିଛି ମୌଳିକ ଆବଶ୍ୟକତା ଅଛି, ଯେପରିକି ସାମାଜିକ ବ୍ୟବସ୍ଥାର ସଂରକ୍ଷଣ, ସେବା ଓ ବସ୍ତୁ ମାନଙ୍କର ଯୋଗାଣ ଏବଂ ଶିଶୁମାନଙ୍କୁ ସୁରକ୍ଷା ପ୍ରଦାନ । ଯଦି ଏହି ଆବଶ୍ୟକତା ମାନ ପୂରଣ ହୁଏ, ତେବେ ସେମାନଙ୍କ ଅନୁସାରେ ସମାଜର ଭାରସାମ୍ୟ ରହିବ । ମୋଟାମୋଟି ଭାବେ କହିବାକୁ ଗଲେ ପ୍ରକାର୍ଯ୍ୟବାଦୀ ପରିଦୃଶ୍ୟ ସାମାଜିକ ବ୍ୟବସ୍ଥାର ସ୍ଥାୟିତ୍ୱ ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ ।

୨. **ସଂଘର୍ଷ ପରିଦୃଶ୍ୟ (Conflict Perspective) :** ସଂଘର୍ଷ ତତ୍ତ୍ୱବାଦୀମାନେ ସାମାଜିକ ଅସମାନତା ଉପରେ ଗୁରୁତ୍ୱ ଦିଅନ୍ତି ଏବଂ ସମାଜକୁ ଏପରି ବ୍ୟକ୍ତି ଓ ସମୂହ ମାନଙ୍କର ଦ୍ୱାରା ଗଠିତ ଏକ ବ୍ୟବସ୍ଥା ମାନନ୍ତି, ଯେଉଁମାନେ କି ଦୁର୍ଲଭ ସମ୍ବଳମାନଙ୍କ ପାଇଁ ପ୍ରତିଯୋଗିତା କରନ୍ତି । ଏହି ସମୂହ ମାନେ ବାହ୍ୟ ଦୃଷ୍ଟିକୋଣରୁ ପରସ୍ପର ସମ୍ବଳମାନଙ୍କ ଉପରେ ନିୟନ୍ତ୍ରଣ ପାଇଁ ପ୍ରତିଯୋଗିତାତ୍ମକ ସଂଘର୍ଷ କରୁଥା'ନ୍ତି । ଆଧୁନିକ ସମାଜରେ କାର୍ଲମାର୍କ୍ସ, 'ବୁର୍ଜୁଆ' (ଉତ୍ପାଦନ ବ୍ୟବସ୍ଥାର ମାଲିକ) ଓ 'ସର୍ବହରା' (ଏହି ମାଲିକମାନଙ୍କ ପାଇଁ କାମ କରୁଥିବା ଶ୍ରମିକ) ମଧ୍ୟରେ ହେଉଥିବା ସଂଘର୍ଷ ଉପରେ ଗୁରୁତ୍ୱ ଆରୋପ କରିଥିଲେ । କିନ୍ତୁ ସାଂପ୍ରତିକ ଦ୍ୱନ୍ଦ୍ୱାତ୍ମକ ତତ୍ତ୍ୱବାଦୀମାନେ ଏହି ପରିଦୃଶ୍ୟର ସଂପ୍ରସାରଣ କରି, ଏଥିରେ କ୍ଷୁଦ୍ର ସମୂହ ଓ ମୌଳିକ ସଂପର୍କ ସବୁକୁ ସ୍ଥାନିତ କରିଛନ୍ତି ।



ଟୀପ୍‌ପଣୀ

## ୧-୪-୨ ଘଟଣା କ୍ରିୟା ବିଜ୍ଞାନ (ବ୍ୟାଖ୍ୟାତ୍ମକ ପରିଦୃଶ୍ୟ)

ଦ୍ୱିତୀୟ ତତ୍ତ୍ୱାତ୍ମକ ପରିଦୃଶ୍ୟକୁ ଘଟଣା-କ୍ରିୟା-ବିଜ୍ଞାନ (Phenomenology) କୁହାଯାଏ । ଏହାର ଉତ୍ପତ୍ତି ମୁଖ୍ୟତଃ ମାକ୍ସ ୱେବରଙ୍କ ଦ୍ୱାରା ହୋଇଥିଲା । ଘଟଣା କ୍ରିୟା ବିଜ୍ଞାନୀ, କର୍ତ୍ତାର ନିଜସ୍ୱ ସ୍ଥିତି, ପରିସ୍ଥିତି ଆଧାରରେ ମାନବୀୟ ବ୍ୟବହାରକୁ ବୁଝିବାକୁ ଚେଷ୍ଟା କରେ । ଏହିଭଳି ଘଟଣା-କ୍ରିୟା-ବିଜ୍ଞାନୀମାନେ ଏହି ପାର୍ଥିବ ଜଗତର ସ୍ୱାଭାବିକ ଅନୁଭୂତିକୁ ଗୁରୁତ୍ୱ ଦିଅନ୍ତି । ସେମାନଙ୍କ ପାଇଁ ଲୋକମାନେ ଯାହା ବୁଝନ୍ତି ଓ ମାନନ୍ତି ତାହାହିଁ ବାସ୍ତବିକତା । ଏଣୁ ଏହି ପରିଦୃଶ୍ୟରେ ଅଧ୍ୟୟନର ବସ୍ତୁନିଷ୍ଠ ପଦ୍ଧତିର ବିକାଶ ଉପରେ କମ୍ ଗୁରୁତ୍ୱ ଦିଆଯାଏ ଓ ଯେଉଁ ମାନଙ୍କର ଅଧ୍ୟୟନ କରାଯାଏ, ଏହି ପୃଥିବୀକୁ ସେହିମାନଙ୍କ ଦୃଷ୍ଟିରେ ଦେଖିବାକୁ ଗୁରୁତ୍ୱ ଦିଆଯାଏ । ଏଣୁ ଏହି ପରିଦୃଶ୍ୟ, କର୍ତ୍ତାମାନଙ୍କର ସ୍ୱକୀୟ ବିଶେଷ ଅନୁଭୂତିର ବ୍ୟାଖ୍ୟା ଉପରେ ଗୁରୁତ୍ୱ ଆରୋପ କରେ ।

**ନିହିତାର୍ଥ :** ଏହି ପଦ୍ଧତି ଅନୁସାରେ କର୍ତ୍ତାମାନଙ୍କର ଦୃଷ୍ଟିକୋଣ ଓ ପର୍ଯ୍ୟବେକ୍ଷଣ ଆଧାରରେ ସମାଜର ଗଠନ ହୁଏ । ବସ୍ତୁନିଷ୍ଠ ଅର୍ଥରେ ସାମାଜିକ ପୃଥିବୀର କୌଣସି ଅର୍ଥ ଓ ଅସ୍ତିତ୍ୱ ନାହିଁ ।

ଆଲୋଚିତ ପ୍ରତ୍ୟେକ ସାମାଜିକ ପରିଦୃଶ୍ୟ ସାମାଜିକ ବାସ୍ତବିକତାର ଭିନ୍ନ ଭିନ୍ନ ଦିଗ ଉପରେ ଆଲୋକପାତ କରନ୍ତି । ପ୍ରକାର୍ଯ୍ୟାତ୍ମକ ପରିଦୃଶ୍ୟ ସାମାଜିକ ବ୍ୟବସ୍ଥା ଓ ସ୍ଥାୟିତ୍ୱ ଉପରେ, ସଂଘର୍ଷ ପରିଦୃଶ୍ୟ ସାମାଜିକ ଉତ୍ତେଜନା ଓ ପରିବର୍ତ୍ତନ ଉପରେ, ଏବଂ ଘଟଣା କ୍ରିୟା ପରିଦୃଶ୍ୟ ସାମାଜିକ ବାସ୍ତବିକତାକୁ ନେଇ ବ୍ୟକ୍ତି / କର୍ତ୍ତାର ସ୍ୱକୀୟ ଅନୁଭୂତି ଉପରେ ଗୁରୁତ୍ୱ ଦିଅନ୍ତି । ଏହି ପ୍ରତ୍ୟେକ ପରିଦୃଶ୍ୟ ସମାଜର ପ୍ରକୃତିକୁ ବୁଝିବା ଓ ବିଶ୍ଳେଷଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି ।

### ପାଠ୍ୟଖଣ୍ଡ ଅନ୍ତର୍ଗତ ପ୍ରଶ୍ନାବଳୀ ୧.୨

**ନିମ୍ନରେ ଦିଆଯାଇଥିବା ଶୂନ୍ୟସ୍ଥାନ ପୂରଣ କରନ୍ତୁ -**

୧- ଅନ୍ୱେଷଣର ବସ୍ତୁନିଷ୍ଠ ପଦ୍ଧତିର ପ୍ରୟୋଗକୁ --------------- କୁହାଯାଏ ।

୨- ସମାଜ ବିଜ୍ଞାନ ର ପାରମ୍ପରିକ ପଦ୍ଧତିକୁ ------- କୁହାଯାଏ ।

୩- ପ୍ରକାର୍ଯ୍ୟ ବାଦ ------- ଓ ----- ଉପରେ ଗୁରୁତ୍ୱ ଆରୋପ କରେ ।

୪- ସମାଜ ଶାସ୍ତ୍ରିକ ପରିଦୃଶ୍ୟମାନେ ସମାଜ ଓ ସାମାଜିକ ବ୍ୟବହାର ବିଷୟରେ ବ୍ୟାପକ -------- ଅଟନ୍ତି ।

---

## ୧.୫ ସମାଜ ବିଜ୍ଞାନର ପରିସର (Scope of Sociology)

ସମାଜ ବିଜ୍ଞାନ ହେଉଛି ମାନବ ସମାଜର ଏକ ବ୍ୟବସ୍ଥିତ ଓ ବସ୍ତୁନିଷ୍ଠ ଅଧ୍ୟୟନ । ସମାଜ ବିଜ୍ଞାନୀମାନେ ବ୍ୟକ୍ତିର ସାମାଜିକ କାର୍ଯ୍ୟ, ଆଚରଣକୁ ଅଧ୍ୟୟନ କରନ୍ତି । ସାମାଜିକ ସଂପର୍କ, ଯେପରିକି ସ୍ୱାମୀ-ସ୍ତ୍ରୀ ର ସଂପର୍କ, ଶିକ୍ଷକ-ଛାତ୍ରର ସଂପର୍କ, କ୍ରେତା-ବିକ୍ରେତା ର ସଂପର୍କ, ଏବଂ ସାମାଜିକ ପ୍ରକ୍ରିୟା ମାନ, ଯେପରିକି ସହଯୋଗିତା, ପ୍ରତିଯୋଗିତା, ସଂଘର୍ଷ ଓ ସଂଗଠନ ସମୁଦାୟ ଓ ରାଷ୍ଟ୍ର ଏବଂ ସାମାଜିକ ସଂରଚନା (ପରିବାର, ଶ୍ରେଣୀ, ରାଜ୍ୟ), ଏ ସମସ୍ତ ସମାଜ ବୈଜ୍ଞାନିକ ଅଧ୍ୟୟନର ଭିତ୍ତି ଅଟେ ।



ଟୀପ୍ପଣୀ

ପ୍ରତିମାନ ଓ ମୂଲ୍ୟବୋଧମାନଙ୍କ ଦ୍ୱାରା ନିର୍ଦ୍ଦେଶିତ ବ୍ୟାଖ୍ୟାମାନ ସାମାଜିକ ଅନୁଷ୍ଠାନମାନଙ୍କୁ ଜନ୍ମ ଦିଏ । ଏଥିପାଇଁ ସମାଜ ବିଜ୍ଞାନକୁ ସଂପୂର୍ଣ୍ଣ ସାମାଜିକ ଜୀବନର ଅଧ୍ୟୟନ କୁହାଯାଏ । ସମାଜ ବିଜ୍ଞାନର ଏକ ବ୍ୟାପକ ଦୃଷ୍ଟିକୋଣ ରହିଛି । ଏହା ସାମାଜିକ ସଂପର୍କ, ଅନୁଷ୍ଠାନ ଓ ସଂଘକୁ ଶ୍ରେଣୀ ବିଭାଗ କରେ ।

ଯଦିବା ସମାଜ ବିଜ୍ଞାନର ବିଷୟ ବସ୍ତୁକୁ ନେଇ କୌଣସି ମତୈକ୍ୟ ନାହିଁ, ତେବେବି ସମାଜ ବିଜ୍ଞାନକୁ ଆନ୍ତଃ କ୍ରିୟା ବ୍ୟବସ୍ଥା, (ଯାହାକି ସାମାଜିକ ଅନୁଷ୍ଠାନର ରୂପରେଖ ନିରୂପଣ କରେ)ର ଏକ ପ୍ରକ୍ରିୟା ଭାବରେ ଗ୍ରହଣ କରାଯାଏ । ତେଣୁ ଆମେ ସମାଜ ବିଜ୍ଞାନକୁ ସାମାଜିକ ସଂଗଠନ, ସାମାଜିକ ସଂରଚନା ଓ ପ୍ରତିମାନୀୟ ବ୍ୟବସ୍ଥାର ଅଧ୍ୟୟନ ବୋଲି କହିପାରିବା ।

### ୧.୫.୧ ସାମାଜିକ ସଂଗଠନ (Social organization)

ସମାଜର ଭିନ୍ନ ଭିନ୍ନ ଅଂଗ ମଧ୍ୟରେ ଥିବା ପରସ୍ପର ନିର୍ଭରଶୀଳତାକୁ ଆମେ ସାମାଜିକ ସଂଗଠନ କହିଥାଉ । ଏହା ସମୂହ, ସମୁଦାୟ ଓ ଦଳ ସମାନଙ୍କର (ସମାଜର ସ୍ଥାୟୀ ସାମାଜିକ ଅସ୍ତିତ୍ୱ) ଏକ ନିହାତି ଆବଶ୍ୟକ ଲକ୍ଷଣ ଅଟେ । ହରବଟ ସ୍ପେନସର ଆର୍ଥିକ, ରାଜନୈତିକ ଏବଂ ଅନ୍ୟ ସାମାଜିକ ବିଭାଗ ମାନଙ୍କର ଅନ୍ତଃ ସମ୍ବନ୍ଧ (ସଂହତି, ବିଭାଗୀକରଣ)କୁ ସୂଚାଇବା ପାଇଁ "ସାମାଜିକ ସଂଗଠନ" ଶବ୍ଦର ପ୍ରୟୋଗ କରିଛନ୍ତି । ଇମାଇଲ ଡୁର୍ଖିମ ଙ୍କ ମତରେ ସମାଜିକ ସଂଗଠନ ହେଉଛି, ନୈତିକତା ଓ ମୂଲ୍ୟବୋଧ ଭିତ୍ତିରେ, ସହମତି ମାଧ୍ୟମରେ ସମାଜରେ ସଂହତି ସ୍ଥାପନ ଓ ନିୟନ୍ତ୍ରଣ । ସଂପ୍ରତି, କଳକାରଖାନା ଓ ଡାକ୍ତରଖାନାର କର୍ମଚାରୀ ସମୂହ ଠାରୁ ଆରମ୍ଭକରି ବିରାଟ ସମାଜ ଓ ସଂଗଠନ ସ୍ଥିତ ଭିନ୍ନ ଭିନ୍ନ ଛୋଟ ବଡ ସମୂହ ମାନଙ୍କର ଅଂଗ ମାନଙ୍କର ପରସ୍ପର ନିର୍ଭରଶୀଳତାକୁ ସାମାଜିକ ସଂଗଠନର ଆଖ୍ୟା ଦିଆଯାଉଛି ।

### ୧.୫.୨ ସାମାଜିକ ସଂରଚନା (Social structure)

ସାମାଜିକ ସଂରଚନା ହେଉଛି ବ୍ୟକ୍ତିମାନଙ୍କ ମଧ୍ୟରେ ଥିବା ଅନ୍ତଃ ସମ୍ବନ୍ଧର ଏକ ଧାରା । ପ୍ରତ୍ୟେକ ସମାଜର ନିଜର ଏକ ସାମାଜିକ ସଂରଚନା ଅଛି, ଯାହାକି ନିଜର ଶକ୍ତି ଓ ସ୍ଥିତି ସମ୍ବନ୍ଧୀୟ ମୁଖ୍ୟ ଅନୁଷ୍ଠାନ ମାନଙ୍କର ଓ ସମୁହମାନଙ୍କର ଏକ ଜଟିଳ ସମାହାର ଅଟେ । ଏହା କୁହାଯାଏ ଯେ ସାମାଜିକ ସଂରଚନା ହେଉଛି ମାନବ ଶରୀର ଗଠନ (Anatomy) ଏବଂ ମାନବ ଶରୀର ବିଜ୍ଞାନର ଅଧ୍ୟୟନ ସହିତ ଏକ ତୁଳନୀୟ ବିଷୟ ।

### ୧.୫.୩ ସାମାଜିକ ଅନୁଷ୍ଠାନ (Social Institation)

ସାମାଜିକ ଅନୁଷ୍ଠାନ ହେଉଛି ଏକ କାର୍ଯ୍ୟ ବିଧି, ଏକ ସାମୁହିକ ରୀତି ଏବଂ ଏକ ଉପକରଣ ଯାହାକୁ ଏକ ସମୟାବଧିରେ ସଂଗୃହୀତ ପ୍ରଥା ଓ କାର୍ଯ୍ୟଶୈଳୀର ଏକ ପ୍ରତିରୂପ ଭାବରେ ବିବେଚନା କରାଯାଏ । ପ୍ରତ୍ୟେକ ସମାଜରେ ଲୋକମାନେ ନିଜର ବଞ୍ଚିରହିବାର ଆବଶ୍ୟକତାର ପରିପୂର୍ତ୍ତିପାଇଁ ଅନୁଷ୍ଠାନ ସୃଷ୍ଟି କରନ୍ତି । ଅନୁଷ୍ଠାନମାନେ ମାନବୀୟ ପାରସ୍ପରିକ ଜୀବନ ଶୈଳୀର ଉପକରଣ ଅଟନ୍ତି । ଏଣୁ ଅନୁଷ୍ଠାନକୁ ପ୍ରତିମାନ, ମୂଲ୍ୟବୋଧ ଓ ଭୂମିକା ମାନଙ୍କର ଏକ ସ୍ଥାୟୀ ସମୁହ କୁହାଯାଏ ।

### ୧.୫.୪ ସଂସ୍କୃତି (Culture)

ସଂସ୍କୃତି କହିଲେ ଧର୍ମ, ରୀତି-ନୀତି, ଆସ୍ଥା, ପ୍ରତୀକ ଓ କଳାକୃତି ମାନଙ୍କର ଏକ ଜଟିଳ ସମାହାରକୁ ବୁଝାଏ । ପ୍ରକୃତରେ ଦେଖିବାକୁ ଗଲେ ସଂସ୍କୃତି ହେଉଛି ଦୈନନ୍ଦିନ ଜୀବନର ଏକ ମାର୍ଗଦର୍ଶକ । ତେଣୁ



ଟୀପ୍‌ପଣୀ

ସଂସ୍କୃତି ଏକ ସାମାଜିକ ଧାରଣା ଅଟେ । ଏହା ମାନବ ଜୀବନ ଓ ଏହାର ଭିନ୍ନ ଭିନ୍ନ ଶାଖା ମାନଙ୍କୁ ରୂପ-ପ୍ରତିରୂପ ଦେବାର ଏକ ଉପକରଣ ଅଟେ । ସାମାଜିକୀକରଣ ପ୍ରକ୍ରିୟା ଦ୍ୱାରା ସଂସ୍କୃତି ଏକ ପିଢୀରୁ ଅନ୍ୟ ପିଢ଼ୀକୁ ହସ୍ତାନ୍ତରିତ ହୁଏ ।

## ୧.୬ ସମାଜ ବିଜ୍ଞାନର ପ୍ରାସଙ୍ଗିକତା (Relevance of Sociology)

ସମାଜ ବିଜ୍ଞାନ ହେଉଛି ଏପରି ଏକ ବିଷୟ ଯାହାର ଆମ ଜୀବନରେ ମହତ୍ତ୍ୱପୂର୍ଣ୍ଣ ବ୍ୟାବହାରିକ ପ୍ରାସଙ୍ଗିକତା ରହିଛି । ଏହା ସାମାଜିକ ସମାଲୋଚନା ଓ ବ୍ୟାବହାରିକ ସମାଜ ସଂସ୍କାରରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ କରିପାରିବ । ସେସବୁ ହେଲା -

୧. ସମାଜ ବିଜ୍ଞାନ ସମାଜର ସାଂପ୍ରତିକ ପରିସ୍ଥିତିକୁ ବୁଝିବାକୁ ଓ ଏହାକୁ ନିୟନ୍ତ୍ରଣ କରିବାକୁ ଉପଯୁକ୍ତ ସୁଯୋଗ ପ୍ରଦାନ କରେ ।

୨. ସମାଜ ଶାସ୍ତ୍ର ଆମର ସାଂସ୍କୃତିକ ସମ୍ବେଦନଶୀଳତାକୁ ବଢାଇବାର ମାଧ୍ୟମ ପ୍ରଦାନ କରେ, ଯାହା ମାଧ୍ୟମରେ ଭିନ୍ନ ଭିନ୍ନ ସାଂସ୍କୃତିକ ମୂଲ୍ୟବୋଧ ପ୍ରତି ସଚେତନତା ଆଧାରରେ, ନୀତି ନିର୍ଦ୍ଧାରଣ କରାଯାଇ ପାରିବ ।

୩. ଆମେ ଏକ ନିର୍ଦ୍ଦିଷ୍ଟ ନୀତିଗତ କାର୍ଯ୍ୟକ୍ରମ ଲାଗୁ କରିବାର ପରିଣାମର ଅଧ୍ୟୟନ କରିପାରିବା ।

୪. ଶେଷରେ, ସମ୍ଭବତଃ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ହେଉଛି ସମାଜ ବିଜ୍ଞାନ, ଆତ୍ମଜ୍ଞାନ ପ୍ରଦାନ କରେ ଯାହାର ଆଲୋକରେ ବ୍ୟକ୍ତି ଓ ସମୁହ ମାନେ ନିଜ ଜୀବନର ସ୍ଥିତିକୁ ସୁଧାରିବାର ସୁଯୋଗ ପାଆନ୍ତି ।

## ପାଠ୍ୟଗତ ପ୍ରଶ୍ନାବଳୀ ୧.୩

**ନିମ୍ନୋକ୍ତ ପ୍ରଶ୍ନମାନଙ୍କର ଉତ୍ତର ୧ ରୁ ୮ ଧାଡ଼ିରେ ଦିଅନ୍ତୁ ।**

୧ - ସମାଜ ବିଜ୍ଞାନର ପରିସର କ'ଣ ?

୨- ଦୈନିକ ଜୀବନରେ ସମାଜ ବିଜ୍ଞାନର କ'ଣ ପ୍ରାସଙ୍ଗିକତା ରହିଛି ?

୩ - ବିଜ୍ଞାନର ଚାରିଟି ଲକ୍ଷଣ କ'ଣ ?

## କ'ଣ ଶିଖିଲେ

- ➪ ସମାଜବିଜ୍ଞାନର ଉତ୍ପତ୍ତି ଆଧୁନିକ ଔଦ୍ୟୋଗିକ ସମାଜର ବିକାଶ ସହିତ ହୋଇଥିଲା ଏବଂ ଏହି ସମାଜ ମାନଙ୍କର ଅଧ୍ୟୟନ ହିଁ ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।
- ➪ ଏକ ବିଷୟ ଭାବରେ ସମାଜ ଶାସ୍ତ୍ରର ସ୍ୱଷ୍ଟ ବୈଜ୍ଞାନିକ ପ୍ରତିଷ୍ଠା ରହିଛି, ଯାହା ସମାଜ ଓ ଏହାର ପ୍ରକାର ଭେଦର ଅଧ୍ୟୟନ ସମ୍ବନ୍ଧୀୟ ମୌଳିକ ଧାରଣା, ଦୃଷ୍ଟିକୋଣ ଓ ଏହାର ଶ୍ରେଣୀ ବିଭାଗ ଉପରେ ଆଧାରିତ ।



ଟୀପ୍ପଣୀ

➪ କମ୍‌ଟ୍, ସ୍ପେନସର, ମାର୍କ୍ସ, ଡୁର୍ଖିମ ଓ ୱେବରଙ୍କର ଦୃଷ୍ଟିକୋଣରୁ ଏହା ସୁସ୍ପଷ୍ଟ ଯେ ସମାଜ ବିଜ୍ଞାନ ଏକ ବିଜ୍ଞାନ ହେବା ସଙ୍ଗେ ସଙ୍ଗେ ମାନବୀୟ ସମସ୍ୟାମାନଙ୍କର ସମାଧାନ ମଧ୍ୟ କରେ ।

➪ ସମାଜ ବିଜ୍ଞାନର ପରିସର ଅତି ବ୍ୟାପକ । ଏଥିରେ ସାଧାରଣତଃ, ସମାଜ ଓ ବ୍ୟକ୍ତି ମାନଙ୍କ ଦୃଷ୍ଟିକୋଣରୁ ସାମାଜିକ ସମ୍ବନ୍ଧ ମାନଙ୍କର ଅଧ୍ୟୟନ ହୋଇଥାଏ ।

## ପାଠ୍ୟାନ୍ତ ପ୍ରଶ୍ନାବଳୀ

୧. ସମାଜବିଜ୍ଞାନର ତାତ୍ପର୍ଯ୍ୟ କ'ଣ ?

୨. ସାମାଜିକ ପରିଦୃଶ୍ୟର ବିଶେଷତା କ'ଣ ?

୩. ଅଗଷ୍ଟ କମ୍‌ଟ୍ ଙ୍କୁ ସମାଜବିଜ୍ଞାନର ଜନକ କାହିଁକି କୁହାଯାଏ ?

୪. ସମାଜବିଜ୍ଞାନ ରେ ଡୁର୍ଖିମଙ୍କର ଅବଦାନ କ'ଣ ?

୫. ସମାଜବିଜ୍ଞାନ କ'ଣ ? ସମାଜବିଜ୍ଞାନର ବୈଜ୍ଞାନିକ ଲକ୍ଷଣ ମାନ ଆଲୋଚନା କର ।

୬. ସମାଜବିଜ୍ଞାନ ର ଭିନ୍ନ ଭିନ୍ନ ପରିଦୃଶ୍ୟକୁ ବୁଝାଅ ।

୭. ସମାଜବିଜ୍ଞାନର ଲକ୍ଷଣ ଓ ପରିସର ବର୍ଣ୍ଣନା କର ।

## ପାଠ୍ୟଗତ ପ୍ରଶ୍ନାବଳୀମାନଙ୍କର ଉତ୍ତର

**୧.୧**

୧. ଭୁଲ

୨. ଠିକ୍

୩. ଠିକ୍

୪. ଭୁଲ

୫. ଠିକ୍

**୧.୨**

୧. ବିଜ୍ଞାନ

୨. ପ୍ରତ୍ୟକ୍ଷବାଦ

୩. ସମାଜିକ ବ୍ୟବସ୍ଥା ଓ ସ୍ଥାୟିତ୍ୱ

୪. ଧାରଣା ମାନ

**୧.୩**

୩. ତତ୍ତ୍ୱାତ୍ମକ, ଅନୁଭବ ଜନ୍ୟ, କ୍ରମବର୍ଦ୍ଧିଷ୍ଣୁ, ନୈତିକ ତତ୍ତ୍ୱ ବିହୀନ ।

## ସହାୟକ ପୁସ୍ତକମାଳା (Book References)

• Bottomore, T. B (1978), Sociology : A Guide to Problems and Literature, Bombay : Blackie and Sons



ଟୀପ୍ପଣୀ


- Giddens, Anthony (1994), Sociology, Oxford Polity Press in association with Blackwell Publishers.
- Johnson, H. M. (1960), Sociology : A Systematic Introduction : Bombay, Allied Publishers Pvt . Ltd.
- Mills, C. Wright (1959), The Sociological Imagination, New York : Oxford University Press.
- Nagla, B .K, and S.B. Singh (2002), Introduction to Sociology, New Delhi, NCERT.



ଟୀପ୍ପଣୀ

**୨**

# ସମାଜ ବିଜ୍ଞାନର ଉତ୍ପତ୍ତି ଓ ବିକାଶ

# (EMERGENCE AND DEVELOPMENT OF SOCIOLOGY)

**ପୂ**ର୍ବ ଅଧ୍ୟାୟରେ ଆପଣମାନେ ସମାଜ ବିଜ୍ଞାନର ପ୍ରକୃତି ଓ ପରିସର ସଂପର୍କରେ ଜାଣିଲେ । ଏହି ଅଧ୍ୟାୟରେ ଆପଣମାନେ ସମାଜ ବିଜ୍ଞାନର ଉତ୍ପତ୍ତି ଓ ବିକାଶ ବିଷୟରେ ଅଧ୍ୟୟନ କରିବେ ।

**ଉଦ୍ଦେଶ୍ୟ :-**

**ଏହି ଅଧ୍ୟାୟ ପଢ଼ିବା ପରେ ଆପଣମାନେ -**

- ➪ ଏକ ବିଷୟ ଭାବରେ ସମାଜବିଜ୍ଞାନର ଉତ୍ପତ୍ତିରେ କାରଣ ସବୁକୁ ବୁଝିପାରିବେ ;
- ➪ ପାଶ୍ଚାତ୍ୟ ଜଗତରେ ସମାଜ ବିଜ୍ଞାନର ଇତିହାସ କୁ ବର୍ଣ୍ଣନା କରିପାରିବେ ; ଏବଂ
- ➪ ଭାରତରେ ସମାଜ ବିଜ୍ଞାନର ଇତିହାସ ଓ ବିକାଶକୁ ବର୍ଣ୍ଣନା କରିପାରିବେ ।

## ୨.୧ ପାଶ୍ଚାତ୍ୟ ଜଗତରେ ସମାଜ ବିଜ୍ଞାନର ଉତ୍ପତ୍ତି :-

ମନୁଷ୍ୟ ସବୁବେଳେ ନିଜର ସମାଜକୁ ଜାଣିବାକୁ ଓ ଏହା ବିଷୟରେ ଚିନ୍ତା କରିବାକୁ ଆଗ୍ରହୀ ରହି ଆସିଛି । ଆମେ ଯଦି ଇତିହାସକୁ ଦେଖିବା, ତେବେ ଜାଣି ପାରିବା ଯେ ଅତୀତରେ ମଧ୍ୟ ଲୋକମାନଙ୍କର ସମାଜବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଥିଲା । ଏହା କୁହାଯାଇ ପାରେ ଯେ ଯଦିବା ଏହି ବିଷୟର ଏକ ଲମ୍ବା ଇତିହାସ ନାହିଁ, ପରନ୍ତୁ ଏହାର ନିଶ୍ଚିତ ଭାବରେ ଏକ ଦୀର୍ଘ ଅତୀତ ରହିଛି । କିଛି ବିଦ୍ୱାନ, ସମାଜ ବିଜ୍ଞାନର ଉତ୍ପତ୍ତିର ସୂଚନା କୌଟିଲ୍ୟଙ୍କର 'ଅର୍ଥଶାସ୍ତ୍ର' ଓ ଆରିଷ୍ଟୋଟଲଙ୍କର "ପଲିଟିକ୍ସ" ରେ ପାଆନ୍ତି । ଉଦାହରଣ ସ୍ୱରୂପ ଆରିଷ୍ଟୋଟଲଙ୍କର ବକ୍ତବ୍ୟ, "ମନୁଷ୍ୟ ଏକ ରାଜନୈତିକ (ଅର୍ଥାତ୍ ସାମାଜିକ) ପ୍ରାଣୀ ଅଟେ", ରେ ସମାଜ ବିଜ୍ଞାନର ଉତ୍ପତ୍ତି ସୂତ୍ର ରହିଛି । ଅନ୍ୟ ଭାଷାରେ କହିଲେ ଏହି ବକ୍ତବ୍ୟ ସମାଜ ବିଜ୍ଞାନର ମୂଳଦୁଆ ପକାଇଥିଲା । କିଛି ଅନ୍ୟ ବିଦ୍ୱାନ ଏହାର ଉତ୍ପତ୍ତି, ଫ୍ରାନ୍ସର ଲେଖକ ତଥା ବୁଦ୍ଧିଜୀବୀ ବିଶେଷକରି ମଣ୍ଟେସ୍କ୍ୟୁଙ୍କର ରଚନା ମାନଙ୍କରେ ନିହିତ ଥିବା କଥା କୁହନ୍ତି, ଯେଉଁଥିରେ କି ଖାଦ୍ୟ ସଂଗ୍ରହକାରୀ ଓ ଶିକାରୀ ମାନେ ସାମିଲ ଥାଇ ସମାଜର ସରଳ ଶ୍ରେଣୀ ବିଭାଗ ହୋଇଥାଏ । ତେଣୁ



ଟୀପ୍‌ପଣୀ

ଆମେ ଯେତେବେଳେ ପ୍ରାଚୀନ ସମାଜକୁ ବୁଝିବାକୁ ଚେଷ୍ଟାକରୁ, ସେତେବେଳେ ଆମେ ପ୍ରାଚୀନ ଉତ୍କୃଷ୍ଟ ସାହିତ୍ୟର ସାହାଯ୍ୟ ନେଇଥାଉ । ତେବେ ଏହା ମଧ୍ୟ ଜାଣିବା ଦରକାର ଯେ କୌଣସି ସମାଜ ଓ ତା'ର ଘଟଣା ସବୁକୁ ବୁଝିବାର ଆଗ୍ରହ, ଓ ସମାଜର ଏକ ତାତ୍ତ୍ୱିକ ଅଧ୍ୟୟନ ଦୁଇଟି ଭିନ୍ନ କଥା । ପ୍ରାରମ୍ଭରୁ ହିଁ ମନୁଷ୍ୟ ନିଜର ସମାଜକୁ ବୁଝିବାକୁ ଆଗ୍ରହୀ ରହିଆସିଛି । କିନ୍ତୁ ସମାଜ ବିଜ୍ଞାନ, 1789 ର ଫ୍ରାନ୍ସ ବିପ୍ଳବ ପରେ, ଏକ ସ୍ୱତନ୍ତ୍ର ବିଷୟ ଭାବରେ ଆତ୍ମପ୍ରକାଶ କଲା ।

| |
|---|
| ଫ୍ରାନ୍ସ ବିପ୍ଳବ ସମାଜରେ ବ୍ୟାପକ ସାମାଜିକ ରାଜନୈତିକ ବିପ୍ଳବ ଆଣିଥିଲା । ଯାହା ପରବର୍ତ୍ତୀ ସମୟରେ ପାରିବାରିକ ଜୀବନ ଓ ଅନ୍ୟ ସାମାଜିକ ସମ୍ବନ୍ଧରେ ବିଘଟନର କାରଣ ହେଲା । |

ଏହି ପୃଷ୍ଠଭୂମିରେ, ତତ୍କାଳୀନ କିଛି ଚିନ୍ତାଶୀଳ ବ୍ୟକ୍ତି ସେମାନଙ୍କର ସମାଜର ପୁନର୍ଗଠନ ପାଇଁ ବ୍ୟସ୍ତ ଥିଲେ । ଏହି ଚିନ୍ତାଶୀଳ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ଥିଲେ କ୍ଲାର୍ଡ଼ ହେନେରି ଡି ସେଣ୍ଟ ସାଇମନ । ସେ କହିଥିଲେ ଯେ ସମାଜରେ ପରିବର୍ତ୍ତନ ଆଣିବା ପାଇଁ ସର୍ବପ୍ରଥମେ ଏହାର ସମସ୍ତ ଦିଗକୁ ଅଧ୍ୟୟନ କରିବା ଉଚିତ ହେବ । ତେବେ ଯାଇ ଆମେ ମୂଳ ସମସ୍ୟାକୁ ଜାଣିପାରିବା । ଏହି ଚିନ୍ତାଧାରାକୁ ତାଙ୍କର ଶିଷ୍ୟ **ଅଗଷ୍ଟ କମ୍‌ଟ୍** (1798 - 1857) ଯେ କି ସମାଜ ବିଜ୍ଞାନର ଜନକ ଭାବେ ପରିଚିତ, ଆଗକୁ ବଢାଇଲେ । ସମାଜର ଅଧ୍ୟୟନରେ ପଦାର୍ଥ ବିଜ୍ଞାନର ପଦ୍ଧତି ସବୁର ଉପଯୋଗ ହୋଇ ପାରିବ ବୋଲି କମ୍‌ଟ୍ ଯୁକ୍ତି କଲେ । ଏହି ପ୍ରକାର ଅଧ୍ୟୟନ ଦ୍ୱାରା ସମାଜର ଉତ୍ପତ୍ତି ସମ୍ବନ୍ଧୀୟ ନିୟମ ପ୍ରକାଶିତ ହେବା ସଙ୍ଗେ ସଙ୍ଗେ ଏହାର କାର୍ଯ୍ୟଶୈଳୀ ବାବଦରେ ମଧ୍ୟ ଜାଣିହେବ । ଏହି ଜ୍ଞାନ ଉପଲବ୍ଧ ହେବା ପରେ ଆମେ ସମାଜକୁ ବୈଜ୍ଞାନିକ ଭିତ୍ତିରେ ନିର୍ମାଣ କରି ପାରିବା । ଅତଏବ ସମାଜକୁ ବୈଜ୍ଞାନିକ ଆଧାରରେ ବୁଝିବା ପରେ ପରେ ସାମାଜିକ ପୁନର୍ଗଠନର କାର୍ଯ୍ୟକ୍ରମ ମାନ ଗ୍ରହଣ କରିହେବ । ପର ପୃଷ୍ଠାମାନଙ୍କରେ ଆମେ ପ୍ରାଚୀନ ଏବଂ ଆଧୁନିକ ସମାଜବୈଜ୍ଞାନିକ ଚିନ୍ତକ ମାନଙ୍କର ଅବଧାରଣା ବିଷୟରେ ଆଲୋଚନା କରିବା ।

**ଅଗଷ୍ଟ କମ୍‌ଟ୍,** ଯିଏ ସମାଜ ବିଜ୍ଞାନର ନାମକରଣ କରିଥିଲେ ଓ ସମାଜର ବିକାଶର ତିନିଟି ସ୍ତର ବିଷୟରେ ଧାରଣା ଦେଇଥିଲେ ।

### ତ୍ରିସ୍ତରୀୟ ନିୟମ (Law of three stages) :

**ଧର୍ମ ତାତ୍ତ୍ୱିକ ସ୍ତର (Theological state) -** ପ୍ରଥମ ତଥା ଧର୍ମତାତ୍ତ୍ୱିକ ସ୍ତରରେ ଧାର୍ମିକ ଆଧାରରେ ସମାଜର ଘଟଣାବଳୀର ବ୍ୟାଖ୍ୟା କରାଗଲା ।

**ଆଧ୍ୟାତ୍ମିକ ସ୍ତର (Metaphysical stage)-** ଦ୍ୱିତୀୟ ତଥା ଆଧ୍ୟାତ୍ମିକ ସ୍ତରରେ ସମସ୍ତ ଦାର୍ଶନିକ ବ୍ୟାଖ୍ୟା କରାଗଲା ।

**ପ୍ରତ୍ୟକ୍ଷ ସ୍ତର (Positivism)** ମାନବୀୟ ଜ୍ଞାନ ବିକାଶର ଅନ୍ତିମ ସ୍ତର, ଯେଉଁଥିରେ ସମାଜ ପ୍ରତି ବୈଜ୍ଞାନିକ ଦୃଷ୍ଟିକୋଣ ରଖି ଘଟଣାବଳୀର ବ୍ୟାଖ୍ୟା କରାଗଲା ।



ଟୀପ୍ପଣୀ

ସମାଜର ଉଦ୍ଭବର ଚିନ୍ତାଧାରା **ହରବର୍ଟ ସ୍ପେନସର**ଙ୍କର ରଚନା ମାଧ୍ୟମରେ ଆହୁରି ବିକଶିତ ହୋଇଥିଲା । ତାଙ୍କର ତିନିଟି ଭାଗ ସମ୍ବଳିତ ପୁସ୍ତକ, ସମାଜବିଜ୍ଞାନର ସିଦ୍ଧାନ୍ତ (Principles of Sociology - 1876, 1882, 1896) ସମାଜର ଉଦ୍ଭବର ସର୍ବ ବ୍ୟାପକତା ସମ୍ବନ୍ଧରେ ଆଲୋକପାତ କରିଥିଲା ।

ସ୍ପେନସର ଦୃଢ଼ ନିଶ୍ଚିତ ଥିଲେ ଯେ 'ଜୀବ' ର ବିକାଶ ଭଳି ସମାଜର ମଧ୍ୟ ବିକାଶ ହୋଇଥାଏ । ସମୟର ପ୍ରବାହ ସଙ୍ଗେ ସଙ୍ଗେ ସମାଜରେ ସବୁଠାରୁ ଯୋଗ୍ୟ ଓ ବୁଦ୍ଧିମାନ ସଦସ୍ୟ ମାନେ ବଳକା ରୁହନ୍ତି ଓ ଅକ୍ଷମ, ଅଯୋଗ୍ୟ ମାନେ ମୃତ୍ୟୁ ବରଣ କରନ୍ତି । ଏହିଭଳି ସମାଜ ମାନେ ଜଟିଳ ଓ ବିଭାଗୀକୃତ ହୋଇ ଯା'ନ୍ତି ।

ସ୍ପେନସର ଏହି ସିଦ୍ଧାନ୍ତକୁ "ବଳବାନ ବଞ୍ଚି ରହେ" (Survival of the fittest) ର ନାମ ଦେଲେ । ସ୍ପେନସର ଏହି ଖଣ୍ଡବାକ୍ୟ ରଚନା କରିଥିଲେ ମଧ୍ୟ ତାଙ୍କର ସମକାଳୀନ ଚିନ୍ତକ ଚାର୍ଲସ ଡାରଉଇନଙ୍କର ନାମ ଏହି) ଖଣ୍ଡବାକ୍ୟ ସହିତ ଯୋଡ଼ା ଯାଏ । ପରବର୍ତ୍ତୀ ସମୟରେ ଡାରଉଇନ କହିଥିଲେ ଯେ ଜୀବ ସମୟକ୍ରମେ ବିକଶିତ ହୁଏ ଓ ନିଜର ବାତାବରଣରେ ବଞ୍ଚିରହିବାକୁ ଚେଷ୍ଟା କରେ । ସ୍ପେନସର ଓ ଡାରଉଇନ ଉଭୟଙ୍କର ଚିନ୍ତାଧାରାରେ ସମାନତା ଥିବାରୁ ସ୍ପେନସରଙ୍କର ସମାଜ ଉଦ୍‌ଭବ ଚିନ୍ତାଧାରା ପରବର୍ତ୍ତୀ ସମୟରେ "ସାମାଜିକ ଡାରଉଇନ୍ ବାଦ" (Social Darwinism) ନାମରେ ବିଖ୍ୟାତ ହୋଇଥିଲା ।

ଆମେରିକାରେ ଅଗଷ୍ଟ କମ୍ତ୍ ଓ ହରବର୍ଟ ସ୍ପେନସରଙ୍କର ସମାଜ ବୈଜ୍ଞାନିକ ସିଦ୍ଧାନ୍ତମାନଙ୍କୁ ଲେଷ୍ଟର ୱାର୍ଡ଼ (Laster, Word, 1814 - 1913) ପରିଚିତ କରାଇଥିଲେ । ସେ 'ଶୁଦ୍ଧ' ଓ 'ପ୍ରୟୋଗାତ୍ମକ' ସମାଜ ବିଜ୍ଞାନ ମଧ୍ୟରେ ପ୍ରଭେଦ ବାହାର କରିଥିଲେ ଏବଂ କହିଥିଲେ ବୈଜ୍ଞାନିକ ପ୍ରକ୍ରିୟାମାନଙ୍କ ଦ୍ୱାରା ସମାଜର ଉନ୍ନତି ହୋଇ ପାରିବ ।

> ସମାଜ ବିଜ୍ଞାନକୁ ଏକ ସ୍ୱତନ୍ତ୍ର ବିଷୟ ଓ ବିଜ୍ଞାନ ଭାବରେ ବିକଶିତ କରିବାର ଶ୍ରେୟ ଇମାଇଲ ଡୁର୍ଖିମ (1858 - 1917) ଙ୍କୁ ଦିଆଯାଏ । ସେ ଜଣେ ଫରାସୀ ସମାଜ ବିଜ୍ଞାନୀ ଥିଲେ । ସେ କେତେକ ପ୍ରସିଦ୍ଧ ପୁସ୍ତକ ରଚନା କରିଥିଲେ ଯାହା ବର୍ତ୍ତମାନ ମଧ୍ୟ ପଢ଼ା ଯାଉଛି, ଯେପରିକି "ସମାଜରେ ଶ୍ରେଣୀ ବିଭାଜନ" (Division of Labour in Society, 1893), "ସମାଜ ବୈଜ୍ଞାନିକ ପଦ୍ଧତିର ନିୟମ" (Rules of Sociological Method, 1895), "ଆତ୍ମହତ୍ୟା : ଏକ ସମାଜ ବୈଜ୍ଞାନିକ ଅଧ୍ୟୟନ" (Suicide : A Study in Sociology, 1897) ଏବଂ "ଧାର୍ମିକ ଜୀବନର ପ୍ରାରମ୍ଭିକ ରୂପ" (Elementary Forms of Religions Life, 1915).

ଡୁର୍ଖିମ କହିଥିଲେ ଯେ ସମାଜ ବିଜ୍ଞାନୀ ସାମାଜିକ ତଥ୍ୟମାନଙ୍କୁ ଅଧ୍ୟୟନ କରନ୍ତି, ଯାହାକି ବସ୍ତୁନିଷ୍ଠ ଅଟେ ଓ ସେସବୁ ସାମୁହିକ ଚେତନାରେ ବିଦ୍ୟମାନ ଥା'ନ୍ତି । ଉଦାହରଣ ସ୍ୱରୂପ ବିବାହର ନିୟମ, ପ୍ରଥା ପରମ୍ପରା ଏବଂ ଅନ୍ୟ ବହୁପ୍ରକାରର ସାମାଜିକ ପରିସଂଖ୍ୟାନ ଇତ୍ୟାଦିକୁ ସାମାଜିକ ତଥ୍ୟ କୁହାଯାଏ । ଏଣୁ ସାମାଜିକ ତଥ୍ୟର ଅସ୍ତିତ୍ୱ ମଣିଷର ମନ ବାହାରେ ଥାଇ ମଧ୍ୟ ଏହା ମାନବୀୟ ଆଚରଣକୁ ନିୟନ୍ତ୍ରିତ କରୁଛି । ଏଣୁ ସାମାଜିକ ତଥ୍ୟମାନେ ବ୍ୟକ୍ତି ଠାରୁ ଉତ୍ପତ୍ତି ହୁଅନ୍ତି ନାହିଁ । ତେବେ ସେମାନଙ୍କର ବ୍ୟାଖ୍ୟା



ଟୀପ୍ପଣୀ



ଅନ୍ୟ ସାମାଜିକ ତଥ୍ୟମାନଙ୍କର ପ୍ରୟୋଗ ଦ୍ୱାରା ହିଁ କରାଯାଏ, ଯେପରିକି ଜୈବିକ, ମନୋବୈଜ୍ଞାନିକ, ପରିବେଶ ଗତ ଓ ଭୌଗଳିକ ତଥ୍ୟ ।

ନିଜର ପୁସ୍ତକରେ ଡୁର୍ଖିମ କହିଛନ୍ତି ଯେ ଆତ୍ମହତ୍ୟା ବ୍ୟକ୍ତି ଦ୍ୱାରା ସଂଘଟିତ ହେଲେ ମଧ୍ୟ ଆତ୍ମହତ୍ୟା ହାର ଏକ ବ୍ୟକ୍ତି-କାର୍ଯ୍ୟ ନୁହେଁ । ପ୍ରତିବର୍ଷ, ପ୍ରତି ଏକ ହଜାର ବ୍ୟକ୍ତି ମଧ୍ୟରୁ ଯେତେ ବ୍ୟକ୍ତି ଆତ୍ମହତ୍ୟା କରନ୍ତି, ତାହାକୁ ଆତ୍ମହତ୍ୟା ହାର କୁହାଯାଏ । ଆତ୍ମହତ୍ୟା ହାର ଏକ ସାମାଜିକ ତଥ୍ୟ । କୌଣସି ବ୍ୟକ୍ତିଗତ ଆତ୍ମହତ୍ୟା ନୁହେଁ । ସମୟ ପ୍ରବାହରେ ଆତ୍ମହତ୍ୟା ହାରରେ ପରିବର୍ତ୍ତନ, ସମାଜରେ ଘଟୁଥିବା ପରିବର୍ତ୍ତନର ଏକ ସୂଚନା । ଏଣୁ ଏକ ପୂର୍ବବର୍ତ୍ତୀ ସାମାଜିକ ତଥ୍ୟ, କୌଣସି ଅନ୍ୟ ସାମାଜିକ ତଥ୍ୟର ବ୍ୟାଖ୍ୟା କରେ । ଡୁର୍ଖିମ କହିଥିଲେ ଯେ ଏହିପ୍ରକାରେ ସମାଜ ବୈଜ୍ଞାନିକ ବ୍ୟାଖ୍ୟାର ନିଜର ଏକ ସ୍ୱାତନ୍ତ୍ର୍ୟ ରହିଛି, ଯାହାକି ଅନ୍ୟ ସାମାଜିକ ବିଜ୍ଞାନ ସମ୍ବନ୍ଧୀୟ ବ୍ୟାଖ୍ୟା ଠାରୁ ଭିନ୍ନ । ଡୁର୍ଖିମଙ୍କର ବ୍ରିଟିଶ୍ ସାମାଜିକ ନୃବିଜ୍ଞାନ ଉପରେ ପ୍ରବଳ ପ୍ରଭାବ ଥିଲା ।

ଜର୍ମାନୀରେ ମାକ୍ସ ୱେବରଙ୍କର ସମାଜ ବିଜ୍ଞାନ ସମ୍ବନ୍ଧୀୟ ରଚନାମାନଙ୍କର ଖୁବ ପ୍ରଭାବ ଥିଲା । ସେ ନିଜର ପୁସ୍ତକ ମାନ "ସମାଜ ବିଜ୍ଞାନରେ ମୌଳିକ ଧାରଣା"(Basic Concepts in Sociology), "ସାଧାରଣ ଅର୍ଥନୈତିକ ଇତିହାସ" (General Economic History), "ପ୍ରୋଟେଷ୍ଟାଣ୍ଟ ନୀତିବାଦ ଓ ପୁଞ୍ଜିବାଦ ର ଧାରଣା" (Protestant Ethics and Spirit of Capitalism) ଏବଂ "ସାମାଜିକ ଓ ଆର୍ଥିକ ସଂଗଠନର ସିଦ୍ଧାନ୍ତ" (The Theory of Social and Economic Organization) । ଡୁର୍ଖିମଙ୍କର ତୁଳନାରେ ୱେବର କହିଥିଲେ ଯେ ସମାଜ ବିଜ୍ଞାନୀ "ସାମାଜିକ କ୍ରିୟା" ର ଅଧ୍ୟୟନ କରନ୍ତି । ଯାହାକୁ କି ବ୍ୟକ୍ତି ଅର୍ଥପୂର୍ଣ୍ଣ ଭାବନ୍ତି । କୌଣସି କ୍ରିୟାର ବ୍ୟକ୍ତିମୁଖୀ ଅର୍ଥ (Subjective Meaning)କୁ ବୁଝିବା ହେଉଛି ସମାଜ ବିଜ୍ଞାନୀର କାର୍ଯ୍ୟ । ୱେବର ବିଶେଷକରି ସେହିସବୁ କାରକ ମାନଙ୍କର ଅଧ୍ୟୟନ କରିବାକୁ ଚାହୁଁଥିଲେ, ଯାହାକି ପଶ୍ଚିମ ୟୁରୋପରେ ପୁଞ୍ଜିବାଦକୁ ଲୋକପ୍ରିୟ କରାଇଥିଲା । ତାଙ୍କ ମତରେ କାର୍ଯ୍ୟ ସମ୍ବନ୍ଧୀୟ ନୈତିକତା ନିର୍ମାଣରେ ପ୍ରୋଟେଷ୍ଟାଣ୍ଟ ଧର୍ମର ମୁଖ୍ୟଭୂମିକା ଥିଲା । ସେ ସାମାଜିକ ପଦ୍ଧତି ବିଷୟରେ ମଧ୍ୟ ଅବଦାନ ଦେଇଥିଲେ ।

ସମାଜ ବିଜ୍ଞାନରେ ଜର୍ମାନ ଚିନ୍ତକ କାର୍ଲମାର୍କ୍ସ (1818 - 1883) ଙ୍କର ଚିନ୍ତାଧାରାର ବହୁ ପ୍ରଭାବ ରହିଛି । ପ୍ରକୃତରେ ଦେଖିବାକୁ ଗଲେ ୱେବରଙ୍କର ସମାଜ ବୈଜ୍ଞାନିକ ଧାରଣା ହେଉଛି କାର୍ଲମାର୍କ୍ସଙ୍କର ଚିନ୍ତାଧାରା ଉପରେ ଏକ ପ୍ରତିକ୍ରିୟା । ମାର୍କ୍ସ କହିଥିଲେ ପ୍ରତ୍ୟେକ ସମାଜ, ଯାହାର ପ୍ରାରମ୍ଭ ଦାସତ୍ୱରୁ ହୁଏ, ଦୁଇଭାଗରେ ବିଭକ୍ତ - ଏକ ଶ୍ରେଣୀ ଯେଉଁମାନେ କି ଭୂମି, ସମ୍ବଳ ଓ ଜ୍ଞାନ କୌଶଳର ଅଧିକାରୀ ଏବଂ ଅନ୍ୟ ଏକ ଶ୍ରେଣୀ ଯେଉଁମାନଙ୍କ ପାଖରେ ନିଜର ଶ୍ରମ ବ୍ୟତୀତ ବଜାରରେ ବିକ୍ରୟ ପାଇଁ କିଛି ନ ଥାଏ । କୌଣସି ବ୍ୟକ୍ତିର ବ୍ୟବହାର, ପ୍ରେରଣା ଓ ଚିନ୍ତାଧାରାକୁ ବୁଝିବା ପାଇଁ ଶ୍ରେଣୀ ହେଉଛି ଏକ ମହତ୍ତ୍ୱପୂର୍ଣ୍ଣ ମାଧ୍ୟମ । ମଣିଷର ବ୍ୟବହାର ନିର୍ଦ୍ଧାରଣରେ ଐତିହାସିକ କାରକ ମାନଙ୍କର ଭୂମିକା ଉପରେ ମାର୍କ୍ସ ଗୁରୁତ୍ୱାରୋପ କରିଥିଲେ । ମାର୍କ୍ସଙ୍କ ମତରେ ସଂଘର୍ଷ ହିଁ ସାମାଜିକ ପରିବର୍ତ୍ତନର ପ୍ରବର୍ତ୍ତକ ଅଟେ । ତେଣୁ, କମ୍ଟ୍ ଯେଉଳି 'ସାମାଜିକ ବ୍ୟବସ୍ଥା' ଉପରେ ଗୁରୁତ୍ୱ ଦେଇଥିଲେ ଠିକ୍ ସେହିଭଳି ମାର୍କ୍ସ 'ସଂଘର୍ଷ'କୁ ଗୁରୁତ୍ୱ ଦେଇଥିଲେ ।



ଟୀପ୍ପଣୀ

ଆମେ ଫ୍ରାନ୍ସ (କମ୍ଟ, ଡୁର୍ଖିମ୍), ଜର୍ମାନୀ (ମାର୍କ୍ସ, ୱେବର), ଇଂଲଣ୍ଡ (ସ୍ପେନସର) ରେ ସମାଜ ବିଜ୍ଞାନର ବିକାଶ ସମ୍ବନ୍ଧରେ ଆଲୋଚନା କଲେ । ଏହି ଚିନ୍ତକ ମାନଙ୍କର ଅବଦାନ, ସମାଜରେ ସମାଜ ବିଜ୍ଞାନ ର ମହତ୍ତ୍ୱପୂର୍ଣ୍ଣ ପ୍ରଭାବ ସୃଷ୍ଟି କରିଥିଲା । ପରବର୍ତ୍ତୀ ସମୟରେ ଜି.ଏଚ୍ ମିଡ୍, ଟାଲକଟ ପାରସନ୍ସ ଏବଂ ସି ରାଇଟ ମିଲ୍ସ ସମାଜ ବିଜ୍ଞାନରେ 1932 ଓ 1930 ରେ ଆମେରିକା ଓ ବିଶ୍ୱର ଅନ୍ୟଭାଗରେ ପ୍ରଭାବ ବିସ୍ତାର କରିଥିଲେ ।

ଉନବିଂଶ ଶତାବ୍ଦୀ ର ଶେଷଭାଗ ଓ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ପାଶ୍ଚାତ୍ୟ ବିଶ୍ୱବିଦ୍ୟାଳୟ ମାନଙ୍କରେ ସମାଜ ବିଜ୍ଞାନ ବିଭାଗ ଆରମ୍ଭ ହୋଇଥିଲା । 1892 ମସିହାରେ ଉତ୍ତର ଆମେରିକାର ପ୍ରଥମ ସମାଜ ବିଜ୍ଞାନ ବିଭାଗ, ଚିକାଗୋ ବିଶ୍ୱବିଦ୍ୟାଳୟରେ ଆରମ୍ଭ ହୋଇଥିଲା । ପରେ ପରେ 1922 ମସିହାରେ କାନାଡ଼ାର ମାକ୍‌ଗିଲ ବିଶ୍ୱବିଦ୍ୟାଳୟ, 1930 ରେ ହାର୍ଭାଡ଼ ବିଶ୍ୱବିଦ୍ୟାଳୟ, 1950 ରେ ବର୍କେଲେ ର କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ ଓ 1960 ଦଶକରେ ଆମେରିକାରେ ପ୍ରିନ୍ସଟନ, ୟେଲ୍, କଲମ୍ବିଆ ବିଶ୍ୱବିଦ୍ୟାଳୟ ମାନଙ୍କରେ ସମାଜ ବିଜ୍ଞାନ ବିଭାଗ ମାନ ଆରମ୍ଭ ହେଲା । କିନ୍ତୁ, ସମାଜ ବିଜ୍ଞାନରେ ବହୁ ବ୍ରିଟିଶ୍ ସମାଜ ବିଜ୍ଞାନୀଙ୍କର ଯୋଗଦାନ ଥାଇ ମଧ୍ୟ, ବ୍ରିଟେନରେ ବହୁ ବିଳମ୍ବରେ ସମାଜ ବିଜ୍ଞାନ ବିଭାଗ ଆରମ୍ଭ ହୋଇଥିଲା । ଲଣ୍ଡନ ସ୍କୁଲ ଅଫ ଇକୋନୋମିକ୍ସ ମଧ୍ୟ 1960 ରେ ଆରମ୍ଭ ହୋଇଥିଲା ।

## ପାଠ୍ୟଗତ ପ୍ରଶ୍ନାବଳୀ ୨.୧

ନିମ୍ନୋକ୍ତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଏକ ଧାଡ଼ିରେ ଦିଅନ୍ତୁ ।

୧. ଆରିଷ୍ଟୋଟଲ ଙ୍କର କେଉଁ ବକ୍ତବ୍ୟ ସମାଜ ବିଜ୍ଞାନର ଉତ୍ପତ୍ତିର ବୀଜ ବପନ କରିଥିଲା ?

___

୨. କେଉଁ ବିପ୍ଲବ ପରେ ସମାଜ ବିଜ୍ଞାନ ଆତ୍ମପ୍ରକାଶ କରିବାର ବିଶ୍ୱାସ କରାଯାଏ ?

___

୩. ସମାଜ ବିଜ୍ଞାନର ଜନକ କିଏ ?

___

୪. ପ୍ରତ୍ୟକ୍ଷ ବାଦର ସଂଜ୍ଞା ଦିଅନ୍ତୁ ।

___

୫. କମ୍ଟଙ୍କ ମତରେ ମାନବ ସମାଜ କେଉଁ କେଉଁ ଭିନ୍ନ ସ୍ତର ଦେଇ ବିକଶିତ ହୋଇଛି ?

___

୬. ହରବର୍ଟ ସ୍ପେନସରଙ୍କ ରଚିତ ଏକ ପୁସ୍ତକର ନାମ ଲେଖନ୍ତୁ ।

___

୭. "ଆତ୍ମହତ୍ୟା" ଶୀର୍ଷକ ପୁସ୍ତକ, ଯାହାକି 1897 ରେ ପ୍ରକାଶିତ ହୋଇଥିଲା, ତାହାର ରଚୟିତା କିଏ ?

ଟୀପ୍ପଣୀ

________________

୮. ମାକ୍ସୱେବର ଙ୍କ ରଚିତ ଯେ କୌଣସି ଏକ ପୁସ୍ତକର ନାମ ଲେଖ ।

________________

## ୨.୨ ଭାରତରେ ସମାଜ ବିଜ୍ଞାନର ବିକାଶ

ଭାରତରେ ସମାଜ ବିଜ୍ଞାନର ବିକାଶକୁ ତିନି ସ୍ତରରେ ବିଭକ୍ତ କରାଯାଇ ପାରିବ । ପ୍ରଥମ ସ୍ତର ଅର୍ଥାତ୍ 1769 ରୁ 1900 ମଧ୍ୟରେ ସମାଜ ବିଜ୍ଞାନର ମୂଳଦୁଆ ପଡ଼ିଥିଲା । ସମାଜ ବିଜ୍ଞାନ ଏକ ବୃତ୍ତିଗତ ଶିକ୍ଷା ତଥା ବିଶ୍ୱବିଦ୍ୟାଳୟ ବିଷୟଭାବରେ ପରିଚିତ ହୋଇଥିଲା 1901 ରୁ 1950 ମଧ୍ୟରେ । ତୃତୀୟ ସ୍ତର ଯାହାକି ଭାରତର ସ୍ୱାଧୀନତା ପରେ ପରେ ଆରମ୍ଭ ହୋଇଥିଲା, ଦେଶରେ ଯୋଜନା କୃତ ବିକାଶ, ଭାରତୀୟ ସମାଜବିଜ୍ଞାନୀ ମାନଙ୍କର ବିଦେଶୀ ସମାଜବିଜ୍ଞାନୀ ମାନଙ୍କ ସହିତ ବିଚାର ବିମର୍ଶ, ଗବେଷଣା ପାଇଁ ଧନର ଉପଲବ୍ଧତା ତଥା ଗବେଷଣା ଜନିତ ପ୍ରକାଶନ ସବୁକୁ ତ୍ୱରାନ୍ୱିତ କରିଥିଲା ।

### ୨.୨.୧ ଭାରତରେ ସମାଜ ବିଜ୍ଞାନର ଭିତ୍ତି

ଭାରତରେ ଶାସନ ପରିଚାଳନା ସମୟରେ ବ୍ରିଟିଶ୍ ଅଧିକାରୀମାନେ ଶାସନର ସୁପରିଚାଳନା ପାଇଁ ଭାରତୀୟ ସମାଜ ଓ ସଂସ୍କୃତିର ବିଶେଷ ଜ୍ଞାନର ଆବଶ୍ୟକତା ଅନୁଭବ କରିଥିଲେ । ଧନୀ ପରିବାର ଓ ସେମାନଙ୍କର ରୀତି ନୀତି ବିଷୟରେ ଜାଣିବାର ଆବଶ୍ୟକତା ଥିଲା, କାରଣ ରାଜସ୍ୱ ସଂଗ୍ରହରେ ଏହି ଜ୍ଞାନର ଉପଯୋଗିତା ଥିଲା । ଏହାମଧ୍ୟ ଚିନ୍ତା କରାଯାଇଥିଲା ଯେ ଯଦି ସ୍ଥାନୀୟ ସମାଜକୁ ସେମାନଙ୍କର ରୀତି ନୀତି ଓ ପ୍ରଥା ପରଂପରା ଅନୁସାରେ ଶାସନ କରାଯାଏ, ତାହା ହେଲେ ଶାନ୍ତି ଓ ସଦ୍‌ଭାବ ବଜାୟ ରହିବ । ଏଣୁ ସେମାନଙ୍କର ରୀତିନୀତି ଓ ପ୍ରଥା ପରଂପରାକୁ ରେକର୍ଡ କରିବାର ଆବଶ୍ୟକତା ଥିଲା । ଏହା ସମାଜ ବିଜ୍ଞାନର ଉତ୍ପତ୍ତିକୁ ପ୍ରୋତ୍ସାହିତ କରିଥିଲା ।

> 1774 ରେ ୱିଲିୟମ ଜୋନ୍ସ ରୟାଲ୍ ଏସିଆଟିକ୍ ସୋସାଇଟି ଅଫ୍ ବେଙ୍ଗଲ ପ୍ରତିଷ୍ଠା କରିଥିଲେ । ଯାହାର ଉଦ୍ଦେଶ୍ୟ ଭାରତରେ ପ୍ରକୃତି ଓ ବ୍ୟକ୍ତି କୁ ଅଧ୍ୟୟନ କରିବା ଥିଲା ।

ଏହି ଦିଗରେ ପ୍ରଥମ ପ୍ରୟାସ, ବଂଗଳା ଓ ବିହାର ର ତତ୍କାଳୀନ ଗଭର୍ନର ବେରେଲ୍‌ସ୍ତଙ୍କର ପର୍ଯ୍ୟବେକ୍ଷଣରେ 1769 ରେ କରାଯାଇଥିଲା । ଫ୍ରାନସିସ୍ ବୁକାନନ୍ 1807 ରେ ବଂଗଳାର ଲୋକଙ୍କର ସର୍ବେକ୍ଷଣ କରିଥିଲେ । 1816 ରେ ଆବିଡୁବୋୟ ନାମକ ମଇସୁର ସ୍ଥିତ ଜଣେ ଜଣେ ଫରାସୀ ଚିନ୍ତକ "ହିନ୍ଦୁ ଚାଲିଚଳନ, ପ୍ରଥା ଓ ଉତ୍ସବାନୁଷ୍ଠାନ" (Hindu Manners, Customs and Ceremonies) ନାମକ ପୁସ୍ତକ ରଚନାକରି ସେଥିରେ ଜାତି ବ୍ୟବସ୍ଥାର ଲକ୍ଷଣ ଓ ଜାତି ଜାତି ଭିତରେ ଆନ୍ତଃକ୍ରିୟାକୁ ବର୍ଣ୍ଣନା କରିଥିଲେ । 1820 ରେ ୱାଲଟର ହାମିଲଟନ ଭାରତ ଓ ସଂଲଗ୍ନ ଦେଶ ମାନଙ୍କର ଭୌଗୋଳିକ, ସାଂଖ୍ୟିକ ଓ ଐତିହାସିକ ବିବରଣୀ ନାମକ ଏକ ଗେଜେଟିୟର ପ୍ରକାଶିତ କରି ସେଥିରେ ଭାରତର ଜନସଂଖ୍ୟାର ଆକଳନ କରିଥିଲେ ।

ଏହି ସବୁ କାର୍ଯ୍ୟ ଊନବିଂଶ ଶତାବ୍ଦୀର ଅପରାର୍ଦ୍ଧରେ କରାଯାଇଥିବା ଅଧ୍ୟୟନମାନଙ୍କ ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିଥିଲା । ବ୍ରିଟିଶ୍ ସରକାର ଭାରତର ପ୍ରଥମ ଜନଗଣନା କାର୍ଯ୍ୟ 1871 ରେ ଆୟୋଜନ କରିଥିଲେ । ଭିନ୍ନ ଭିନ୍ନ ଉଦ୍ଦେଶ୍ୟ, ଯଥା - ମରୁଡି, ପରିମଳ ବ୍ୟବସ୍ଥା ଓ ମହାମାରୀ ଉପରେ ନିୟନ୍ତ୍ରଣ



ଟୀପ୍‌ପଣୀ

ଇତ୍ୟାଦିର ସୂଚନା ହାସଲ କରିବା ପାଇଁ ଜନଗଣନା କାର୍ଯ୍ୟର ଆବଶ୍ୟକତା ଅନୁଭୂତ ହୋଇଥିଲା । ଏହା ବ୍ୟତିରେକ, ଅନ୍ୟ ଏକ କାରଣ ଥିଲା ଯେ ସାମାଜିକ ଓ ସାଂସ୍କୃତିକ ପରିବର୍ତ୍ତନ କାରଣ ଯୋଗୁଁ ଲୋକମାନେ ପରିବର୍ତ୍ତିତ ହେବା ପୂର୍ବରୁ ସେମାନଙ୍କର ଜୀବନ ବିଷୟରେ ବିସ୍ତୃତ ଜ୍ଞାନ ହାସଲ କରିବା । ଔପନିବେଶିକ ଅଧିକାରୀ (ଯେପରିକି ଓ୍ୱିଲସନ୍, ରିସ୍‌ଲେ, ବେନ୍ସ, ବ୍ଲଣ୍ଟ, ଥରସ୍ଟନ ଓ'ମାଲେ, ହର୍ଟନ୍ ପ୍ରଭୃତି) ମାନଙ୍କର ଉଦ୍ୟମ କାରଣରୁ ସମାଜ ଓ ସାଂସ୍କୃତିକ ଜୀବନ ସମ୍ବନ୍ଧୀୟ ସୂଚନା ପ୍ରାପ୍ତ କରିବାରେ ଜନଗଣନା ଅମୂଲ୍ୟ ମାଧ୍ୟମ ହୋଇଯାଇଥିଲା ।

ବ୍ରିଟିଶ୍ ପ୍ରଶାସନ ଭାରତୀୟ ଉତ୍କୃଷ୍ଟ ସାହିତ୍ୟକୁ ମଧ୍ୟ ବୁଝିବାକୁ ଆଗ୍ରହୀ ଥିଲେ, କାରଣ ଏହି ସାହିତ୍ୟ ସମ୍ବନ୍ଧୀୟ ଅନେକ ଧାରଣା ଭିତ୍ତିରେ ଲୋକମାନେ ସେମାନଙ୍କର ଜୀବନ ବ୍ୟତୀତ କରୁଥିଲେ । ପ୍ରାରମ୍ଭରୁ ହିଁ ବ୍ରିଟିଶ୍ ଶାସକମାନେ, ଧାର୍ମିକ ପରଂପରା, ରୀତିନୀତି ଓ ବିଧିବ୍ୟବସ୍ଥା ସଂପର୍କୀତ ମକଦ୍ଦମା ମାନଙ୍କର ସମାଧାନ ପାଇଁ ବିଚାରପତି ମାନଙ୍କର ସହାୟତା କରିବା ପାଇଁ ସଂସ୍କୃତ ଓ ଆରବୀ ଭାଷାର ବିଦ୍ୱାନମାନଙ୍କୁ ନିଯୁକ୍ତ କରୁଥିଲେ । ରୟାଲ୍ ଏସିଆଟିକ୍ ସୋସାଇଟି ଅଫ୍ ବେଙ୍ଗଲର ପ୍ରତିଷ୍ଠାତା ଓ୍ୱିଲିଅମ ଜୋନ୍ସଙ୍କର ସଂସ୍କୃତ ପ୍ରତି ସ୍ୱତନ୍ତ୍ର ଆଗ୍ରହ ଥିଲା । ତାଙ୍କର ପତ୍ରିକା "ଜର୍ଣ୍ଣାଲ ଅଫ୍ ଏସିଆଟିକ ସୋସାଇଟି ଅଫ ବେଙ୍ଗଲ (1784)" ମୁଖ୍ୟ ଉଦ୍ଦେଶ୍ୟ, ସଂସ୍କୃତ ଓ ଆରବୀ ସାହିତ୍ୟ ଆଧାରିତ ଲେଖାମାନ ପ୍ରକାଶିତ କରିବା ଥିଲା । ଊନବିଂଶ ଶତାବ୍ଦୀରେ ଜର୍ମାନ ବିଦ୍ୱାନ ମାକ୍ସ ମ୍ୟୁଲର ଅନେକ ପ୍ରାଚୀନ ଭାରତୀୟ ଗ୍ରନ୍ଥମାନଙ୍କର ଜର୍ମାନ ଭାଷାରେ ଅନୁବାଦ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ସେସବୁ ଇଂରାଜୀରେ ଅନୂଦିତ ହୋଇଥିଲା ।

ଊନବିଂଶ ଶତାବ୍ଦୀର ଶେଷ ଦଶକରେ ଏହି ସବୁ ରଚନାମାନଙ୍କୁ ବିଦ୍ୱାନମାନେ ବ୍ୟବହାର କରିଥିଲେ । ଉଦାହରଣ ସ୍ୱରୂପ, ହେନେରୀ ମାଇନେ ନିଜର ଦୁଇଟି ପୁସ୍ତକ, "ପ୍ରାଚୀନ ଆଇନ" (1861) ଏବଂ "ପ୍ରାଚ୍ୟ ଓ ପାଶ୍ଚାତ୍ୟ ରେ ଗ୍ରାମ୍ୟ ସମୁଦାୟ" (1871) ରେ ଭାରତ ସମ୍ବନ୍ଧୀୟ ରଚନାମାନଙ୍କର ଉଲ୍ଲେଖ କରିଛନ୍ତି । ସେ ଭାରତ ଭ୍ରମଣ ମଧ୍ୟ କରିଥିଲେ । କାର୍ଲମାର୍କ୍ସ ଏବଂ ମାକ୍ସ ଓ୍ୱେବର, ଯେଉଁମାନେ କି ସମାଜ ବିଜ୍ଞାନର ବିକାଶରେ ମୁଖ୍ୟ ଭୂମିକା ନେଇଛନ୍ତି, ସେମାନେ ନିଜ ରଚନା ମାନଙ୍କରେ ମଧ୍ୟ ଭାରତ ସମ୍ବନ୍ଧୀୟ ସୂଚନାମାନଙ୍କର ଉପଯୋଗ କରିଛନ୍ତି ।

### ୨.୨.୨ ଭାରତରେ ସମାଜ ବିଜ୍ଞାନର ବ୍ୟବସାୟୀ କରଣ

ଏହି ସମୟାବଧିର ପ୍ରାରମ୍ଭିକ ବର୍ଷମାନଙ୍କରେ ବ୍ରିଟିଶ୍ ଅଧିକାରୀମାନେ ଲୋକମାନଙ୍କର ଜୀବନ ଶୈଳୀ, ପ୍ରଥା ଓ ବିଧି ବ୍ୟବସ୍ଥା ସମ୍ବନ୍ଧୀୟ ଅନ୍ୱେଷଣର କ୍ରମକୁ ଅବ୍ୟାହତ ରଖିଥିଲେ । କୁକ୍, ସେରିଙ୍ଗ, ଥରସ୍ଟନ୍, ରସେଲ, ହିରାଲାଲ, ଇବେଷ୍ଟନ ପ୍ରଭୃତି ବିଦ୍ୱାନମାନଙ୍କର ପର୍ଯ୍ୟବେକ୍ଷଣରେ ଜାତି ଓ ଜନଜାତି ମାନଙ୍କର ଉପରେ ଲିଖିତ ଅନେକ ଗ୍ରନ୍ଥ ପ୍ରକାଶିତ ହୋଇଥିଲା । ଏହି ଗ୍ରନ୍ଥମାନଙ୍କର ପ୍ରତ୍ୟେକ ଭାଗରେ ଏହି ସମାଜ, ଏହାର ଜନସଂଖ୍ୟା ଏବଂ ଏହାର ବିସ୍ତାର ସଂପର୍କରେ କ୍ଷୁଦ୍ର ବିବରଣୀ ରହିଥିଲା । ଜନଜାତିମାନଙ୍କର ଜାତିରେ ପରିବର୍ତ୍ତିତ ହେବାର ସମ୍ଭାବନାର ସୂଚନା ମଧ୍ୟ ଏହି ଭାଗ ମାନଙ୍କରେ ଦିଆଯାଇଥିଲା । ସାର୍ ହରବର୍ଟ ରିସଲେ ତାଙ୍କର ପୁସ୍ତକ "ପିପୁଲ ଅଫ ଇଣ୍ଡିଆ" (1961) ରେ ଜାତି-ଜନଜାତି ର ନିରନ୍ତରତା ବିଷୟରେ ପ୍ରଥମେ ସୂଚନା ଦେଇଥିଲେ ।


ଏହା ସହିତ ୟୁରୋପର ବ୍ୟବସାୟିକ ସମାଜବିଜ୍ଞାନୀ ଓ ନୃବିଜ୍ଞାନୀମାନେ ଭାରତରେ କାର୍ଯ୍ୟ କରିବା ଆରମ୍ଭ କଲେ । 1901 ରୁ 1902 ପର୍ଯ୍ୟନ୍ତ ଡବ୍ଲ୍ୟୁ. ଏଚ୍. ଆର. ରିଭର୍ସ ନୀଳଗିରିର ଗୋପାଳକ

ଟୀପ୍‌ପଣୀ

ସମୁଦାୟ - ଟୋଡ଼ାମାନଙ୍କ ଉପରେ ଏକ ଗବେଷଣାତ୍ମକ ପୁସ୍ତକ ପ୍ରକାଶିତ କରିଥିଲେ । ପରେ ସେ ତାଙ୍କର ଶିଷ୍ୟ ଏ. ଆର. ରାଡ୍‌କ୍ଲିଫ୍ ବ୍ରାଉନ୍‌ଙ୍କୁ ଆଣ୍ଡାମାନ ଦ୍ୱୀପର ଲୋକମାନଙ୍କ ମଧ୍ୟରେ ରହି ସେମାନଙ୍କର ଅଧ୍ୟୟନ କରିବା ପାଇଁ ପଠାଇଲେ । ବ୍ରାଉନ ଆଣ୍ଡାମାନ ଲୋକଙ୍କ ମଧ୍ୟରେ ଦୁଇବର୍ଷ (1906 - 1908) ବିତାଇଥିଲେ । ସେମାନଙ୍କ ସମ୍ବନ୍ଧରେ ବ୍ରାଉନଙ୍କର ଗବେଷଣା ପୁସ୍ତକ 1922 ରେ ପ୍ରକାଶିତ ହୋଇଥିଲା । ରିଭର୍ସ କଲିକତା ବିଶ୍ୱବିଦ୍ୟାଳୟର ପ୍ରଥମ ନୃବିଜ୍ଞାନ ବିଭାଗୀୟ ମୁଖ୍ୟ ହିସାବରେ ନିଯୁକ୍ତ ହୋଇଥିଲେ । କିନ୍ତୁ ପଦବୀ ଗ୍ରହଣ କରିବା ପୂର୍ବରୁ ସେ ମୃତ୍ୟୁବରଣ କରିଥିଲେ । କଲିକତାରେ ଦେବା ପାଇଁ ଯେଉଁ ଭାଷଣ ଲେଖିଥିଲେ, ପରବର୍ତ୍ତୀ ସମୟରେ ସେସବୁ 1924 ରେ "ସାମାଜିକ ସଂଗଠନ" ନାମକ ପୁସ୍ତକରେ ପ୍ରକାଶିତ ହୋଇଥିଲା । ତାଙ୍କର ଶିଷ୍ୟ ଜି. ଏସ୍ ଘୁରେ ଓ ଏ. ପି. ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ତାଙ୍କର ପ୍ରଭାବ ଭାରତୀୟ ସମାଜ ଶାସ୍ତ୍ରରେ ଅବ୍ୟାହତ ରହିଥିଲା ।

ବିଂଶ ଶତାବ୍ଦୀର ପ୍ରଥମ ଦୁଇ ଦଶକ ରେ ଏମ. ଏଲ. ଅନନ୍ତ କୃଷ୍ଣ ଆୟାର ଏବଂ ଏସ. ସି. ରାୟ ଭାରତୀୟ ସମାଜ ବିଜ୍ଞାନ ପ୍ରତି ମୁଖ୍ୟ ଅବଦାନ ଦେଇଥିଲେ । କେରଳର ସିରିୟ ଖ୍ରୀଷ୍ଟିଆନମାନଙ୍କ ବିଷୟରେ ଉପଯୋଗୀ ସର୍ଭେ ବ୍ୟତୀତ କୋଚିନ୍ ଓ ମଇସୁରର ଜାତି ଓ ଜନଜାତି ମାନଙ୍କର ବିବରଣୀ ଲେଖିଥିଲେ । ଏସ. ସି. ରାୟ, ଯିଏକି ଜଣେ ଓକିଲ ଥିଲେ, ଓରାଓଁ, ମୁଣ୍ଡା ଏବଂ ବିରହୋର ଆଦି ଭାରତୀୟ ଜନଜାତି ମାନଙ୍କର ଅଧ୍ୟୟନ କରିଥିଲେ ।

> ବମ୍ବେ ବିଶ୍ୱବିଦ୍ୟାଳୟରେ, 1919 ରେ ସମାଜ ବିଜ୍ଞାନର ଏକ ସଂପୂର୍ଣ୍ଣ ବିଭାଗ ଖୋଲିଥିଲା । କଲିକତା ଠାରେ 1921 ରେ ନୃବିଜ୍ଞାନ ବିଭାଗ ସ୍ଥାପିତ ହୋଇଥିଲା ।





ଏହି ସମୟରେ ଭାରତୀୟ ବିଶ୍ୱବିଦ୍ୟାଳୟ ମାନଙ୍କରେ ସମାଜ ବିଜ୍ଞାନ ଓ ସାମାଜିକ ନୃବିଜ୍ଞାନକୁ ଶୈକ୍ଷିକ ବିଷୟ ଭାବେ ଆରମ୍ଭ କରିବାର ଉଦ୍ୟମ କରାଗଲା । 1914 ରେ, ବମ୍ବେ ବିଶ୍ୱବିଦ୍ୟାଳୟରେ ସ୍ନାତକ ସ୍ତରରେ ସମାଜ ବିଜ୍ଞାନର ଶିକ୍ଷାଦାନ ଆରମ୍ଭ ହେଲା । 1919 ରେ ବମ୍ବେ ବିଶ୍ୱବିଦ୍ୟାଳୟରେ ସମାଜ ବିଜ୍ଞାନର ସଂପୂର୍ଣ୍ଣ ବିଭାଗ ଆରମ୍ଭ ହେଲା । ମଇସୁର ବିଶ୍ୱବିଦ୍ୟାଳୟରେ 1917 ରେ ସମାଜ ବିଜ୍ଞାନ ବିଷୟ ଆରମ୍ଭ ହେଲା । ସେହି ବର୍ଷ ଏସ୍. ସି. ରାୟ ସମାଜ ବିଜ୍ଞାନ ଓ ନୃବିଜ୍ଞାନର ପ୍ରଥମ ପତ୍ରିକା "ମ୍ୟାନ ଇନ୍ ଇଣ୍ଡିଆ" ର ସ୍ଥାପନା କରିଥିଲେ । ଜି. ଏସ୍. ଘୁରେଙ୍କର ନେତୃତ୍ୱରେ ବମ୍ବେ ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗ ଉନ୍ନତି କରିଥିଲା । ଘୁରେ ଭାରତର ଭିନ୍ନ ଭିନ୍ନ ସ୍ଥାନରୁ ଆସୁଥିବା ନିଜର ଛାତ୍ରଛାତ୍ରୀମାନଙ୍କୁ ନିଜ ଅଞ୍ଚଳରେ ଗବେଷଣା କରିବାକୁ ଉପଦେଶ ଦେଉଥିଲେ ଏବଂ ସେସବୁକୁ ନିଜେ ବ୍ୟକ୍ତିଗତ ଭାବେ ନିରୀକ୍ଷଣ କରୁଥିଲେ । ଏହିଭଳି ଘୁରେ ଭାରତୀୟ ସମୁଦାୟ ଉପରେ ଏକ ବିଶାଳ ଗବେଷଣାତ୍ମକ ସାହିତ୍ୟ ସୃଷ୍ଟି କରିବାରେ ସଫଳତା ହାସଲ କରିଥିଲେ । ସେ 1951 ରେ ଭାରତୀୟ ସମାଜବିଜ୍ଞାନୀ ସମାଜ ସ୍ଥାପନା କରି, "ସୋସିଓଲୋଜିକାଲ ବୁଲେଟିନ୍" ନାମକ ଜର୍ଣ୍ଣାଲ ଆରମ୍ଭ କରିଥିଲେ ।



ଟୀପ୍ପଣୀ

ଏହି ସମୟାବଧିରେ ସମାଜବିଜ୍ଞାନ ଓ ନୃବିଜ୍ଞାନ ର ଏକ ମହତ୍ୱପୂର୍ଣ୍ଣ କେନ୍ଦ୍ର ହିସାବରେ ଲକ୍ଷ୍ନୌ ମଧ୍ୟ ଆତ୍ମପ୍ରକାଶ କରିଥିଲା । 1921 ରେ ରାଧାକମଲ ମୁଖାର୍ଜୀଙ୍କର ନେତୃତ୍ୱରେ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟରେ ଅର୍ଥନୀତି ଓ ସମାଜ ବିଜ୍ଞାନର ଏକ ସଂଯୁକ୍ତ ବିଭାଗ ଆରମ୍ଭ କରାଯାଇଥିଲା । ଏକ ବର୍ଷ ପରେ ଡି. ପି. ମୁଖାର୍ଜୀ ବିଭାଗରେ ଯୋଗ ଦେଲେ ଏବଂ 1928 ରେ ଡି. ଏନ. ମଜୁମଦାରଙ୍କୁ ଆଦିମ ଅର୍ଥଶାସ୍ତ୍ର ପଢ଼ାଇବା ପାଇଁ ନିଯୁକ୍ତ କରାଗଲା । ଏହି ତିନି ବିଦ୍ୱାନଙ୍କ ଯୋଗୁଁ ସମାଜ ବିଜ୍ଞାନ ଓ ନୃବିଜ୍ଞାନର ଅଧ୍ୟାପନା ଓ ଗବେଷଣା କ୍ଷେତ୍ରରେ ଲକ୍ଷ୍ନୌ ଏକ ପ୍ରମୁଖ କେନ୍ଦ୍ରରେ ପରିବର୍ତ୍ତିତ ହୋଇଯାଇଥିଲା । ତେବେ ଏକ ସ୍ୱତନ୍ତ୍ର ବିଭାଗ ହିସାବରେ 1951 ରେ ସମାଜବିଜ୍ଞାନ ବିଭାଗ ଅସ୍ତିତ୍ୱ ପ୍ରାପ୍ତ କରିଥିଲା, ଯାହାକି ପରେ ସମାଜବିଜ୍ଞାନ ଓ ସାମାଜିକ କାର୍ଯ୍ୟର ଏକ ସଂଯୁକ୍ତ ବିଭାଗରେ ପରିବର୍ତ୍ତିତ ହୋଇଥିଲା ।

ଏହି ସମୟାବଧିରେ ଭାରତୀୟ ଓ ବିଦେଶୀ ମୂଳର ବିଦ୍ୱାନମାନେ ଭାରତୀୟ ସମାଜ ବିଷୟରେ ଅନେକ ମହତ୍ୱପୂର୍ଣ୍ଣ ଗ୍ରନ୍ଥ ପ୍ରସ୍ତୁତ କରିଥିଲେ । ଏସ୍. ସି. ରାୟଙ୍କ ବ୍ୟତୀତ ଜେ. ଏଚ. ହଟନ ଓ ଜେ. ସି. ମିଲ୍ସ୍ ନାଗା ପାର୍ବତ୍ୟାଞ୍ଚଳରର ଜନଜାତିମାନଙ୍କ ଉପରେ ବିସ୍ତୃତ ଅଧ୍ୟୟନ ଗ୍ରନ୍ଥ ସବୁ ପ୍ରସ୍ତୁତ କରିଥିଲେ । ଭେରିୟର ଏଲଓ୍ୱିନ ଓ କ୍ରିଷ୍ଟୋଫର ଭନ୍ ଫରରହେମେନ୍ ଡର୍ଫ ଭାରତୀୟ ଜନଜାତିମାନଙ୍କ ସହିତ ସମୟ ବ୍ୟତୀତ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ବିଷୟରେ ଗବେଷଣାତ୍ମକ ପୁସ୍ତକ ରଚନା କରିଥିଲେ । ଜନଜାତିମାନଙ୍କର ଅବସ୍ଥାରେ ଉନ୍ନତି ଆଣିବା ପାଇଁ ଏଲଓ୍ୱିନ୍ ବିଭିନ୍ନ ପ୍ରକାରର ଉପାୟର ପ୍ରସ୍ତାବ ଦେଇଥିଲେ । ଡି. ଏନ୍. ମଜୁମଦାର ଉତ୍ତର ଓ ପଶ୍ଚିମ ଭାରତରେ ତାଙ୍କର ଗବେଷଣାତ୍ମକ ସକ୍ରିୟ କାର୍ଯ୍ୟ କରିଥିଲେ ଓ ଅନେକ ପ୍ରତିଷ୍ଠିତ ପୁସ୍ତକ ରଚନା କରିଥିଲେ । 1947 ରେ ସେ ମଧ୍ୟ 'ଦି ଇଷ୍ଟର୍ଣ୍ଣ ଆନ୍ଥ୍ରୋପଲୋଜିଷ୍ଟ' ନାମକ ଏକ ପତ୍ରିକା ପ୍ରତିଷ୍ଠା କରିଥିଲେ । ଏନ୍. କେ. ବୋସ୍ ଏହି ସମୟର ଜଣେ ବିଖ୍ୟାତ ବିଦ୍ୱାନ ଥିଲେ ଓ ଜନଜାତିମାନଙ୍କର ପରିବର୍ତ୍ତନ ସମ୍ବନ୍ଧୀୟ ନିଜ ରଚନାମାନଙ୍କ ପାଇଁ ପ୍ରସିଦ୍ଧ ଥିଲେ । ଏହି ସମୟର ଅନ୍ତିମ ଦଶକରେ ଏମ. ଏନ. ଶ୍ରୀନିବାସ, କୁର୍ଗମାନଙ୍କ ଉପରେ ଗବେଷଣା କରିଥିଲେ, ଯାହାକି "ମ୍ୟାରେଜ ଆଣ୍ଡ ଫ୍ୟାମିଲି ଇନ୍ ମଇସୁର" ନାମରେ 1942 ମସିହାରେ ପ୍ରଥମେ ପ୍ରକାଶିତ ହୋଇଥିଲା ।

### ୨.୨.୩ ସ୍ୱାଧୀନତା ପରେ ଭାରତରେ ସମାଜବିଜ୍ଞାନର ବିକାଶ

ଭାରତର ସ୍ୱାଧୀନତା ପରେ ଭାରତୀୟ ସମାଜବିଜ୍ଞାନୀ ଓ ନୃବିଜ୍ଞାନୀମାନେ ଆମେରିକାର ନିଜ ସ୍ୱ-ସମକକ୍ଷମାନଙ୍କ ସହିତ ପରିଚିତ ହେଲେ । ଏହା ପୂର୍ବରୁ ସେମାନଙ୍କର ଶୈକ୍ଷିକ ସଂପର୍କ ମୁଖ୍ୟତଃ ବ୍ରିଟେନ ସହିତ ଥିଲା । ଭାରତୀୟ ଓ ଆମେରିକୀୟ ସମାଜ ବିଜ୍ଞାନୀମାନଙ୍କର ଅନେକ ମିଳିତ ପ୍ରକଳ୍ପ ଆରମ୍ଭ ହୋଇଥିଲା । ଗବେଷଣା ଓ ପ୍ରକାଶନରେ ମଧ୍ୟ ବୃଦ୍ଧି ଘଟିଥିଲା । ସମାଜବିଜ୍ଞାନ ଓ ସାମାଜିକ ନୃବିଜ୍ଞାନ ବିଶ୍ୱବିଦ୍ୟାଳୟମାନଙ୍କରେ ପଢ଼ାଗଲା, ଅଧିକ ନୂତନ ବିଭାଗ ଖୋଲାଗଲା, ଏଣୁ ଅଧ୍ୟାପନାର ଓ ଗବେଷଣାର ନୂତନ ପଦବୀ ସବୁ ସୃଷ୍ଟି ହେଲା । ଅନ୍ୟ ଭାଷାରେ କହିଲେ, ସମାଜବିଜ୍ଞାନ ଓ ସାମାଜିକ ନୃବିଜ୍ଞାନର ଲୋକପ୍ରିୟତାର ବୃଦ୍ଧି ଘଟିଲା ।

> ଭାରତରେ ସମାଜ ବିଜ୍ଞାନୀମାନଙ୍କୁ ଯୋଜନା ଓ ବିକାଶ କାର୍ଯ୍ୟକ୍ରମ ମାନଙ୍କରେ ସକ୍ରିୟ ଭାବରେ ସାମିଲ କରାଗଲା । ଜନଗଣନା ସଂଗଠନ, କେନ୍ଦ୍ରିୟ ସମାଜ କଲ୍ୟାଣ ବିଭାଗ, ଅନୁସୂଚିତ ଜାତି ଓ ଜନଜାତି କାର୍ଯ୍ୟାଳୟ, ଜନଜାତି ଗବେଷଣା ପ୍ରତିଷ୍ଠାନ ଏବଂ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ସହିତ ସମ୍ବନ୍ଧିତ ସଂସ୍ଥାମାନଙ୍କୁ ସମାଜ ବିଜ୍ଞାନୀ ଓ ନୃବିଜ୍ଞାନୀ ମାନଙ୍କର କୌଶଳ ତଥା ବିଶେଷ ଜ୍ଞାନର ଆବଶ୍ୟକତା ପଡ଼ିଲା ।



ଟୀପ୍ପଣୀ

ଭାରତରେ ଯୋଜନାକୃତ ବିକାଶର ପ୍ରାରମ୍ଭ ମଧ୍ୟ ଏହି ବିଷୟମାନଙ୍କର ଲୋକପ୍ରିୟତାର ଅନ୍ୟ କାରଣ ଥିଲା । ଏହା ମାଧ୍ୟମରେ ସ୍ଥାନୀୟ ସମୁଦାୟମାନଙ୍କର ଆର୍ଥିକ ସାମାଜିକ ସମସ୍ୟାକୁ ଜାଣିବା ସହିତ ସେସବୁର ସମ୍ଭାବିତ ସମାଧାନ ମଧ୍ୟ କରାଯାଉଥିଲା । 1969 ରେ ICSSR, (ଭାରତୀୟ ସାମାଜିକ ବିଜ୍ଞାନ ଓ ଗବେଷଣା ପରିଷଦ)ର ଆଗମନ ସହିତ ସମାଜ ବିଜ୍ଞାନର ଆହୁରି ବ୍ୟାପକ ବିସ୍ତାର ଘଟିଲା । 1951 ରେ ସ୍ଥାପିତ ଇଣ୍ଡିଆନ ସୋସିଓଲୋଜିକାଲ ସୋସାଇଟି, ଯାହାକି ଭାରତୀୟ ସମାଜବିଜ୍ଞାନୀ ମାନଙ୍କର ପାଇଁ ଏକ ଦ୍ୱିତୀୟ ଫୋରମ ଥିଲା, ତାହାର ମିଶ୍ରଣ, 1955 ରେ ସ୍ଥାପିତ "ଅଲଇଣ୍ଡିଆ ସୋସିଓଲୋଜିକାଲ କନ୍‌ଫରେନ୍‌ସ୍" ସହିତ ହୋଇଥିଲା । ସେହି ସମୟ ଠାରୁ ଏହି ସଂସ୍ଥା, ସମାଜବିଜ୍ଞାନୀମାନଙ୍କ ପାଇଁ ଏକ ବାର୍ଷିକ ସମ୍ମିଳନୀ ଆୟୋଜନ କରି ଆସୁଛି, ଯାହାକି ଏକ ମହତ୍ତ୍ୱପୂର୍ଣ୍ଣ ବ୍ୟବସାୟିକ ଘଟଣା ଅଟେ ।

ଏହି ସମୟରେ ଗ୍ରାମ ସମ୍ବନ୍ଧୀୟ ଅନେକ ଅଧ୍ୟୟନ କରାଯାଇଥିଲା । ଏହାର ନିର୍ଯ୍ୟାସ ଭାବରେ ଅନେକ ଗବେଷଣାତ୍ମକ ପୁସ୍ତକ ପ୍ରକାଶିତ ହୋଇଥିଲା, ଯାହାର ପ୍ରାସଙ୍ଗିକତା ଏବେ ମଧ୍ୟ ଅନୁଭୂତ ହେଉଛି । ଉଦାହରଣ ସ୍ୱରୂପ ମ୍ୟାକ୍‌କିମ ମାରିୟଟ ଙ୍କ ଦ୍ୱାରା ସଂପାଦିତ ପୁସ୍ତକ "ଭିଲେଜ ଇଣ୍ଡିଆ" (1955), ଏସ୍. ସି ଦୁବେଙ୍କ ଦ୍ୱାରା କରାଯାଇଥିବା ହାଇଦରାବାଦର ଏକ ଗାଁର ଅଧ୍ୟୟନ, ଇଣ୍ଡିଆନ୍ ଭିଲେଜ (1956), ଏମ୍. ଏନ. ଶ୍ରୀନିବାସଙ୍କ ଦ୍ୱାରା ସଂପାଦିତ "ଇଣ୍ଡିଆଜ ଭିଲେଜେସ୍" (1956) । ଅନ୍ୟ ବହୁ ମହତ୍ତ୍ୱପୂର୍ଣ୍ଣ ରଚନାମାନ ରହିଛି, ଯାହା ଭାରତର ସ୍ୱାଧୀନତା ପ୍ରାପ୍ତି ପରବର୍ତ୍ତୀ ଉପଲବ୍ଧି ଅଟେ । କ୍ୟାଥଲିନ୍ ଗୋହ, ତାଂଜୋରର ଏକ ଗ୍ରାମର ଅଧ୍ୟୟନ କରିଥିଲେ ଓ ବ୍ରିଟିଶ୍ ଶାସନର ପରିଣାମ ସ୍ୱରୂପ ଗ୍ରାମରେ ହୋଇଥିବା ପରିବର୍ତ୍ତନର ବିବରଣୀ ପ୍ରଦାନ କରିଥିଲେ । ଏଫ୍. ଜି. ବେଲୀ, ବଜାର ସଂପର୍କରେ ଆସିଥିବା ଏକ ଗାଁ ବିଷୟରେ ପରିବର୍ତ୍ତନ ସବୁକୁ ଲିପିବଦ୍ଧ କରିଥିଲେ । ଶ୍ରୀନିବାସ 'ପ୍ରଭୁତ୍ୱ-ଜାତି' (Dominant Caste) ସଂପର୍କରେ ଧାରଣା ଦେଇଥିଲେ, ଯେଉଁମାନଙ୍କର ରାଜନୈତିକ ପ୍ରଭାବ ଥାଏ ଓ ଆର୍ଥିକ ସଂସାଧନ ଉପରେ ଅଧିକାର ଥାଏ । ଏହିସବୁ ତଥ୍ୟ ଶ୍ରୀନିବାସଙ୍କର ଗ୍ରାମ-ସମ୍ବନ୍ଧୀୟ ଗବେଷଣାରୁ ମିଳେ । ଏସ୍. ସି. ଦୁବେ ଉତ୍ତର ପ୍ରଦେଶର ଗ୍ରାମମାନଙ୍କରେ ଯୋଜନାକୃତ ବିକାଶ ଓ ସାମାଜିକ-ସାଂସ୍କୃତିକ କାରକମାନଙ୍କ ମଧ୍ୟରେ ଥିବା ସଂପର୍କକୁ ଅଧ୍ୟୟନ କରିଥିଲେ । ତାମିଲନାଡୁର ଏକ ଗ୍ରାମର ଅଧ୍ୟୟନ କରି, ଆନ୍ଦ୍ରେ ବେତେ ସ୍ତରୀକରଣ ବ୍ୟବସ୍ଥାର ପରିବର୍ତ୍ତନକୁ ଦର୍ଶାଇଥିଲେ ।

ପୁନଶ୍ଚ, ଅନେକ ଭାରତୀୟ ସମୁଦାୟ, (ଯାହା ମଧ୍ୟରେ ଉଭୟ ଜାତି ଓ ଜନଜାତି ଅନ୍ତର୍ଭୁକ୍ତ) ଙ୍କର ଗଭୀର ଅଧ୍ୟୟନ କରାଯାଇଥିଲା । 1940 ରେ ଶ୍ରୀନିବାସ କୁର୍ଗମାନଙ୍କ ଉପରେ ସଂଗ୍ରହ କରିଥିବା ତଥ୍ୟକୁ ନେଇ ପୁନଃଗବେଷଣା କରିଥିଲେ ଓ 1952 ରେ ପ୍ରକାଶିତ ନିଜର ପରବର୍ତ୍ତୀ ପୁସ୍ତକରେ ଜାତି ବ୍ୟବସ୍ଥାରେ ଘଟୁଥିବା ଉର୍ଦ୍ଧ୍ୱଗାମୀ ସାମାଜିକ ସଂଚାଳନ (ଅର୍ଥାତ୍ ସାଂସ୍କୃତିକୀକରଣ) ବିଷୟରେ ଧାରଣା ଦେଇଥିଲେ । ଲୁଇ ଡୁମୋ ନାମକ ଫରାସୀ ସମାଜଶାସ୍ତ୍ରୀ, ତାମିଲନାଡୁର ପରମଲାଇ କଲ୍ଲାର ସମୁଦାୟର ଅଧ୍ୟୟନ କରିଥିଲେ ଓ ସେମାନଙ୍କର ସାମାଜିକ ସଂଗଠନ, ବିଶେଷ କରି ସେମାନଙ୍କ ବିବାହ ବ୍ୟବସ୍ଥାର ବିବରଣୀ ଦେଇଥିଲେ । ଟି. ଏନ୍. ମଦନ କାଶ୍ମିରୀ ପଣ୍ଡିତମାନଙ୍କର ପରିବାର ଓ ଜ୍ଞାତିତ୍ୱର ପ୍ରକୃତିକୁ ଅଧ୍ୟୟନ କରିଥିଲେ । ସଚ୍ଚିଦାନନ୍ଦ ବିହାର ଓ ଝାଡ଼ଖଣ୍ଡର କିଛି ଜନଜାତି ସମୁହଙ୍କର ଗଭୀର ଅଧ୍ୟୟନ କରିଥିଲେ । ମାର୍ଟିନ ଓରାଓଁ ଙ୍କର ଗବେଷଣାର ମୁଖ୍ୟବିନ୍ଦୁ ସାନ୍ତାଳମାନଙ୍କ ଉପରେ ଔଦ୍ୟୋଗିକିକରଣର ପ୍ରଭାବ ଥିଲା । ଏମ୍. ଶାହା, ଗୁଜୁରାଟର ଗ୍ରାମ ଓ କୁଟୁମ୍ବରେ ଘଟୁଥିବା ପରିବର୍ତ୍ତନର ଅଧ୍ୟୟନ କରିଥିଲେ ।



ଟୀପ୍‌ପଣୀ

ଭାରତୀୟ ସମାଜର ଅନୁଭବଜନ୍ୟ ଅଧ୍ୟୟନରେ ଯୋଗଦାନ କରିବା ବ୍ୟତୀତ ଭାରତୀୟ ସମାଜ ବିଜ୍ଞାନୀମାନେ ନିଜର ଗବେଷଣା ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ସୈଦ୍ଧାନ୍ତିକ ଦୃଷ୍ଟିକୋଣ ପ୍ରାପ୍ତ କରିଥିଲେ । ପୂର୍ବରୁ କୁହାଯାଇଛି ଯେ କୁର୍ଗମାନଙ୍କ ଉପରେ ନିଜ ଅଧ୍ୟୟନ ଆଧାରରେ ଶ୍ରୀନିବାସ, ସାଂସ୍କୃତିକୀକରଣର ଧାରଣା ପ୍ରସ୍ତୁତ କରିଥିଲେ । ସୈଦ୍ଧାନ୍ତିକ ଗୁରୁତ୍ୱ ଥିବା ଦ୍ୱିତୀୟ ଗବେଷଣା ଲୁଇ ଡୁମଣ୍ଟଙ୍କର ଥିଲା, ଯିଏ ନିଜର ପୁସ୍ତକ "ହୋମୋ ହାଇରାରକିକସ୍" ରେ ଜାତିପ୍ରଥାର ମୌଳିକ ସିଦ୍ଧାନ୍ତ ଓ ଲକ୍ଷଣ ମାନ ଆଲୋଚନା କରିଥିଲେ । ସେ ମଧ୍ୟ ସମାଜ ବିଜ୍ଞାନର ଏକ ଅଗ୍ରଣୀ ଜର୍ଣ୍ଣାଲ "କଂଟ୍ରିବ୍ୟୁସନ୍ସ ଟୁ ଇଣ୍ଡିଆନ ସୋସିଓଲୋଜି" ଆରମ୍ଭ କରିଥିଲେ । ଅନେକ ଭାରତୀୟ ସମାଜବିଜ୍ଞାନୀ ଭାରତୀୟ ପରମ୍ପରା ଓ ଆଧୁନିକତା ମଧ୍ୟରେ ଘଟୁଥିବା ଆନ୍ତଃକ୍ରିୟାର ତାତ୍ତ୍ୱିକ ଅନୁଶୀଳନ କରିଥିଲେ । ଉଦାହରଣ ସ୍ୱରୂପ ଯୋଗେନ୍ଦ୍ର ସିଂ ନିଜର ପୁସ୍ତକ "ଭାରତୀୟ ପରମ୍ପରାର ଆଧୁନିକୀକରଣ" ରେ ବିଗତ ଦଶକରେ ପ୍ରଜାତି, ଲିଙ୍ଗ, ହିଂସା, ବିକାଶ, ସ୍ତରୀକରଣ ସମ୍ବନ୍ଧୀୟ ଗବେଷଣା କରିଥିଲେ । ଏହି ପୃଷ୍ଠଭୂମିରେ ଏହା କୁହାଯାଇ ପାରେ ଯେ ଭାରତୀୟ ସମାଜବିଜ୍ଞାନ ଓ ନୃବିଜ୍ଞାନ ଆନ୍ତର୍ଜାତୀୟ ସ୍ତରରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରି ପାରିଛନ୍ତି ।

## ପାଠ୍ୟଗତ ପ୍ରଶ୍ନାବଳୀ ୨.୨

**ନିମ୍ନୋକ୍ତ ପ୍ରଶ୍ନର ଉତ୍ତର ଦିଅନ୍ତୁ**

୧. ଭାରତୀୟ ସମାଜ ବିଜ୍ଞାନର ଉତ୍ପତ୍ତିକୁ ଆପଣ କେତେ ଗୋଟି ପର୍ଯ୍ୟାୟ ରେ ବିଭକ୍ତ କରି ପାରିବେ ?

______________________________

୨. କେଉଁ ବର୍ଷ ଓ କାହାଦ୍ୱାରା ରୟାଲ ଏସିଆଟିକ୍ ସୋସାଇଟି ଅଫ ବେଙ୍ଗଲ୍ ପ୍ରତିଷ୍ଠିତ ହୋଇଥିଲା ?

______________________________

୩. ମାକ୍ସ ମ୍ୟୁଲର ଙ୍କ ଅବଦାନ କ'ଣ ଥିଲା ?

______________________________

୪. "ଆନସିଏଣ୍ଟ ଲ" ପୁସ୍ତକର ରଚୟିତା କିଏ ?

______________________________

୫. ଡବ୍ଲ୍ୟୁ. ଏଚ. ଆର. ରିଭର୍ସ କେଉଁ ସମାଜକୁ ଅଧ୍ୟୟନ କରିଥିଲେ ?

______________________________

୬. କୋଚିନ ଓ ମଇସୁର ର ଜାତି ଓ ଜନଜାତିକୁ କିଏ ଅଧ୍ୟୟନ କରିଥିଲେ ?

______________________________

୭. କେବେ ଓ କେଉଁ ଠାରେ ପ୍ରଥମ ନୃତତ୍ତ୍ୱ ବିଭାଗ ପ୍ରତିଷ୍ଠିତ ହୋଇଥିଲା ?

______________________________



ଟୀପ୍ପଣୀ

୮. କଣ୍ଟ୍ରିବ୍ୟୁସନ୍ସ ଟୁ ଇଣ୍ଡିଆନ ସୋସାଇଟି ନାମକ ପତ୍ରିକା କିଏ ଆରମ୍ଭ କରିଥିଲେ ?

________________________________________

୯. ସ୍ୱାଧୀନତା ପରେ ସମାଜବିଜ୍ଞାନୀଙ୍କ ଦ୍ୱାରା ଅଧ୍ୟୟନ କରାଯାଇଥିବା ଦୁଇଟି ସମୁଦାୟର ନାମ ଲେଖ ?

________________________________________

୧୦. ଜି. ଏସ. ଘୁରେ 1951 ମସିହାରେ କେଉଁ ବ୍ୟବସାୟିକ ସଂସ୍ଥା ସ୍ଥାପନ କରିଥିଲେ ?

________________________________________

## କ'ଣ ଶିଖିଲେ ।

- ମଣିଷ ସବୁବେଳେ ନିଜ ସମାଜକୁ ଜାଣିବାକୁ ତଥା ଏହା ବିଷୟରେ ଚିନ୍ତା କରିବାକୁ ଆଗ୍ରହୀ, କିନ୍ତୁ ଫ୍ରାନ୍ସ ବିପ୍ଳବ ପରେ ସମାଜ ଶାସ୍ତ୍ର ଏକ ବିଷୟ ଭାବରେ ଅସ୍ତିତ୍ୱ ପାଇଲା ।
- ଅଗଷ୍ଟ କମ୍‌ଟ୍, 1839 ରେ ସମାଜ ବିଜ୍ଞାନ ଶବ୍ଦର ନାମକରଣ କରିଥିଲେ ।
- କମ୍‌ଟ୍ ସମାଜର ବୈଜ୍ଞାନିକ ଅଧ୍ୟୟନର ପ୍ରସ୍ତାବ ଦେଇଥିଲେ, କାରଣ ଏହି ପ୍ରକାର ଏକତ୍ରିତ ହୋଇଥିବା ଜ୍ଞାନ ସାମାଜିକ ଉତ୍‌ଥାନରେ ବ୍ୟବହୃତ ହୋଇପାରିବ ।
- ଇମାଇଲ ଡୁର୍ଖିମ ଓ ମାକ୍ସ ୱେବର ଯଥାକ୍ରମେ ଫ୍ରାନ୍ସ ଓ ଜର୍ମାନୀ ରେ ସମାଜ ବିଜ୍ଞାନର ବିକାଶ ରେ ପ୍ରମୁଖ ଯୋଗ ଦାନ କରିଥିଲେ ।
- ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏକ ବିଷୟ ଭାବରେ ସମାଜ ବିଜ୍ଞାନର ତୀବ୍ର ବିକାଶ ହୋଇଥିଲା ।
- ଔପନିବେଶିକ ଶାସନ ସମୟରୁ ହିଁ ଭାରତରେ ସମାଜ ବିଜ୍ଞାନର ବିକାଶ ହୋଇଥିଲା ।
- ରୟାଲ ଏସିଆଟିକ ସୋସାଇଟି ଅଫ୍ ବେଙ୍ଗଲ୍ ପ୍ରତିଷ୍ଠା ହେବା ଯୋଗୁଁ ସମାଜ ବୈଜ୍ଞାନିକ ଗବେଷଣା ବହୁଭାବରେ ତ୍ୱରାନ୍ୱିତ ହେଲା ।
- ବମ୍ବେ ବିଶ୍ୱବିଦ୍ୟାଳୟରେ 1919 ରେ ସମାଜ ବିଜ୍ଞାନର ସଂପୂର୍ଣ୍ଣ ବିଭାଗ ଆରମ୍ଭ ହୋଇଥିଲା ।
- ଭାରତୀୟ ସମାଜ ବିଜ୍ଞାନୀ ମାନଙ୍କ ସହ ସେମାନଙ୍କର ଆମେରିକୀୟ ସ୍ୱ-ସମକକ୍ଷଙ୍କର ସହଯୋଗ ଯୋଗୁଁ ସ୍ୱାଧୀନତା ପରେ ଭାରତରେ ଗାଁ ର ଗବେଷଣାତ୍ମକ ଅଧ୍ୟୟନ ଆରମ୍ଭ ହୋଇଥିଲା ।
- ସ୍ୱାଧୀନତା ପରେ ଭାରତରେ ସମାଜବିଜ୍ଞାନ ବିଭାଗମାନଙ୍କର ସଂଖ୍ୟା ବଢିବା ଯୋଗୁଁ ଗବେଷଣା - ପ୍ରକଳ୍ପମାନଙ୍କର ମଧ୍ୟ ବୃଦ୍ଧି ଘଟିଛି ।

## ପାଠ୍ୟାନ୍ତ ପ୍ରଶ୍ନାବଳୀ

୧. ସମାଜ ବିଜ୍ଞାନର ବିକାଶ ରେ ଇମାଇଲ ଡୁର୍ଖିମ୍ ଓ ମାକ୍ସୱେବର ଙ୍କର ଯୋଗଦାନ ବର୍ଣ୍ଣନା କରନ୍ତୁ ।



ଟୀପ୍ପଣୀ

୨. ନିଜ ଭାଷାରେ ଭାରତରେ ସମାଜବିଜ୍ଞାନ ର ବିକାଶ ବର୍ଣ୍ଣନା କରନ୍ତୁ ।

୩ - ଏସ୍ . ସି. ରାୟଙ୍କର ମୁଖ୍ୟ ଯୋଗଦାନ ବର୍ଣ୍ଣନା କରନ୍ତୁ ।

୪ - ଭାରତର ସ୍ୱାଧୀନତା ପରେ ସମାଜବିଜ୍ଞାନର କେଉଁ ମୁଖ୍ୟ ଯୋଗଦାନ ଥିଲା ?

**ପାଠ୍ୟଗତ ପ୍ରଶ୍ନାବଳୀର ଉତ୍ତର**

**୨.୧** ୧. ମନୁଷ୍ୟ ଏକ ସାମାଜିକ ପ୍ରାଣୀ ଅଟେ । ୨. 1789 ର ଫ୍ରାନ୍ସ ବିପ୍ଳବ ।

୩. ଅଗଷ୍ଟ କମ୍ଟ୍

୪. ଯେଉଁ ଠାରେ ଘଟଣା ସବୁର ବ୍ୟାଖ୍ୟା ବୈଜ୍ଞାନିକ ଦୃଷ୍ଟିକୋଣ ଭିତ୍ତିରେ କରାଯାଏ ।

୫. ଧର୍ମତାତ୍ତ୍ୱିକ, ଆଧ୍ୟାତ୍ମିକ ଓ ପ୍ରତ୍ୟକ୍ଷ ବାଦ

୬. ସମାଜ ବିଜ୍ଞାନର ସିଦ୍ଧାନ୍ତ

୭. ଇମାଇଲ ଡୁର୍ଖିମ

୮. ସମାଜ ବିଜ୍ଞାନର ମୌଳିକ ଧାରଣା

---

**ପ୍ରଶ୍ନାବଳୀ ୨.୨ ର ଉତ୍ତର**

୧. ତିନି ପର୍ଯ୍ୟାୟ- 1769-1900 - ସମାଜବିଜ୍ଞାନ ର ଭିତ୍ତିସ୍ଥାପନ

1901 - 1950 - ସମାଜବିଜ୍ଞାନ ଏକ ବ୍ୟବସାୟିକ ବୃତ୍ତି ହେଲା

ସ୍ୱାଧୀନତା ପରେ - ଯୋଜନା କୃତ ବିକାଶ

୨. 1774, ରେ ୱିଲିୟମ ଜୋନ୍ସ ରୟାଲ ଏସିଆଟିକ୍ ସୋସାଇଟି ସ୍ଥାପନ କରିଥିଲେ ।

୩. ଅନେକ ପ୍ରାଚୀନ ଭାରତୀୟ ଗ୍ରନ୍ଥ ସବୁର ଜର୍ମାନୀ ଭାଷାରେ ଅନୁବାଦ କରିଥିଲେ, ଯାହା ପରବର୍ତ୍ତୀ ସମୟରେ ଇଂରାଜୀ ରେ ମଧ୍ୟ ଅନୂଦିତ ହୋଇଥିଲା ।

୪. ହେନେରୀ ମାଇନେ

୫. ନୀଳଗିରିର ଟୋଡ଼ା ନାମକ ଏକ ଗୋପାଳକ ସମୁଦାୟ

୬. ଏଲ୍. କେ. ଅନନ୍ତକୃଷ୍ଣ ଆୟାର

୭. 1921ରେ କଲିକତା ରେ ନୃବିଜ୍ଞାନ ବିଭାଗ ସ୍ଥାପିତ ହୋଇଥିଲା

୮. ଲୁଇ ଡ୍ୟୁମଣ୍ଟ



ଟୀପ୍ପଣୀ

୯. କୁର୍ଗି, ସାନ୍ତାଳ, ପାରାମଲାଇ କଲ୍ଲାର

୧୦. ସେ ଇଣ୍ଡିଆନ ସୋସିଓଲୋଜିକାଲ ସୋସାଇଟିର ପ୍ରତିଷ୍ଠା କରିଥିଲେ ।

## ସହାୟକ ପୁସ୍ତକମାଳା (Book References)

T. B. Bottomore : Sociology (1927)

Alex Inkeles : What is sociology ? (1993)

Anothony Giddens ; Sociology (1993)

D.N.Dhanagare : Themes and Perspectives in Indian Sociology (1993)

Yogendra Singh : Indian Sociology (1986)

P.K.B. Nayar (Ed.) : Sociology in India (1982) 37.



ଟୀପ୍ପଣୀ

# ୩

# ସମାଜ ବିଜ୍ଞାନର ଅନ୍ୟ ସାମାଜିକ ବିଜ୍ଞାନ ମାନଙ୍କ ସହିତ ସମ୍ପର୍କ

## (SOCIOLOGY AND OTHER SOCIAL SCIENCES)

**ବି**ଗତ ଦୁଇ ଅଧ୍ୟାୟରେ ଆପଣମାନେ ସମାଜ ବିଜ୍ଞାନର ଅର୍ଥ, ପରିସର ଓ ଇତିହାସ ବିଷୟରେ ପଢିଛନ୍ତି । ଏହି ଅଧ୍ୟାୟରେ ଆପଣମାନେ ସମାଜ ବିଜ୍ଞାନ ଓ ଅନ୍ୟ ସାମାଜିକ ବିଜ୍ଞାନ ମାନଙ୍କର ସମ୍ପର୍କ ବିଷୟରେ ଅଧ୍ୟୟନ କରିବେ । ନିଜ ନିଜର ପରିସର ଓ ବିଷୟବସ୍ତୁ ଆଧାରରେ ସମାଜ ବିଜ୍ଞାନ ଓ ଅନ୍ୟ ସାମାଜିକ ବିଜ୍ଞାନ ଯେପରିକି - ଇତିହାସ, ରାଜନୀତି ବିଜ୍ଞାନ, ଅର୍ଥଶାସ୍ତ୍ର, ସାମାଜିକ କାର୍ଯ୍ୟ, ମନୋବିଜ୍ଞାନ ଓ ନୃବିଜ୍ଞାନ, ଏ ସମସ୍ତେ ସ୍ୱତନ୍ତ୍ର ଅଟନ୍ତି । ଏହା ସତ୍ତ୍ୱେ, ସେମାନେ ସମସ୍ତେ ପରିସ୍ପର ଉପରେ ନିର୍ଭର ଶୀଳ ଅଟନ୍ତି, କାରଣ ସେମାନେ ମାନବ ସମାଜ ସହିତ ସମ୍ବନ୍ଧିତ ଅଟନ୍ତି ।

### ଉଦ୍ଦେଶ୍ୟ

**ଏହି ଅଧ୍ୟାୟ ପଢିବା ପରେ ଆପଣମାନେ-**

- ➪ ସମାଜ ବିଜ୍ଞାନର ଭିନ୍ନ ଲକ୍ଷଣକୁ ବୁଝାଇ ପାରିବେ ତଥା
- ➪ ସମାଜ ବିଜ୍ଞାନର ଅନ୍ୟ ସାମାଜିକ ବିଜ୍ଞାନ ମାନଙ୍କ ସହିତ ସଂପର୍କକୁ ବି ବୁଝି ପାରିବେ ।

### ୩.୧ ସମାଜ ବିଜ୍ଞାନ ଓ ଇତିହାସ ମଧ୍ୟରେ ସଂପର୍କ

ସମାଜ ବିଜ୍ଞାନ ଓ ଅନ୍ୟ ସାମାଜିକ ବିଜ୍ଞାନ-ଇତିହାସ ର ସଂପର୍କ ଅନ୍ୟ ଏକ ପ୍ରଶ୍ନ ସହିତ ଜଡ଼ିତ, ଯେପରିକି ସମାଜ ବିଜ୍ଞାନ, ଜୈବିକ ଓ ପ୍ରାକୃତିକ ବିଜ୍ଞାନ ମାନଙ୍କ ଭଳି ସମାଜର ଏକ ବିଜ୍ଞାନ, ନା ଏକ ପ୍ରକାରର ଇତିହାସ ଲେଖନ ପ୍ରକ୍ରିୟା । କିନ୍ତୁ ପରବର୍ତ୍ତୀ ସମୟରେ ଏହି ଧାରଣା ର ଦୁର୍ବଳତା ପ୍ରକାଶିତ ହେବାକୁ ଲାଗିଲା ଏବଂ ସମାଜବିଜ୍ଞାନୀ ମାନେ ନିଃସନ୍ଦେହ ଥିଲେ ଯେ ସେମାନଙ୍କର ବିଷୟ ଏକ ସାମାଜିକ ବିଜ୍ଞାନ ଅଟେ । ସେମାନଙ୍କ ମଧ୍ୟରୁ କିଛି ସମାଜବିଜ୍ଞାନୀ ଏହା ଚିନ୍ତା କରୁ ଥିଲେ ଯେ ସମାଜ ବିଜ୍ଞାନ ଇତିହାସ ଲେଖିବାର ଏକ ପ୍ରକାର ଭେଦ ଅଟେ ।



ଟୀପ୍ପଣୀ

ଇତିହାସ ହେଉଛି ସେହି ଅତୀତର ଅଧ୍ୟୟନ ଯାହାକୁ ଲୋକମାନେ ଅନୁଭବ କରିସାରିଛନ୍ତି । ଐତିହାସିକ ନିଜର ଅଧ୍ୟୟନ ପାଇଁ ଅଭିଲେଖାଗାରର ରେକର୍ଡ, ସଂଗ୍ରହାଳୟ, ପାଠାଗାର ଓ ଲୋକମାନଙ୍କର ବ୍ୟକ୍ତିଗତ ସଂଗ୍ରହ ଇତ୍ୟାଦିରୁ ତଥ୍ୟ ସଂଗ୍ରହ କରନ୍ତି ।


ପ୍ରାଚୀନ ସମୟ ର ଐତିହାସିକମାନେ ଶିଳାଲେଖର ଅଧ୍ୟୟନ କରନ୍ତି । ଐତିହାସିକ ତଥ୍ୟ ସଂପୂର୍ଣ୍ଣ ନ ହୋଇ ପାରେ, କାରଣ ସେହି ତଥ୍ୟମାନଙ୍କରୁ କିଛି ନଷ୍ଟ ହୋଇଥାଇ ପାରେ, ହଜିଯାଇ ଥାଇ ପାରେ, ଚୋରୀ ହୋଇଥାଇ ପାରେ ବା ଦୁର୍ଲଭ ହୋଇଥାଇ ପାରେ । ସେଥିପାଇଁ ଐତିହାସିକମାନେ ସୀମିତ ଅଧ୍ୟୟନ ସାମଗ୍ରୀ ଆଧାରରେ ହିଁ ଅତୀତର ବ୍ୟାଖ୍ୟା କରନ୍ତି ।

ଐତିହାସିକ ନିର୍ଦ୍ଦିଷ୍ଟ ସମାଜ ସହ ସମ୍ବନ୍ଧିତ ଥା'ନ୍ତି । ସେମାନେ ସମାଜରେ ଏକ ନିର୍ଦ୍ଦିଷ୍ଟ ସମୟରେ ପ୍ରଚଳିତ ବ୍ୟବସ୍ଥା ସମ୍ବନ୍ଧରେ ସୂଚନା ଦିଅନ୍ତି । ତେବେ ଐତିହାସିକ ମାନେ ସୀମିତ ସ୍ତରରେ ତୁଳନାତ୍ମକ ଅଧ୍ୟୟନ କରନ୍ତି । ସେମାନେ ଏକ ଅଞ୍ଚଳରେ ବସବାସ କରୁଥିବା ସମାଜ ମାନଙ୍କର ଅଧ୍ୟୟନ କରିପାରନ୍ତି । କିନ୍ତୁ ଭିନ୍ନ ସମୟର ସମାଜ ମାନଙ୍କର ବିଶାଳସ୍ତର ତୁଳନା ମାନ ଇତିହାସ ର ପରିସର ବାହାରେ ଥାଏ । ଏଥିପାଇଁ ଐତିହାସିକ ମାନେ ସଂପୂର୍ଣ୍ଣ ମାନବ ସମାଜ ବାବଦରେ ବ୍ୟାପକ ଅନୁମାନ ର ଉଦ୍ୟମ କରନ୍ତି ନାହିଁ । ସେମାନେ କୌଣସି ନିର୍ଦ୍ଦିଷ୍ଟ ସାମାଜିକ ପରିସ୍ଥିତିର ବିଶଦ ବିବରଣୀ ପ୍ରଦାନ କରନ୍ତି ।

ତୁଳନାତ୍ମକ ଭାବରେ, ସମାଜ ବିଜ୍ଞାନ ମୁଖ୍ୟତଃ ସମକାଳୀନ ସମାଜ ର ଅଧ୍ୟୟନ ସହିତ ଜଡ଼ିତ । ସମାଜ ବିଜ୍ଞାନୀ ନିଜେ ଅଧ୍ୟୟନ ସାମଗ୍ରୀ ସଂଗ୍ରହ କରନ୍ତି, ଯାହାକୁ କି ପ୍ରାଥମିକ ତଥ୍ୟ କୁହାଯାଏ ଓ ଅନ୍ୟ ମାନଙ୍କ ଦ୍ୱାରା ସଂଗ୍ରହ କରାଯାଇଥିବା ସାମଗ୍ରୀ ଉପରେ ନିର୍ଭର କରନ୍ତି ନାହିଁ । ତଥ୍ୟ ସଂଗ୍ରହ କରିବା ବେଳେ ସମାଜ ବିଜ୍ଞାନୀ ପ୍ରସଙ୍ଗ ର ସମସ୍ତ ଦିଗ ଉପରେ ଧ୍ୟାନ ଦେଇଥା'ନ୍ତି । ଯଦି କିଛି ପ୍ରଶ୍ନର ଉତ୍ତର ମିଳି ନ ଥାଏ, ତାହା ହେଲେ ସେମାନେ ନିଜର ଗବେଷଣା କାର୍ଯ୍ୟ କ୍ଷେତ୍ରକୁ ଯାନ୍ତି ଓ ସେସବୁ ପ୍ରଶ୍ନର ଉତ୍ତର ପାଇବାକୁ ଚେଷ୍ଟା କରନ୍ତି, ଯାହା ଆଗରୁ ମିଳିନଥାଏ । ଫଳତଃ ଐତିହାସିକ ମାନଙ୍କ ତଥ୍ୟ ଅପେକ୍ଷା ସମାଜ ବିଜ୍ଞାନୀ ମାନଙ୍କର ଦ୍ୱାରା ସଂଗୃହୀତ ତଥ୍ୟ ଅଧିକ ବ୍ୟାପକ ଅଟେ । କାରଣ ଐତିହାସିକ ମାନେ ସେମାନଙ୍କ ମିଳୁଥିବା ତଥ୍ୟକୁ ନେଇ ସନ୍ତୁଷ୍ଟ ହେବାକୁ ବାଧ୍ୟ ହୋଇ ଥା'ନ୍ତି ।

ସମାଜବିଜ୍ଞାନୀ ସମକାଳୀନ ସମାଜର ଅଧ୍ୟୟନ କଲେ ସୁଦ୍ଧା, ସାମାଜିକ ଓ ସାଂସ୍କୃତିକ ପରିବର୍ତ୍ତନକୁ ବୁଝିବା ପାଇଁ ଐତିହାସିକ ତଥ୍ୟର ସାହାଯ୍ୟ ନିଅନ୍ତି । ସେମାନେ ପ୍ରାଚୀନ ସମାଜର ଓ ଅତୀତ ସମାଜର ସମାଜବୈଜ୍ଞାନିକ ଅଧ୍ୟୟନ କରନ୍ତି । ସଂକ୍ଷେପରେ ଜଣେ ସମାଜବିଜ୍ଞାନୀ ନିଜ ବିଷୟ ର ପଦ୍ଧତି ପ୍ରୟୋଗ କରି ଐତିହାସିକ ସମାଜର ଅଧ୍ୟୟନ କରନ୍ତି ଏବଂ ତତ୍କାଳୀନ ସମାଜର ବିଭିନ୍ନ ଅନୁଷ୍ଠାନ ମାନଙ୍କ ମଧ୍ୟରେ ଘଟିଥିବା ଆନ୍ତଃକ୍ରିୟା କୁ ନିରୀକ୍ଷଣ କରନ୍ତି । ଐତିହାସିକ ସମାଜ ମାନଙ୍କର ଅଧ୍ୟୟନ ପାଇଁ ଯଦି ଏହି ଦୃଷ୍ଟି କୋଣ ର ବିସ୍ତାର କରାଯାଏ, ତେବେ ସମାଜବିଜ୍ଞାନର ଏହି ଶାଖାକୁ ଐତିହାସିକ ସମାଜବିଜ୍ଞାନ ନାମରେ ବୁଝାଯାଏ । ଇତିହାସ ଓ ସମାଜ ବିଜ୍ଞାନ ମଧ୍ୟରେ ଥିବା ମୁଖ୍ୟ ପାର୍ଥକ୍ୟ ହେଉଛି, ଇତିହାସ ଅତୀତ ସମାଜର ଅଧ୍ୟୟନ କରେ, କିନ୍ତୁ ସମାଜ ବିଜ୍ଞାନ ବର୍ତ୍ତମାନ ସମାଜର ଅଧ୍ୟୟନ କରେ । ଇତିହାସ ର ସମକାଳୀନ (ବର୍ତ୍ତମାନ) ସମାଜ ସହିତ କୌଣସି ସଂପର୍କ ନ ଥିଲା ବେଳେ, ସମାଜ ବିଜ୍ଞାନ ଅତୀତ ସମାଜ ମାନଙ୍କର ମଧ୍ୟ ଅଧ୍ୟୟନ କରେ ।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ହେଲା, ଇତିହାସ ନିର୍ଦ୍ଦିଷ୍ଟ ସମାଜ ସହିତ ନିଜକୁ ସୀମିତ ରଖୁଥିଲା ବେଳେ, ସମାଜ ବିଜ୍ଞାନ ମାନବ ସମାଜ ର ବ୍ୟାପକ ଅନୁମାନ ର ଉଦ୍ୟମ କରେ । ସାଧାରଣ ଭାଷାରେ



ଟୀପ୍ପଣୀ

କୁହାଗଲେ, ସମାଜବିଜ୍ଞାନ ସୂକ୍ଷ୍ମ-ସ୍ତରର ଅଧ୍ୟୟନ କରୁଥିଲେ ସୁଦ୍ଧା ଏହା ବୃହତ ସ୍ତର ପାଇଁ ଅନୁମାନ କରିଥାଏ । ସମାଜବିଜ୍ଞାନୀ ମାନେ ମଧ୍ୟ ନିର୍ଦ୍ଦିଷ୍ଟ ସମାଜର ବ୍ୟାପକ ଅଧ୍ୟୟନ କରନ୍ତି, କିନ୍ତୁ ଅଧ୍ୟୟନ କରାଯାଇଥିବା ସମାଜର ତୁଳନା ଅନ୍ୟ ସମାଜ ମାନଙ୍କ ସହ କରାଯାଇ ବ୍ୟାପକ ଅନୁମାନ କରାଯାଏ । ସମାଜ ବିଜ୍ଞାନୀ ମାନେ କୁହନ୍ତି ଯେ ସମାଜ ବିଜ୍ଞାନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ପଦ୍ଧତି ହେଉଛି ତୁଳନାତ୍ମକ ପଦ୍ଧତି, କାରଣ ଏହା 'ନିର୍ଦ୍ଦିଷ୍ଟ' ରୁ 'ବ୍ୟାପକ' କୁ ଯିବାରେ ସାହାଯ୍ୟ କରେ । ସମାଜ ବିଜ୍ଞାନ ଏକ ପର୍ଯ୍ୟବେକ୍ଷଣାତ୍ମକ, ତୁଳନାତ୍ମକ ଓ ବ୍ୟାପକ-ଧାରଣା ନିର୍ମାଣାତ୍ମକ ବିଜ୍ଞାନ । ଇତିହାସ ର ଭିତ୍ତି, ଅଭିଲେଖ ମାନଙ୍କର ବିଶ୍ଳେଷଣ ଉପରେ ନିର୍ଭର କରେ । ଏହା ନିର୍ଦ୍ଦିଷ୍ଟ ପରିସ୍ଥିତି ଉପରେ ଆଲୋକପାତ କରେ । ଏହାର ସିଦ୍ଧାନ୍ତ ମାନ ସମୟ ଓ ପରିସ୍ଥିତି ଦ୍ୱାରା ସ୍ଥିରିକୃତ ହୋଇଥାଏ ।

## ୩.୨ ରାଜନୀତି ବିଜ୍ଞାନ ସହ ସମାଜ ବିଜ୍ଞାନର ସଂପର୍କ

ରାଜନୀତି ବିଜ୍ଞାନ କୁ "ସରକାର ର ବିଜ୍ଞାନ" ବା "ରାଜନୀତି ବ୍ୟବସ୍ଥା ବିଜ୍ଞାନ" କୁହାଯାଏ । ରାଷ୍ଟ୍ର ଓ କ୍ଷମତାର ଅନ୍ୟ ଶାଖା ମାନଙ୍କର ଏକ ବ୍ୟବସ୍ଥିତ ଅଧ୍ୟୟନ ର ପରିଭାଷା ମଧ୍ୟ କୁହାଯାଏ । ଏହା ସମାଜରେ କ୍ଷମତାର ବଣ୍ଟନ ଓ ପ୍ରକୃତି କୁ ଅଧ୍ୟୟନ କରେ (ଯେଉଁ ନିୟମ ଅନୁସାରେ କ୍ଷମତା ପାଇଁ ପ୍ରତିଯୋଗିତା ହୁଏ) ସରକାର ର ପ୍ରକୃତି ଓ ପ୍ରକାର୍ଯ୍ୟ (ବ୍ୟବସ୍ଥାପକ, କାର୍ଯ୍ୟ ପାଳିକା ଓ ନ୍ୟାୟପାଳିକା) ର ଅଧ୍ୟୟନ ମଧ୍ୟ କରେ ।

ରାଜନୀତି ବିଜ୍ଞାନ ସାଧାରଣତଃ ଜଟିଳ, ବିକଶିତ ଓ ଆଧୁନିକ ସମାଜ ମାନଙ୍କର ଅଧ୍ୟୟନ କରେ; ଅନ୍ୟ ଭାଷାରେ କହିଲେ ସେହି ସମାଜର ଅଧ୍ୟୟନ, ଯାହା ପାଖରେ ଲିଖିତ ଆଇନ ତଥା ରାଷ୍ଟ୍ରର ପ୍ରଶାସନିକ ତନ୍ତ୍ର ଥାଏ । ଏହାର ସମ୍ବନ୍ଧ ବୃହତ୍ ସମାଜ ବ୍ୟବସ୍ଥା ସହିତ ଥାଏ, ଯେପରିକି ସମାଜର କ୍ଷୁଦ୍ର କ୍ଷୁଦ୍ର ଏକକ ଅପେକ୍ଷା ସଂପୂର୍ଣ୍ଣ ସମାଜ ଓ ସେମାନଙ୍କର ରାଜନୈତିକ ସ୍ଥିତି । ରାଜନୀତି ବିଜ୍ଞାନୀ ମାନେ ସମାଜର ଗଭୀର ଅଧ୍ୟୟନ କରନ୍ତି ନାହିଁ । ସେମାନେ ଗବେଷଣା କାର୍ଯ୍ୟ କ୍ଷେତ୍ରକୁ ଯିବା ଉପରେ ଗୁରୁତ୍ୱ ଦିଅନ୍ତି ନାହିଁ । ପ୍ରକାଶିତ ଦଲିଲ, ଜନଗଣନା, ସରକାରୀ ରିପୋର୍ଟ, ସଂସଦର କାର୍ଯ୍ୟକ୍ରମ, ଜନମତ ସଂଗ୍ରହ ଓ ନିର୍ବାଚନ ଫଳାଫଳରୁ ସେମାନେ ତଥ୍ୟ ସଂଗ୍ରହ କରନ୍ତି । ସେମାନେ କେବଳ ସେହି ତଥ୍ୟକୁ ବ୍ୟାଖ୍ୟା କରନ୍ତି ଯାହା ଅନ୍ୟମାନଙ୍କ ଦ୍ୱାରା ସଂଗୃହୀତ ଓ ସଂକଳିତ ହୋଇଥାଏ । ପୁନଶ୍ଚ ରାଜନୀତି ବିଜ୍ଞାନ ମୁଖ୍ୟତଃ ରାଜନୈତିକ ଅନୁଷ୍ଠାନ ମାନଙ୍କ ସହିତ ଜଡିତ ତଥା ସମାଜରେ କ୍ଷମତାର ବଣ୍ଟନ ଓ ଆଇନ ଶୃଙ୍ଖଳା ରକ୍ଷାର ଅଧ୍ୟୟନ କରିଥାଏ । ରାଜନୀତି ବିଜ୍ଞାନରେ ରାଜନୈତିକ ଦର୍ଶନ ଶାସ୍ତ୍ରର ଏକ ମୁଖ୍ୟସ୍ଥାନ ରହିଛି, ଯାହା ରାଜ୍ୟର ଉତ୍ପତ୍ତି ଓ ଆଇନ ଶୃଙ୍ଖଳା ରକ୍ଷାର ଆବଶ୍ୟକତା ର ଅଧ୍ୟୟନ କରେ ।

ସାମଜ ବିଜ୍ଞାନ ସମସ୍ତ ପ୍ରକାର ସମାଜ ର ଅଧ୍ୟୟନ କରେ, ସେ ଆଦିବାସୀ ସମାଜ ହେଉ ବା, କୃଷିଭିତ୍ତିକ ସମାଜ ହେଉ ଅଥବା ଔଦ୍ୟୋଗିକ ନଗରୀୟ ସମାଜ ହେଉ । ଏହାର ପ୍ରକୃତି ତୁଳନାତ୍ମକ ଅଟେ । ଏହା ସମାଜରେ କ୍ଷମତାର ବଣ୍ଟନ ବାବଦରେ ଅଧ୍ୟୟନ କରେ । 1940 ଦଶକରେ ନୃତତ୍ତ୍ୱବିତ୍ ମାନେ ମଧ୍ୟ ଏପରି ସମାଜର ଅଧ୍ୟୟନ କରିଥିଲେ ଯେଉଁ ଥିରେ ରାଷ୍ଟ୍ର ବା ରାଜ୍ୟ ପରି ଅନୁଷ୍ଠାନ ନଥିଲେ । ସେମାନଙ୍କୁ ରାଷ୍ଟ୍ର / ରାଜ୍ୟ ବିହୀନ ସମାଜ କୁହାଯାଉଥିଲା । ଏହାର ଏକ ଉଦାହରଣ ସୁଦାନ ର 'ନ୍ୟୁର' ନ୍ୟୁଏର ଥିଲା । ନୃତତ୍ତ୍ୱବିତ୍ ମାନେ ରାଷ୍ଟ୍ର ବିହୀନ ସମାଜରେ ଆଇନ ଶୃଙ୍ଖଳା ରକ୍ଷା ହେବା ବିଷୟରେ ବ୍ୟାଖ୍ୟା



ଟୀପ୍‌ପଣୀ

କରିଛନ୍ତି । ରାଜ୍ୟ / ରାଷ୍ଟ୍ର ଅଭାବ ର ମାନେ ନୁହେଁ ସାମାଜିକ ବିଚ୍ୟୁତି ତଥା ସଂଘର୍ଷର ଅଭାବ । ପ୍ରତ୍ୟେକ ସମାଜ ର ନିଜର ଆଇନ ଶୃଙ୍ଖଳା ରକ୍ଷା କରିବାର ନିଜସ୍ୱ ଉପାୟ ଥିଲା । ସମାଜବିଜ୍ଞାନ ରାଜନୀତିବିଜ୍ଞାନୀ ମାନଙ୍କର ଜ୍ଞାନକୁ ସମୃଦ୍ଧ କରିଥାଏ ତଥା ସାଧାରଣ ସମାଜରେ ପ୍ରଚଳିତ ଥିବା ନିୟନ୍ତ୍ରଣ ବ୍ୟବସ୍ଥା ବାବଦରେ ସୂଚନା ଦେଇଥାଏ ।

ଆମେ ଆଗରୁ କହିଛୁ ରାଜନୈତିକ ଅନୁଷ୍ଠାନ ମାନଙ୍କ ସହ ରାଜନୀତି ବିଜ୍ଞାନ ଜଡ଼ିତ । କିନ୍ତୁ ସମାଜ ବିଜ୍ଞାନ କୌଣସି ନିର୍ଦ୍ଦିଷ୍ଟ ଅନୁଷ୍ଠାନ କୁ ପ୍ରାଧାନ୍ୟ ଦିଏ ନାହିଁ । ଏହା ଅନୁସାରେ ସବୁ ଅନୁଷ୍ଠାନ ସମାନ ଅଟନ୍ତି, କାରଣ ସମାଜ ର କାର୍ଯ୍ୟକାରିତାରେ ସମସ୍ତ ଅନୁଷ୍ଠାନମାନଙ୍କ ର ଅବଦାନ ରହିଛି । ତେଣୁ ସମାଜବିଜ୍ଞାନ ଦୃଷ୍ଟିରେ ରାଜନୈତିକ ଅନୁଷ୍ଠାନ, ସମାଜର ଅନୁଷ୍ଠାନମାନଙ୍କ ମଧ୍ୟରେ ଥିବା ଏକ ଅନୁଷ୍ଠାନ ଏବଂ ଏହାର ଅଧ୍ୟୟନ ଅନ୍ୟ ସାମାଜିକ ଅନୁଷ୍ଠାନ ମାନଙ୍କ ସନ୍ଦର୍ଭରେ କରାଯିବା ଦରକାର । ସମାଜବିଜ୍ଞାନୀ ଯେତେବେଳେ ରାଜନୈତିକ ଅନୁଷ୍ଠାନ ମାନଙ୍କର ସ୍ୱତନ୍ତ୍ର ଅଧ୍ୟୟନ କରନ୍ତି, ସେତେବେଳେ ଏହାକୁ ରାଜନୈତିକ ସମାଜବିଜ୍ଞାନ କୁହାଯାଏ । ଏହା ରାଜନୀତିବିଜ୍ଞାନ ସହ ବହୁଭାବରେ ସମାନ, କିନ୍ତୁ ଏହା କ୍ଷମତାର ବଣ୍ଟନ, ନିୟନ୍ତ୍ରଣ ବ୍ୟବସ୍ଥା ତଥା ଆଇନ ବ୍ୟବସ୍ଥା କୁ ସାମାଜିକ ଆଧାରରେ ବିଶ୍ଲେଷଣ କରିଥାଏ । ସାମାଜିକ ସ୍ତରୀକରଣ ଓ କ୍ଷମତାର ବଣ୍ଟନ ର ସଂପର୍କ ସମ୍ବନ୍ଧୀୟ ପ୍ରଶ୍ନ, ସାମାଜିକ ନିଷେଧ ର ଭୂମିକା, ସମାଜବ୍ୟବସ୍ଥା ରକ୍ଷା ର ଅନ୍ୟାନ୍ୟ ନିଷେଧାଜ୍ଞା ମାନ ଏବଂ ରାଜନୈତିକ ବ୍ୟବସ୍ଥାରେ ଜ୍ଞାତିତ୍ୱର ସ୍ଥାନ ଇତ୍ୟାଦି ସବୁ ସମାଜବିଜ୍ଞାନ ସମ୍ବନ୍ଧୀୟ ପ୍ରଶ୍ନ ଅଟନ୍ତି ।

ସମାଜବିଜ୍ଞାନୀ କ୍ଷୁଦ୍ରସ୍ତରର ଏକକ ସହିତ ଗବେଷଣା କ୍ଷେତ୍ର-କାର୍ଯ୍ୟ କରନ୍ତି । ସେ ନଗରୀୟ ବସତି ହେଉ ବା ରାଜନୈତିକ ଦଳ ହେଉ; ସେମାନେ ସ୍ଥାନୀୟ ସ୍ତରରେ କାର୍ଯ୍ୟ କରୁଥିବା ପ୍ରକ୍ରିୟା ମାନଙ୍କ ଉପରେ ଆଲୋକ ପାତ କରନ୍ତି । ସ୍ଥାନୀୟ ସ୍ଥିତିର ତୁଳନା ଦ୍ୱାରା ସେମାନେ ସଂପୂର୍ଣ୍ଣ ରାଜନୈତିକ ବ୍ୟବସ୍ଥା ବିଷୟରେ ନିଷ୍କର୍ଷ ରେ ପହଞ୍ଚନ୍ତି । ରାଜନୀତିବିଜ୍ଞାନ ଓ ସମାଜବିଜ୍ଞାନ, ରାଜନୈତିକ ବ୍ୟବସ୍ଥା ମାନଙ୍କ ଉପରେ ବ୍ୟାପକ ଧାରଣାରେ ପହଞ୍ଚିବାକୁ ଲକ୍ଷ୍ୟ ରଖନ୍ତି, କିନ୍ତୁ ଉଭୟଙ୍କର ଭିନ୍ନ ଭିନ୍ନ ଉପାୟ ଥାଏ । ରାଜନୀତି ବିଜ୍ଞାନୀ ବୃହତ୍ ଏକକ ର ଅଧ୍ୟୟନ କରି ସେମାନଙ୍କର ପରିଣାମ ବାହାର କରେ, ସମାଜ ବିଜ୍ଞାନୀ ସୂକ୍ଷ୍ମ-ଏକକ ସହିତ ଅଧ୍ୟୟନ କରନ୍ତି, ସେମାନଙ୍କୁ ବ୍ୟବସ୍ଥିତ ଭାବରେ ତୁଳନା କରନ୍ତି ଓ ତା'ପରେ ସାଧାରଣ ପରିଣାମରେ ପହଞ୍ଚନ୍ତି ।

## ପାଠ୍ୟଗତ ପ୍ରଶ୍ନାବଳୀ ୩.୧

ନିମ୍ନ ଲିଖିତ ବକ୍ତବ୍ୟ ମାନଙ୍କ ମଧ୍ୟରୁ ଭୁଲ / ଠିକ୍ ବାଛନ୍ତୁ ଓ ଠିକ ଉତ୍ତର ପାଇଁ T ଏବଂ ଭୁଲ ଉତ୍ତର ପାଇଁ F ଲେଖନ୍ତୁ ।

୧ - ଇତିହାସ ଅତୀତ ର ସମାଜର ଅଧ୍ୟୟନ କରେ ()

୨ - ସମାଜବିଜ୍ଞାନ ଏକ ନିରୀକ୍ଷଣାତ୍ମକ ବିଜ୍ଞାନ ଅଟେ ()

୩ - ରାଜନୀତିବିଜ୍ଞାନ ମାନବ ସମାଜ ର ସବୁ ଅନୁଷ୍ଠାନ ମାନଙ୍କର ଅଧ୍ୟୟନ କରେ ()

୪ - ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ର ଅଧ୍ୟୟନ ଐତିହାସିକ କରନ୍ତି ()

୫ - ସମାଜବିଜ୍ଞାନୀ ଅଭିଲେଖାଗାରରୁ ସେମାନଙ୍କର ତଥ୍ୟ ସଂଗ୍ରହ କରନ୍ତି ()



ଟୀପ୍ପଣୀ

## ୩.୩ ସମାଜ ବିଜ୍ଞାନ ଓ ଅର୍ଥଶାସ୍ତ୍ର ମଧ୍ୟରେ ସଂପର୍କ

ସଂପ୍ରତି ସାମାଜିକ ବିଜ୍ଞାନ ମାନଙ୍କ ମଧ୍ୟରେ ଅର୍ଥନୀତି କୁ ସବୁଠାରୁ ଅଧିକ ବିକଶିତ କୁହାଯାଉଛି । ଏହି ବିଜ୍ଞାନ ଉଭୟ ଗୁଣାତ୍ମକ ଓ ମାତ୍ରାତ୍ମକ ଗବେଷଣା ପରମ୍ପରା ର ବିକାଶ କରିଛି । ଅର୍ଥଶାସ୍ତ୍ର ର ଏକ ଶାଖାକୁ ଇକୋନୋ-ମେଟ୍ରି କୁହାଯାଏ, ଯାହାର ସମ୍ବନ୍ଧ ଆର୍ଥିକ ଘଟଣା ବଳୀର ମାତ୍ରାତ୍ମକ ମୂଲ୍ୟାଙ୍କନ ସହିତ ରହିଛି । ମନୋବିଜ୍ଞାନ ସହିତ ଅନ୍ୟ ସାମାଜିକ ବିଜ୍ଞାନ ମାନଙ୍କ ତୁଳନାରେ ଆଧୁନିକ ଅର୍ଥଶାସ୍ତ୍ର ଅଧିକ ଗାଣିତିୟ ଅଟେ ।

ଅର୍ଥଶାସ୍ତ୍ର, ଉତ୍ପାଦନର ବିଭିନ୍ନ ଦିଗ, ଏହାର ବଣ୍ଟନ ଏବଂ ବିନିମୟ ତଥା ସମାଜରେ ଏହାର ଉପଭୋଗ ର ଅଧ୍ୟୟନ କରିଥାଏ । ଏହା ମନୁଷ୍ୟର ଅସୀମିତ ଆବଶ୍ୟକତା ମାନ ତଥା ସୀମିତ ସଂସାଧନ ର ପର୍ଯ୍ୟବେକ୍ଷଣ କରିଥାଏ । ତେଣୁ ସୀମିତ ସଂସାଧନ ଓ ଅସୀମିତ ଆବଶ୍ୟକତା ମାନଙ୍କ ମଧ୍ୟରେ ଭାରସାମ୍ୟ ଅବ୍ୟାହତ ରଖିବା ର ଆବଶ୍ୟକତା ରହିଛି । ଏହିସ୍ଥିତିରେ ମନୁଷ୍ୟ ନିଜ ପାଖରେ ଉପଲବ୍ଧ ସମ୍ବଳ ର ସର୍ବୋତ୍ତମ ଉପଯୋଗ ତଥା ଅନ୍ୟ ମାନଙ୍କର ଆବଶ୍ୟକତା କୁ ନିୟନ୍ତ୍ରଣ କରିବାର ଟେକ୍‌ନିକ୍ ପ୍ରୟୋଗ କରେ । ସମ୍ବଳ ତଥା ଆବଶ୍ୟକତା ମାନଙ୍କ ମଧ୍ୟରେ ଭାରସାମ୍ୟ ରକ୍ଷା କରିବାର ପ୍ରକ୍ରିୟାକୁ ମିତବ୍ୟୟିତା କୁହାଯାଏ ତଥା ଆର୍ଥିକ ବିଜ୍ଞାନ ର ଅଧ୍ୟୟନ ମଧ୍ୟ କୁହାଯାଏ ।

ଅର୍ଥନୀତି, ଆଧୁନିକ, ଜଟିଳ ଏବଂ ନଗରୀୟ ଔଦ୍ୟୋଗିକ ସମାଜର ଆର୍ଥିକ ବ୍ୟବସ୍ଥାର ଅଧ୍ୟୟନ ଉପରେ ବିଶେଷ ଧ୍ୟାନ ଦେଇଥାଏ । ଅର୍ଥନୀତି ଓ ସମାଜବିଜ୍ଞାନ ମଧ୍ୟରେ ସାମଞ୍ଜସ୍ୟ ରହିଛି । ଉଭୟ ବିଷୟ ଆଧୁନିକ ସମାଜର ନିର୍ଦ୍ଦିଷ୍ଟ ଅନୁଷ୍ଠାନ (ଯେପରିକି ରାଜନୈତିକ ଓ ଆର୍ଥିକ) ମାନଙ୍କ ଉପରେ ଗୁରୁତ୍ୱ ଦିଅନ୍ତି । ଅର୍ଥଶାସ୍ତ୍ରୀମାନେ ଏକ ବ୍ୟାପକ ପରିଣାମ ରେ ପହଞ୍ଚିବା ଉଦ୍ଦେଶ୍ୟରେ ଆଧୁନିକ ଆର୍ଥିକ ଅନୁଷ୍ଠାନ ମାନଙ୍କୁ (ଯେପରିକି ଅର୍ଥ, ବ୍ୟାଙ୍କ ଓ ବଜାର) ଏକ ତୁଳନାତ୍ମକ ଦୃଷ୍ଟିକୋଣ ରେ ଦେଖନ୍ତି । ଏହା ଅର୍ଥନୀତି କୁ ପ୍ରଭାବିତ କରୁଥିବା କାରକ (ଯଥା- ଜ୍ଞାତିତ୍ୱ, ଧର୍ମ ଓ ମୂଲ୍ୟାବୋଧ) ମାନଙ୍କୁ ସ୍ୱୀକାର କଲେ ମଧ୍ୟ ଏମାନଙ୍କୁ ଅଯୌକ୍ତିକ ବୋଲି ବିଶ୍ୱାସ କରେ କାରଣ ଏମାନେ ଆର୍ଥିକ ବିକାଶ ର ଗତିକୁ ହ୍ରାସ କରିଦିଅନ୍ତି । ଅର୍ଥନୀତି ର ବିକାଶ ପାଇଁ କେତେକ ତାର୍କିକ ନିଷ୍ପତ୍ତି ନେବାକୁ ପଡ଼େ କାରଣ ତାହାଦ୍ୱାରା ଆର୍ଥିକ ଲାଭ ହୁଏ । ପ୍ରତ୍ୟେକ ଅର୍ଥନୈତିକ ବ୍ୟବସ୍ଥା ଅଧିକାଧିକ ଲାଭ ର ସିଦ୍ଧାନ୍ତ ଆଧାର ରେ କାର୍ଯ୍ୟ କରନ୍ତି । ଏହି ସବୁ ତଥ୍ୟ କୁ ଏକାଠି କରି ଆମେ କହିପାରିବା ଯେ ଅର୍ଥଶାସ୍ତ୍ର ର ସମ୍ବନ୍ଧ; -

- ଆବଶ୍ୟକତା ଓ ଉପଲବ୍ଧତାର ସମ୍ବନ୍ଧ;
- ନିଜର ଆବଶ୍ୟକତାର ପରିପୂରଣ ପାଇଁ ସମ୍ବଳର ଉପଯୁକ୍ତ ବିନିଯୋଗ; ଏବଂ
- ଅର୍ଥନୈତିକ ବିକାଶ ଓ ପ୍ରସଙ୍ଗ ମାନଙ୍କ ସହିତ ରହିଛି ।

ସମାଜବିଜ୍ଞାନୀ ଦୃଷ୍ଟିରେ ସମାଜର ଅନେକ ଅନୁଷ୍ଠାନ ମାନଙ୍କ ମଧ୍ୟରୁ ଅର୍ଥନୀତି ହେଉଛି ଏକ ଅନୁଷ୍ଠାନ । ତେଣୁ ଅନ୍ୟ ଅନୁଷ୍ଠାନ ମାନଙ୍କ ତୁଳନା ରେ ସମାଜବିଜ୍ଞାନୀ, ଅର୍ଥନୀତିର ଅଧ୍ୟୟନ କୁ ବିଶେଷ ଗୁରୁତ୍ୱ ଦିଏ ନାହିଁ । ଏହା ଅନ୍ୟ ଅନୁଷ୍ଠାନ ମାନଙ୍କ ସହିତ ଆର୍ଥିକ ଅନୁଷ୍ଠାନ ର କାର୍ଯ୍ୟକାରିତା କୁ ନିରୀକ୍ଷଣ କରେ ।

ଅର୍ଥଶାସ୍ତ୍ରରେ ସାମାଜିକ କାରକ ମାନଙ୍କର ଅବଦାନ କୁ ସମାଜ ବିଜ୍ଞାନରେ ବିସ୍ତୃତ ଭାବେ ପରୀକ୍ଷା କରାଯାଏ । ସମାଜବିଜ୍ଞାନୀଙ୍କ ମତରେ ସମ୍ବଳର ବ୍ୟବହାର ଓ ବଣ୍ଟନ ସମ୍ବନ୍ଧୀୟ ଲୋକ ମାନଙ୍କ ନିଷ୍ପତ୍ତି



ଟୀପ୍ପଣୀ

ଉପରେ ସାମାଜିକ କାରକ ମାନଙ୍କର ବହୁ ପ୍ରଭାବ ରହିଥାଏ । ଅର୍ଥନୀତିଜ୍ଞ ମାନଙ୍କୁ ଅଯୌକ୍ତିକ ଲାଗୁଥିବା କାରକ ମାନେ ପ୍ରକୃତ ପକ୍ଷେ ସାଧାରଣ ଲୋକ ଙ୍କ ଦୃଷ୍ଟିରେ ସଂପୂର୍ଣ୍ଣ ଅର୍ଥପୂର୍ଣ୍ଣ ହୋଇଥାଏ । ସମାଜବିଜ୍ଞାନୀ ମାନେ ଜନଜାତି ଓ କୃଷକ ସମାଜର ଅଧ୍ୟୟନ କରି ଏହି କଥାକୁ ପ୍ରମାଣିତ କରିଛନ୍ତି । ଅନେକ ସମାଜରେ ଲୋକମାନେ ଅଯଥା ଖର୍ଚ୍ଚ କରନ୍ତି କାରଣ ସେମାନଙ୍କ ହିସାବରେ ଏହା ସେମାନଙ୍କର ସାମାଜିକ ପ୍ରତିଷ୍ଠା ଓ ସମ୍ମାନ ବୃଦ୍ଧି କରିଥାଏ । ଅନ୍ୟ ଭାଷାରେ କହିଲେ ସାମାଜିକ ଉଦ୍ଦେଶ୍ୟ ପୂରଣ ପାଇଁ ଧନ ଖର୍ଚ୍ଚ କରାଯାଏ । ସମାଜବିଜ୍ଞାନୀ ଅର୍ଥନୀତିର ସାମାଜିକ ଦିଗ କୁ ଗୁରୁତ୍ୱ ଦିଅନ୍ତି । ଏହି ସନ୍ଦର୍ଭରେ ସେମାନଙ୍କର କାର୍ଯ୍ୟ ଅର୍ଥନୀତିଜ୍ଞମାନଙ୍କ ଠାରୁ ଭିନ୍ନ ହୋଇଥାଏ, କାରଣ ଅର୍ଥନୀତିଜ୍ଞ ମାନେ ଲୋକ ମାନଙ୍କର କାର୍ଯ୍ୟକଳାପର ଆର୍ଥିକ ପରିଣାମ କୁ ଅନୁଧ୍ୟାନ କରନ୍ତି ।

ଅନ୍ୟ କେତେକ ଦିଗରୁ ଏହି ଦୁଇ ବିଷୟ ପରସ୍ପର ଠାରୁ ଭିନ୍ନ ଭିନ୍ନ ଅଟନ୍ତି । ଅର୍ଥନୀତିଜ୍ଞ ମାନେ ସରକାରୀ ପ୍ରକାଶନ, ଜନଗଣନା ରିପୋର୍ଟ, ବ୍ୟାଙ୍କିଙ୍ଗ୍ ସଂସ୍ଥାର କାର୍ଯ୍ୟଧାରା ରିପୋର୍ଟ, ଆର୍ଥିକ ସର୍ବେକ୍ଷଣ ରିପୋର୍ଟ ଇତ୍ୟାଦିରୁ ସେମାନଙ୍କର ତଥ୍ୟ ସଂଗ୍ରହ କରନ୍ତି । ଏହିସବୁ ତଥ୍ୟ ବୃହତ୍ ସ୍ତରର ପରିସ୍ଥିତି ସମ୍ବନ୍ଧିତ ହୋଇଥାଏ । ଏହି ଅନୁଷ୍ଠାନ ମାନଙ୍କର ଅଧ୍ୟୟନରୁ ଅର୍ଥନୀତିଜ୍ଞ ମାନେ ବ୍ୟାପକ ଅନୁମାନ ନିର୍ମାଣ ର ଉଦ୍ୟମ କରିଥା'ନ୍ତି । କ୍ୱଚିତ୍ ସେମାନେ ସମାଜର କ୍ଷୁଦ୍ର-ଏକକ ସ୍ତରରେ ସମାଜର ଅଧ୍ୟୟନ କରିଥା'ନ୍ତି, ଯେପରିକି ଗାଁ ବା ସହର ସ୍ତରରେ । ସମାଜ ବିଜ୍ଞାନୀ କ୍ଷୁଦ୍ର କ୍ଷୁଦ୍ର ଏକକ ସ୍ତରରେ ଗଭୀର ଗବେଷଣା କ୍ଷେତ୍ର-କାର୍ଯ୍ୟ ପଦ୍ଧତି (Intensive Fieldwork) ଦ୍ୱାରା ନିଜର ଅଧ୍ୟୟନ କରନ୍ତି । ଅର୍ଥନୀତିଜ୍ଞର ଅଧ୍ୟୟନ ପଦ୍ଧତି ଅବରୋହାତ୍ମକ ଅଟେ । ପ୍ରଥମେ ସାଧାରଣ ପରିଣାମରେ ପହଞ୍ଚିବା ପରେ ସେମାନେ ନିର୍ଦ୍ଦିଷ୍ଟ ବକ୍ତବ୍ୟରେ ପହଞ୍ଚନ୍ତି । କିନ୍ତୁ ସମାଜ ବିଜ୍ଞାନ ର ପଦ୍ଧତି ଆରୋହାତ୍ମକ ଅଟେ । ନିର୍ଦ୍ଦିଷ୍ଟ କ୍ଷୁଦ୍ର ଅଧ୍ୟୟନ ର ଆଧାରରେ ବ୍ୟାପକ ସାମଗ୍ରୀକ ଅନୁମାନ କରାଯାଏ ଓ ଏହାର ଅନୁମାନ ସବୁ ପୁନଃ ପରୀକ୍ଷଣ ଯୋଗ୍ୟ ହୋଇଥାଏ । ଶେଷରେ, ସମାଜ ବିଜ୍ଞାନ ଅର୍ଥନୀତି ଭଳି ସଂଖ୍ୟାତ୍ମକ ବିଜ୍ଞାନ ନୁହେଁ ।

## ୩.୪ ସମାଜବିଜ୍ଞାନ ଓ ସାମାଜିକ କାର୍ଯ୍ୟ ମଧ୍ୟରେ ସଂପର୍କ

ସମାଜବିଜ୍ଞାନ ଓ ସାମାଜିକ କାର୍ଯ୍ୟ ମଧ୍ୟରେ ସଂପର୍କକୁ 'ଶୁଦ୍ଧବିଜ୍ଞାନ' ଓ "ପ୍ରୟୋଗାତ୍ମକ ବିଜ୍ଞାନ" ମଧ୍ୟରେ ଥିବା ସଂପର୍କ ସହ ତୁଳନା କରାଯାଇପାରେ । ସାମାଜିକ କାର୍ଯ୍ୟ ମାନବ ସମୁହ ର ଉନ୍ନତି ପାଇଁ "ଚିନ୍ତାଧାରା ର ଟେକ୍‌ନିକ" ର ଉପଯୋଗ ସମ୍ବନ୍ଧିତ ଏକ ବିଷୟ ଅଟେ ।

ସାମାଜିକ କାର୍ଯ୍ୟ ବିଶେଷ ଭାବରେ ଏକ ଆମେରୀକିୟ ଧାରଣା । ଏହା ମାନବ କଲ୍ୟାଣ ପାଇଁ ସୃଷ୍ଟି ହୋଇଛି । ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଏହା ହୃଦୟଙ୍ଗମ କରାଯାଇଥିଲା ଯେ ସମାଜବିଜ୍ଞାନୀ ମାନେ ମୁଖ୍ୟତଃ ସମାଜର କାର୍ଯ୍ୟକାରିତା ତଥା ଏହା ଉପରେ ଦାର୍ଶନିକ ବାର୍ତ୍ତାବିନିମୟ ସହିତ ଜଡ଼ିତ । ଆଦର୍ଶ ସମାଜ କଥା ଉଠିଥିଲା, କିନ୍ତୁ ଏହି ସମାଜ ନିର୍ମାଣରେ କେଉଁ ଟେକ୍‌ନିକ୍ ର ପ୍ରୟୋଗ କରାଯିବ ଏସଂପର୍କରେ ଗମ୍ଭୀର ଭାବେ ବିଚାର କରାଯାଇ ନଥିଲା ।

ବିଂଶ ଶତାବ୍ଦୀରେ ସମାଜରେ ପରିବର୍ତ୍ତନ ଘଟିବା ସଙ୍ଗେ ସଙ୍ଗେ ଧନୀ ଓ ଗରିବ ମାନଙ୍କ ମଧ୍ୟରେ ବ୍ୟବଧାନ ବଢିଚାଲିଥିଲା । ଅସହାୟ ବ୍ୟକ୍ତି ମାନଙ୍କର ସମୁହ ମାନଙ୍କରେ ବୃଦ୍ଧି ଘଟି ଚାଲୁଥିଲା । ଏହି ପୃଷ୍ଠଭୂମିରେ, ଲୋକମାନଙ୍କର ପରିସ୍ଥିତିରେ ଉନ୍ନତି ଆଣିବା ମୁଖ୍ୟ ପ୍ରଶ୍ନ ଥିଲା । ପ୍ରୟୋଗ ନ ହେଲେ



ଟୀପ୍ପଣୀ

ଜ୍ଞାନ ର କୌଣସି ଗୁରୁତ୍ୱ ନଥାଏ । ସାମାଜିକ କାର୍ଯ୍ୟ ଏହି ପରିସ୍ଥିତିରେ ସୃଷ୍ଟି ହୋଇଥିଲା । ଏହା ଲୋକମାନଙ୍କର ଉନ୍ନତି ପାଇଁ ଉପଯୁକ୍ତ ଟେକ୍‌ନିକର ବିକାଶ କରିଥିଲା ।

କିନ୍ତୁ ଯେ କୌଣସି କାର୍ଯ୍ୟ ପାଇଁ ସାମାଜିକ ବ୍ୟବସ୍ଥାର ଓ ପରିସ୍ଥିତିର ସଂପୂର୍ଣ୍ଣ ଜ୍ଞାନ ଥିବା ଦରକାର ଓ ସମାଜବିଜ୍ଞାନ ଠାରୁ ଏହି ସଂପୂର୍ଣ୍ଣ ଜ୍ଞାନ ମିଳେ । ତେଣୁ ସାମାଜିକ କାର୍ଯ୍ୟ ସମାଜ-ବୈଜ୍ଞାନିକ ଅନ୍ତର୍ଦୃଷ୍ଟି ଉପରେ ନିର୍ଭରଶୀଳ । ସମାଜବିଜ୍ଞାନ ସମାଜ ବିଷୟରେ ବିସ୍ତୁତ ଓ ସାମଗ୍ରିକ ଜ୍ଞାନ ପ୍ରଦାନ କରେ । ଏହା ଏହି ଜ୍ଞାନର ପ୍ରୟୋଗ ର ସମ୍ଭାବନା ବିଷୟରେ ମଧ୍ୟ ଆଲୋଚନା କରିଥାଏ । ଏହି ଜ୍ଞାନର ପ୍ରୟୋଗାତ୍ମକ ଦିଗ ସହ ସମ୍ବନ୍ଧିତ ସମାଜବିଜ୍ଞାନ ର ଶାଖା କୁ "ପ୍ରୟୋଗାତ୍ମକ ସମାଜବିଜ୍ଞାନ" କୁହାଯାଏ ।

ସମାଜବିଜ୍ଞାନ ଓ ସାମାଜିକକାର୍ଯ୍ୟ ମଧ୍ୟରେ ପ୍ରୟୋଗାତ୍ମକ ସମାଜବିଜ୍ଞାନ ର ଏକ ସ୍ଥାନ ରହିଛି । ବର୍ତ୍ତମାନ ଆସନ୍ତୁ, ସାମାଜିକ କାର୍ଯ୍ୟ ଓ ପ୍ରୟୋଗାତ୍ମକ ସମାଜବିଜ୍ଞାନ ମଧ୍ୟରେ ଥିବା ପାର୍ଥକ୍ୟ କୁ ଜାଣିବା । ପ୍ରୟୋଗାତ୍ମକ ସମାଜବିଜ୍ଞାନ, ସମାଜବୈଜ୍ଞାନିକ ଜ୍ଞାନର ପ୍ରୟୋଗ ହେବାକୁ ଥିବା କାର୍ଯ୍ୟ କ୍ଷେତ୍ରର ଅନ୍ୱେଷଣ ର ଉଦ୍ୟମ କରିଥାଏ, କିନ୍ତୁ ସମାଜବିଜ୍ଞାନୀ ନିଜେ ସେହି ସବୁ କାର୍ଯ୍ୟ କରନ୍ତି ନାହିଁ । କାର୍ଯ୍ୟ କିପରି ହେବା ଉଚିତ ଓ କାର୍ଯ୍ୟ ର ପ୍ରକୃତି / ଲକ୍ଷଣ କ'ଣ ହେବା ଉଚିତ, ଏହି ସବୁ ବିଷୟରେ ସମାଜ ବିଜ୍ଞାନୀ ଆଗ୍ରହୀ ଥାଏ । ସାମାଜିକ କାର୍ଯ୍ୟକର୍ତ୍ତା କେବଳ କାର୍ଯ୍ୟ ଯୋଜନା ଯେ ପ୍ରସ୍ତୁତ କରନ୍ତି ତା ନୁହେଁ, ସେମାନେ ନିଜେ ଏହି କାର୍ଯ୍ୟ କରନ୍ତି । ସେଥିପାଇଁ, ପ୍ରକୃତ ପକ୍ଷେ କହିବାକୁ ଗଲେ ସମାଜିକ କାର୍ଯ୍ୟ ବ୍ୟବହାରିକ କ୍ଷେତ୍ର ତଥା କାର୍ଯ୍ୟ କରିବାର ଏକ ବୈଷୟିକ କୌଶଳ ଅଟେ ।

## ପାଠ୍ୟଗତ ପ୍ରଶ୍ନାବଳୀ ୩.୨

ନିମ୍ନୋକ୍ତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଏକ ବାକ୍ୟରେ ଦିଅନ୍ତୁ ।

୧. ସାମାଜିକ କାର୍ଯ୍ୟ କହିଲେ କ'ଣ ବୁଝାଯାଏ ?

________________________________________

୨. ଅର୍ଥନୀତି କହିଲେ କ'ଣ ବୁଝ ?

________________________________________

୩. ଅର୍ଥନୀତିଜ୍ଞ ମାନେ କେଉଁ ପ୍ରକାର ସମାଜକୁ ଅଧ୍ୟୟନ କରନ୍ତି ?

________________________________________

୪. ସମାଜବିଜ୍ଞାନୀ ସେମାନଙ୍କର ଅଧ୍ୟୟନ ରେ କେଉଁ ପଦ୍ଧତିର ବ୍ୟବହାର କରନ୍ତି ?

________________________________________

୫. ପ୍ରୟୋତ୍ମକ ସମାଜବିଜ୍ଞାନ କ'ଣ ?

________________________________________



ଟୀପ୍ପଣୀ

## ୩ .୫ ସମାଜବିଜ୍ଞାନ ଓ ମନୋବିଜ୍ଞାନ ମଧ୍ୟରେ ସଂପର୍କ

ସାମାଜିକ ବିଜ୍ଞାନ ମାନଙ୍କରେ ବ୍ୟକ୍ତି ଓ ସମାଜ ଦୁଇଟି ମୁଖ୍ୟ ଧାରଣା ଅଟନ୍ତି । ଦୁଇ ବା ତତୋଽଧିକ ବ୍ୟକ୍ତିଙ୍କ ମଧ୍ୟରେ ଥିବା ସ୍ଥାୟୀ ସଂପର୍କଗୁଚ୍ଛ କୁ ସମାଜ କୁହାଯାଏ । ଏହା ଲୋକମାନଙ୍କର ଏକ ସମୂହ ଯାହାକି ଭିଡ଼ ଠାରୁ ଭିନ୍ନ ଅଟେ । ସମାଜରେ ପ୍ରତ୍ୟେକ ବ୍ୟକ୍ତିର ନିଜର ଭିନ୍ନ ପରିଚୟ, ସ୍ୱତନ୍ତ୍ରତା ଓ ମାନସିକ ସଂରଚନା ରହିଛି । ଏଥିରୁ ଜାଣିହେବ ଯେ କୌଣସି ସମାଜର ଦୁଇ ବ୍ୟକ୍ତିଙ୍କର ବ୍ୟବହାର ମଧ୍ୟରେ ତାରତମ୍ୟ କାହିଁକି ଥାଏ । ସମାଜରେ ବ୍ୟକ୍ତିର ବ୍ୟବହାର କିପରି ହେବା ଉଚିତ, ଏହି ଜ୍ଞାନ ସମାଜରୁ ମଧ୍ୟ ମିଳିଥାଏ । ବ୍ୟକ୍ତି ଏହି ଜ୍ଞାନକୁ ହୃଦୟଙ୍ଗମ କରି ସେହି ଅନୁସାରେ ଆଚରଣ କରିଥାଏ । ଏହି ଜ୍ଞାନକୁ କ୍ରିୟାନ୍ୱିତ କରିବା ସମୟରେ ବ୍ୟକ୍ତି ପରିବର୍ତ୍ତିତ ଉପାଦାନ ମାନଙ୍କର ସାହାଯ୍ୟ ନିଏ । ଏକା ପ୍ରକାର ପରିସ୍ଥିତିରେ ମଧ୍ୟ ବ୍ୟକ୍ତି ଭିନ୍ନ ଭିନ୍ନ ଆଚରଣ କରିଥାଏ ।

ଯେଉଁ ବିଷୟରେ ବ୍ୟକ୍ତି ଉପରେ ଧ୍ୟାନ କେନ୍ଦ୍ରିତ କରାଯାଏ, ତାହାକୁ ମନୋବିଜ୍ଞାନ କୁହାଯାଏ । ଏହା ବ୍ୟକ୍ତିର ମାନସିକ ସଂରଚନା, ସ୍ମରଣ ଶକ୍ତି, ବିଦ୍‌ବତ୍ତା, ଅନ୍ତର୍ନିହିତ ଜଟିଳତା ଓ ମନସ୍ତାତ୍ତ୍ୱିକ ସମସ୍ୟାକୁ ଅନୁଧ୍ୟାନ କରେ । ଅନ୍ୟ ଭାଷାରେ କହିଲେ, ମନୋବିଜ୍ଞାନ ବ୍ୟକ୍ତିର ନିର୍ଦ୍ଦିଷ୍ଟ ଶୈଳୀର ବ୍ୟବହାର କୁ ବୁଝିବାକୁ ଚେଷ୍ଟା କରେ । ଏହା ମଧ୍ୟ ମାନସିକ ତଥ୍ୟ ମାନଙ୍କର ଅଧ୍ୟୟନ କରେ । ଘଟଣାବଳୀ ର ସୂକ୍ଷ୍ମ ବିଶ୍ଳେଷଣ କରୁଥିବା ହେତୁ, ମନୋବିଜ୍ଞାନ ଗୁଣାତ୍ମକ ମୂଲ୍ୟାଙ୍କନ ସହିତ, ସଂଖ୍ୟାତ୍ମକ ଟେକ୍‌ନିକ୍ ର ପ୍ରୟୋଗ କରିଥାଏ । କିଛି ମନସ୍ତାତ୍ତ୍ୱିକ ସ୍ଥିତିକୁ ବୁଝିବା ପାଇଁ ମାନବୀୟ ଜୈବିକ ବ୍ୟବସ୍ଥାର ଜ୍ଞାନର ଆବଶ୍ୟକତା ପଡ଼ିଥାଏ । ଏଥିପାଇଁ ମନୋବିଜ୍ଞାନ ମନୁଷ୍ୟର ଶାରିରୀକ, ବିଶେଷ କରି ସ୍ନାୟବିକ ବ୍ୟବସ୍ଥାକୁ ବୁଝିବାରେ ବିଶେଷ ଗୁରୁତ୍ୱ ଦେଇଥାଏ ।

ଲୋକମାନଙ୍କର ସାମୟିକ ଏକତ୍ରିତ ସମୁହ ବା ଭିଡ଼ ର ପରିସ୍ଥିତି ଭିତରେ ବ୍ୟକ୍ତିମାନଙ୍କର ବ୍ୟବହାର କୁ ଅନୁଧ୍ୟାନ କରୁଥିବା ମନସ୍ତତ୍ତ୍ୱର ଶାଖାକୁ ସାମାଜିକ-ମନୋବିଜ୍ଞାନ କୁହାଯାଏ । ସାମୟିକ ଜନସମୁହ ବା ଜନଗହଳି ର ବ୍ୟବହାର କୁ ଗୋଷ୍ଠୀଗତ ବ୍ୟବହାର ମଧ୍ୟ କୁହାଯାଏ, ଯାହାକି ମନସ୍ତତ୍ତ୍ୱର ବିଷୟବସ୍ତୁ ଅଟେ, କିନ୍ତୁ ଏହି ଜନଗହଳି ଅନ୍ତର୍ଗତ ଜନସମୁହର ବ୍ୟବହାର, ସ୍ଥାୟୀ ଅନୁଷ୍ଠାନମାନ ଯଥା- ପଡ଼ୋଶୀ ଓ ପରିବାର ରେ ଦେଖାଯାଉଥିବା ବ୍ୟବହାର ଠାରୁ ଭିନ୍ନ ଅଟେ । ସ୍ଥାୟୀ ଅନୁଷ୍ଠାନମାନଙ୍କରେ ଲୋକମାନଙ୍କର ବ୍ୟବହାର କୁ ସମାଜିକ ବ୍ୟବହାର କୁହାଯାଏ, ଯାହାକି ସମାଜବିଜ୍ଞାନର ବିଷୟବସ୍ତୁ ଅଟେ, ସାମାଜିକ ମନୋବିଜ୍ଞାନ, ସମାଜବିଜ୍ଞାନ ଓ ମନୋବିଜ୍ଞାନ ମଧ୍ୟବର୍ତ୍ତୀ ଏକ ସ୍ଥାନ ଗ୍ରହଣ କରିଛି ।

ଯଦି ମନୋବିଜ୍ଞାନ, ବ୍ୟକ୍ତିର ମାନସିକ ସଂରଚନା ର ତଥ୍ୟ ମାନଙ୍କର ଏକ ଅଧ୍ୟୟନ ହୁଏ, ତାହା ହେଲେ ନିରନ୍ତରତା ଥିବା ସମାଜର ସାମାଜିକତଥ୍ୟ ର ଅଧ୍ୟୟନ ହେଉଛି ସମାଜବିଜ୍ଞାନ । ସେମାନେ (ଏହି ଦୁଇ ବିଷୟ) ସମାଜରେ ବ୍ୟକ୍ତି ମାନଙ୍କର ପାରସ୍ପରିକ ସମ୍ବନ୍ଧର ଅଧ୍ୟୟନ କରନ୍ତି । ଭାଷା ହେଉଛି ସାମାଜିକତଥ୍ୟର ଏକ ଉଦାହରଣ । ସାମାଜିକୀକରଣ ପ୍ରକ୍ରିୟା ମାଧ୍ୟମରେ ବ୍ୟକ୍ତିମାନେ ଏହାକୁ ଶିଖନ୍ତି । କିନ୍ତୁ ଏହାର ପ୍ରୟୋଗ ସେମାନଙ୍କର ବ୍ୟକ୍ତିତ୍ୱ, ମାନସିକ ତଥ୍ୟ, ପସନ୍ଦ, ନାପସନ୍ଦ ଓ ଅନ୍ୟ ବ୍ୟକ୍ତିଗତ କାରକ ମାନଙ୍କ ଉପରେ ନିର୍ଭର କରିଥାଏ । ସେମାନେ କିନ୍ତୁ ଭାଷାର ଢାଞ୍ଚା, ଏହାର ବ୍ୟାକରଣ, ଶବ୍ଦକୋଷ, ବ୍ୟକ୍ତ କରିବାର ନିୟମ ଇତ୍ୟାଦି, (ଯାହାର ସମ୍ବନ୍ଧ ସମାଜ ବିଜ୍ଞାନୀ ମାନଙ୍କ ସହିତ ଥାଏ) ପରିବର୍ତ୍ତନ କରନ୍ତି ନାହିଁ ।



ଟୀପ୍ପଣୀ

ସମାଜବିଜ୍ଞାନ ଓ ମନସ୍ତତ୍ତ୍ୱ ମଧ୍ୟରେ ଥିବା ପାର୍ଥକ୍ୟ କୁ ଏକ ଉଦାହରଣ ମାଧ୍ୟମରେ ସ୍ପଷ୍ଟ ଜାଣି ହେବ । ମନେ କରନ୍ତୁ କୌଣସି ଏକ ଅଦାଲତର କାର୍ଯ୍ୟ ଚାଲୁଛି, ଏବଂ ଅଭିଯୁକ୍ତ, ଓକିଲ ଓ ବିଚାରପତି ମାନେ ମାମଲା ସଂପର୍କରେ ଆଲୋଚନା କରୁଛନ୍ତି । ଯେଉଁ ନିୟମମାନଙ୍କ ଅନୁସାରେ ସେମାନେ ମାମଲାର ଫଇସଲା କରିବେ, ତାହା ସମାଜବିଜ୍ଞାନୀ ର ଅଭିରୁଚି ର ବିଷୟ ଅଟେ । ନ୍ୟାୟିକ ପ୍ରକ୍ରିୟାରେ ସମାଜର ପ୍ରତ୍ୟେକ ସଦସ୍ୟର ଅଧିକାର ଓ କର୍ତ୍ତବ୍ୟ ବିଷୟରେ ସମାଜବିଜ୍ଞାନୀ ଆଗ୍ରହୀ ଥାଏ । ସଂକ୍ଷେପରେ କହିଲେ, ସମାଜବିଜ୍ଞାନୀ ସମଗ୍ର ନ୍ୟାୟିକ ପ୍ରକ୍ରିୟାରେ ଆଗ୍ରହୀ ଥାଏ । କିନ୍ତୁ ମାମଲାରେ ସମ୍ବନ୍ଧିତ ସମସ୍ତ ବ୍ୟକ୍ତି ମାନଙ୍କର ମାନସିକ ସ୍ଥିତି ବିଷୟରେ ମନୋବିଜ୍ଞାନୀ ଆଗ୍ରହୀ ଥାଏ । ସେଥିପାଇଁ ସମାଜବିଜ୍ଞାନୀ ମାନେ ମନସ୍ତାତ୍ତ୍ୱିକ ତଥ୍ୟ ଓ ସାମାଜିକ ତଥ୍ୟ ମଧ୍ୟରେ ପ୍ରଭେଦ କରିଥାନ୍ତି ।

ଏହା ଏଠାରେ ଜାଣିବା ଉଚିତ ହେବ ଯେ ପ୍ରସ୍ଥିତି ଓ ଭୂମିକା, ଯାହାକି ମନୋବିଜ୍ଞାନ ଓ ସମାଜବିଜ୍ଞାନ ମଧ୍ୟରେ ସମ୍ବନ୍ଧ ସ୍ଥାପନ କରନ୍ତି, ଆପଣମାନେ ସେସବୁ ଆଗାମୀ ଅଧ୍ୟାୟରେ ପଢ଼ିବେ । ପ୍ରସ୍ଥିତି ବ୍ୟକ୍ତିର ସାମାଜିକ ସ୍ଥିତିକୁ ଦର୍ଶାଏ ଓ ସାମାଜିକ ସ୍ଥିତି ଅନୁସାରେ ମନୁଷ୍ୟ ର ବ୍ୟବହାର କୁ ଭୂମିକା କୁହାଯାଏ । ପ୍ରସ୍ଥିତି ହେଉଛି, ସମାଜ ପ୍ରଦତ୍ତ ଅଧିକାର ଓ କର୍ତ୍ତବ୍ୟ ମାନଙ୍କର ଏକ ସମୂହ । ବ୍ୟକ୍ତିମାନେ ପ୍ରସ୍ଥିତି କୁ ଧାରଣ କରନ୍ତି ଓ ସେମାନଙ୍କର ସ୍ୱ ବ୍ୟବହାରକୁ କାର୍ଯ୍ୟକାରୀ କରିବା ପାଇଁ ତାଲିମ ନିଅନ୍ତି, ବ୍ୟକ୍ତି ନିଜର ଭୂମିକା ଅନୁସାରେ କାର୍ଯ୍ୟ କରେ, କିନ୍ତୁ ତାହା ସମାଜ ର ଆଶା ଓ ଆକାଂକ୍ଷା ଅନୁସାରେ ହୋଇଥାଏ । ସେଥିପାଇଁ ପ୍ରସ୍ଥିତି ଓ ଭୂମିକା ବ୍ୟକ୍ତିକୁ ସମାଜ ସହିତ ଯୋଡ଼ନ୍ତି ଓ ଏହା ମାଧ୍ୟମରେ ସମାଜବିଜ୍ଞାନ ଓ ମନୋବିଜ୍ଞାନ ମଧ୍ୟରେ ଯୋଗସୂତ୍ର ସ୍ଥାପିତ ହୁଏ ।

## ୩ . ୬ ସମାଜ ବିଜ୍ଞାନ ଓ ନୃତତ୍ତ୍ୱ ମଧ୍ୟରେ ସଂପର୍କ

ସର୍ବପ୍ରଥମେ ଆପଣମାନେ ଜାଣିବା ଦରକାର ଯେ ମନୁଷ୍ୟ ଜୀବନର ଜୈବିକ ତଥା ସାମାଜିକ ଓ ସାଂସ୍କୃତିକ ଦିଗ ସବୁର ଅଧ୍ୟୟନ ହେଉଛି ମନୋବିଜ୍ଞାନ । ଏହା ମନୁଷ୍ୟର ଜୈବିକ ଓ ସାମାଜିକ - ସାଂସ୍କୃତିକ ଦିଗ ସମେତ ଏକ ସମଗ୍ର ବୈଜ୍ଞାନିକ ଅଧ୍ୟୟନ ଅଟେ । ମନୁଷ୍ୟ ଜୀବନର ଜୈବିକ ଦିଗକୁ ଅଧ୍ୟୟନ କରୁଥିବା ନୃତତ୍ତ୍ୱ ର ଶାଖାକୁ ଭୌତିକ ବା ଜୈବିକ ନୃବିଜ୍ଞାନ କହନ୍ତି ଓ ମନୁଷ୍ୟ ଜୀବନର ସାମାଜିକ- ସାଂସ୍କୃତିକ ଦିଗ କୁ ଅଧ୍ୟୟନ କରୁଥିବା ଶାଖାକୁ ସାମାଜିକ ନୃବିଜ୍ଞାନ କୁହାଯାଏ । କିନ୍ତୁ ଯୁକ୍ତ ରାଷ୍ଟ୍ର ଆମେରିକାରେ ଏହି ଶାଖାକୁ ସାଂସ୍କୃତିକ ନୃତତ୍ତ୍ୱ କୁହାଯାଏ । ନୃବିଜ୍ଞାନ ର ତୃତୀୟ ଶାଖା ହେଉଛି ଭାଷା ମାନଙ୍କର ଏକ ତୁଳନାତ୍ମକ ଅଧ୍ୟୟନ, ଯାହାକୁ ଭାଷାଗତ ନୃବିଜ୍ଞାନ ମଧ୍ୟ କୁହାଯାଏ । ମନୁଷ୍ୟର ତଥା ଲେଖି ଶିଖିବା ପୂର୍ବ ସମୟର ଅଧ୍ୟୟନକୁ ପ୍ରାଗୈତିହାସିକ ନୃବିଜ୍ଞାନ ବା ପ୍ରାଗୈତିହାସିକ ପ୍ରତ୍ନତତ୍ତ୍ୱ କୁହାଯାଏ । ଏହି ଚାରିଟି ଶାଖାମଧ୍ୟରୁ ସାମାଜିକ ନୃତତ୍ତ୍ୱ ସହିତ ସମାଜବିଜ୍ଞାନର ଘନିଷ୍ଠ ସମ୍ବନ୍ଧ ରହିଛି ।

ଆପଣମାନେ ପୂର୍ବ ଅଧ୍ୟାୟରେ ପଢ଼ିଛନ୍ତି ଯେ ଅଷ୍ଟାଦଶ ଶତାବ୍ଦୀର ଶେଷଭାଗ ଓ ଉନବିଂଶ ଶତାବ୍ଦୀର ପ୍ରାରମ୍ଭ, ମଧ୍ୟବର୍ତ୍ତୀ ସମୟରେ, ଏକ ବିଷୟ ଭାବରେ, ସମାଜବିଜ୍ଞାନ ର ଉତ୍ପତ୍ତି ହୋଇଥିଲା । ସାମାଜିକ ନୃତତ୍ତ୍ୱ ର ପ୍ରାରମ୍ଭ ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ହୋଇଥିଲା କିନ୍ତୁ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଏହା ଏକ ସମ୍ମାନ ଜନକ ସ୍ଥାନ ଅଧିକାର କରିଥିଲା । ସମାଜ ବିଜ୍ଞାନ, ଜଟିଳ, ଆଧୁନିକ ଓ ନଗରୀୟ - ଔଦ୍ୟୋଗିକ ସମାଜ କୁ ଗୁରୁତ୍ୱ ଦେଲାବେଳେ, ସାମାଜିକ ନୃତତ୍ତ୍ୱ, ଜନଜାତି, କୃଷକ ଓ ପୃଥିବୀର ଶିକ୍ଷା ବିହୀନ ସମାଜର ଅଧ୍ୟୟନ ଉପରେ ଗୁରୁତ୍ୱ ଦିଏ, କାରଣ ସେହିସବୁ ସମାଜ ସଭ୍ୟତା ର ସ୍ପର୍ଶ ପାଇ ନ ଥିଲେ । ପ୍ରଥମେ ସମାଜବିଜ୍ଞାନୀ ନିଜ ସମାଜ (ନିଜ ସମୟର ସମାଜ) ର ଅଧ୍ୟୟନ କରିଥିଲା ବେଳେ,



ଟୀପ୍ପଣୀ



ନୃତତ୍ତ୍ୱବିତ୍‌ମାନେ ଅନ୍ୟ ସମାଜ ର ଅଧ୍ୟୟନ କରିଥିଲେ । ସେଥିପାଇଁ 'ନିଜ ସମାଜର ଅଧ୍ୟୟନ' ଭାବେ ସମାଜ ବିଜ୍ଞାନ ପରିଚିତ ହେଲା ବେଳେ, ଅନ୍ୟ ସଂସ୍କୃତି ର ଅଧ୍ୟୟନ ଭାବେ ନୃତତ୍ତ୍ୱ ପ୍ରତିଷ୍ଠା ଲାଭ କଲା । ଏହି ପ୍ରଭେଦ ବ୍ୟତୀତ ଉଭୟ ବିଷୟ ମଧ୍ୟରେ ଥିବା ସାମଞ୍ଜସ୍ୟ ମଧ୍ୟ ଗୁରୁତ୍ୱ ପୂର୍ଣ୍ଣ ଅଟେ । ଉଭୟ ବିଷୟ ମନୁଷ୍ୟ ସମାଜର ଏକ ସାମଗ୍ରୀକ ଅଧ୍ୟୟନ କରି, ବ୍ୟାପକ ଅନୁମାନ ନିର୍ମାଣ କରିବାର ଉଦ୍ୟମ କରିଥିଲେ । ଉଭୟ ପ୍ରକୃତିଗତ ଭାବେ ତୁଳନାତ୍ମକ ଅଧ୍ୟୟନ କରୁଥିଲେ । ଏହି କାରଣ ରୁ ଇମାଇଲ ଡୁର୍ଖିମ୍ ନାମକ ଜଣେ ଫ୍ରାନ୍ସର ସମାଜବିଜ୍ଞାନୀ ନୃତତ୍ତ୍ୱ କୁ ତୁଳନାତ୍ମକ ସମାଜବିଜ୍ଞାନ ର ଆଖ୍ୟା ଦେଇଥିଲେ । ସାମାଜିକ ନୃତତ୍ତ୍ୱ କୁ ସମାଜବିଜ୍ଞାନର ଏକ ଶାଖା ଭାବେ ବିବେଚନା କରାଗଲା । ଯାହାକୁ ଆଦିମ ସମାଜର ସମାଜବିଜ୍ଞାନ ମଧ୍ୟ କୁହାଗଲା ।

ସମାଜବିଜ୍ଞାନ ଓ ନୃତତ୍ତ୍ୱ ମଧ୍ୟରେ ଥିବା ପ୍ରଭେଦ କୁ କୌଣସି ସମସ୍ୟା ବିନା ବୁଝିହେବ । ଏହା ଠିକ୍ ସେହିପରି ପ୍ରଭେଦ ଯେପରି କି 'ଆମ' ଓ 'ତାଙ୍କ' ସମାଜ, ତଥା 'ସଭ୍ୟ' ଓ 'ଆଦିମ' ସମାଜ ମଧ୍ୟରେ ଥିବା ପ୍ରଭେଦ । ଆମେରିକା, ଅଷ୍ଟ୍ରେଲିଆ ଓ ଆଫ୍ରିକା ହେଉଛନ୍ତି ଏଭଳି ଦେଶ ଯେଉଁଠାରେ ସେଠାକାର ବାସିନ୍ଦା ମାନେ, ସେମାନଙ୍କର ଔପନିବେଶିକ-ଆଗନ୍ତୁକ ମାନଙ୍କ ଠାରୁ ସଂପୂର୍ଣ୍ଣ ଭିନ୍ନ ଥିଲେ । କିନ୍ତୁ ସମାଜବିଜ୍ଞାନ ଓ ନୃତତ୍ତ୍ୱ ମଧ୍ୟରେ ଥିବା ଏହି ପ୍ରଭେଦ ଭାରତରେ ବିଶେଷ ଉପଯୋଗୀ ହୋଇନଥିଲା, କାରଣ ଭିନ୍ନ ଭିନ୍ନ ପ୍ରଜାତିର ଜନସଂଖ୍ୟା ମଧ୍ୟରେ ନିରନ୍ତରତା ଥିଲା । ଅନେକ ସ୍ଥିତିରେ, ଜନଜାତି ଓ ଅଣ-ଜନଜାତି ତଥା ଗ୍ରାମ୍ୟ ଓ ସହରୀ ଜନସଂଖ୍ୟା ମଧ୍ୟରେ ପ୍ରଭେଦ କରିବା ସମ୍ଭବ ନଥିଲା । ଏହିଭଳି ସ୍ଥିତିରେ ସମାଜ ବିଜ୍ଞାନ ଓ ନୃତତ୍ତ୍ୱ ମଧ୍ୟରେ ଥିବା ପ୍ରଭେଦ ଅସ୍ପଷ୍ଟ ଥିଲା ।

ସମୟର ପ୍ରବାହ ସହିତ ନୃତତ୍ତ୍ୱବିତ୍ ମାନେ ସହରୀ ଓ ଔଦ୍ୟୋଗିକ ସମାଜକୁ ସେମାନଙ୍କ ଅଧ୍ୟୟନ କ୍ଷେତ୍ରରେ ସାମିଲ କଲେ, ଯେଉଁ ସବୁ ସମାଜ ଆଗରୁ କେବଳ ସମାଜବିଜ୍ଞାନୀ ଙ୍କ ଅଧ୍ୟୟନର ବିଷୟ ବସ୍ତୁ ଥିଲା । ସହରୀ-ଔଦ୍ୟୋଗିକୀକରଣ ଯୋଗୁଁ ଜନ ଜାତି ସମାଜରେ ଘଟୁଥିବା ପରିବର୍ତ୍ତନ କାରଣରୁ ଏହା ଘଟିଥିଲା । ଏହା ସହିତ, ଜନଜାତି ଓ କୃଷକ ସମାଜ ମାନେ ସମାଜବିଜ୍ଞାନର ପରିବର୍ଦ୍ଧିତ ପରସରରେ ସାମିଲ ହୋଇଥିଲେ । ଏହି ସବୁ ର ପରିଣାମ ସ୍ୱରୂପ ସମାଜବିଜ୍ଞାନ ଓ ସାମାଜିକନୃତତ୍ତ୍ୱର ପରିସର ଓ ବିଷୟବସ୍ତୁ ମଧ୍ୟରେ କୌଣସି ପ୍ରଭେଦ ଜଣାଗଲା ନାହିଁ ।

ଏଭଳି ଏକ ସମୟ ଥିଲା ଯେତେବେଳେ ସମାଜବିଜ୍ଞାନ ଓ ସାମାଜିକ ନୃତତ୍ତ୍ୱ, ଭିନ୍ନ ଭିନ୍ନ ସମାଜର ବିଶେଷ ଅଧ୍ୟୟନ କରୁଥିଲେ ଓ ବିଭିନ୍ନ ତାତ୍ତ୍ୱିକ ସିଦ୍ଧାନ୍ତ ର ବିକାଶରେ ସହଯୋଗ କରୁଥିଲେ । ସମାଜ ବିଜ୍ଞାନୀ ମାନେ ତଥ୍ୟ ସଂଗ୍ରହ ର ସର୍ଭେ ପଦ୍ଧତି ବିକଶିତ କଲାବେଳେ ନୃତତ୍ତ୍ୱବିତ୍ ମାନେ ଗବେଷଣାର କ୍ଷେତ୍ର-କାର୍ଯ୍ୟ ପଦ୍ଧତିର ବିକାଶ କରିଥିଲେ । ଜ୍ଞାତିତ୍ୱ ଓ ଧର୍ମ କୁ ବୁଝାଇବାରେ ନୃତତ୍ତ୍ୱବିତ୍ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା । କାରଣ ଏହି ଦୁଇଟି ଅନୁଷ୍ଠାନ ସାଧାରଣ ଓ ସରଳ ସମାଜ ରେ ଗୁରୁତ୍ୱପୂର୍ଣ୍ଣ ଥିଲେ । ସମାଜିକ ସ୍ତରୀକରଣ, ଶିକ୍ଷା ବ୍ୟବସ୍ଥା, ଓ ସହରୀ-ଔଦ୍ୟୋଗିକ ସମାଜ, ଯେଉଁ ସବୁ ବିଷୟ ଆଧୁନିକ ସମାଜ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ, ଏହି ସବୁ ବିଷୟ କୁ ବୁଝାଇବାରେ ସମାଜବିଜ୍ଞାନୀ ମାନଙ୍କର ଅତୁଳନୀୟ ଅବଦାନ ରହିଛି । ଏହିସବୁ ପାର୍ଥକ୍ୟ ଥିବା ସତ୍ତ୍ୱେ, ସମାଜବିଜ୍ଞାନ ଓ ସାମାଜିକ ନୃତତ୍ତ୍ୱ ମଧ୍ୟରେ, ଅନ୍ୟ ସାମାଜିକବିଜ୍ଞାନ ମାନଙ୍କ ତୁଳନାରେ, ଅଧିକ ସାମଞ୍ଜସ୍ୟ ରହିଛି ।



ଟୀପ୍‌ପଣୀ

## ପାଠ୍ୟଗତ ପ୍ରଶ୍ନାବଳୀ ୩ .୩

ନିମ୍ନଲିଖିତ ଶୂନ୍ୟସ୍ଥାନ ମାନଙ୍କୁ ଉଚିତ ଶବ୍ଦ ରେ ପୂରଣ କରନ୍ତୁ ।

୧. ମନସ୍ତତ୍ତ୍ୱ ହେଉଛି ________________ ତଥ୍ୟ ମାନଙ୍କର ଅଧ୍ୟୟନ ।

୨. ପ୍ରସ୍ଥିତି ହେଉଛି, ସମାଜ ରେ ବ୍ୟକ୍ତି ହାସଲ କରିଥିବା ________________ ।

୩. ଯେଉଁ ବିଷୟ ମନୁଷ୍ୟ ଜୀବନର ଜୈବିକ, ଓ ସାମାଜିକ-ସାଂସ୍କୃତିକ ଦିଗକୁ ଅଧ୍ୟୟନ କରେ, ତାହାକୁ ________________ ବୋଲି କୁହାଯାଏ ।

୪. ପ୍ରାରମ୍ଭରେ, ସାମାଜିକ ନୃତତ୍ତ୍ୱ ________________ ସମାଜକୁ ଅଧ୍ୟୟନ କରିଥିଲା ।

୫. ________________ ର ସର୍ଭେ ପଦ୍ଧତି ବିକାଶରେ ଯୋଗଦାନ ଥିଲା ।

## କ'ଣ ଶିଖିଲେ

- ସମାଜ ବିଜ୍ଞାନ ଓ ଅନ୍ୟ ସମାଜିକ ବିଜ୍ଞାନ ମାନଙ୍କ ମଧ୍ୟରେ ଥିବା ସମ୍ବନ୍ଧ ବିଷୟରେ ଆଲୋଚନା କଲା ବେଳେ, ଏହା ମନେ ରଖିବା ଉଚିତ ହେବ ଯେ ଏହି ପ୍ରତ୍ୟେକ ବିଷୟର ନିଜର ସ୍ୱାତନ୍ତ୍ର୍ୟ ରହିଛି ଓ ଏହା ସହିତ ସେମାନେ ଅନ୍ୟ ବିଷୟମାନଙ୍କ ସହିତ ଅର୍ଥପୂର୍ଣ୍ଣ ସଂପର୍କରେ ସମ୍ବନ୍ଧିତ ।
- ସମାଜ ବିଜ୍ଞାନ ମୁଖ୍ୟତଃ ସମସାମୟିକ ସମାଜର ଅଧ୍ୟୟନ ସହିତ ଜଡ଼ିତ । କାର୍ଯ୍ୟକ୍ଷେତ୍ର-ଅଧ୍ୟୟନ ଓ ସର୍ବେକ୍ଷଣ ପଦ୍ଧତି ମାଧ୍ୟମରେ ସମାଜବିଜ୍ଞାନୀ ତଥ୍ୟ ସଂଗ୍ରହ କରେ ।
- ଐତିହାସିକ ମାନେ ଅତୀତ ର ସୀମିତ ସାମଗ୍ରୀ ଆଧାରରେ ନିଜର ବିଶ୍ଳେଷଣ କରନ୍ତି ।
- ସମାଜବିଜ୍ଞାନୀ ର ତଥ୍ୟ ଐତିହାସିକ ର ତଥ୍ୟ ଠାରୁ ଅଧିକ ସଂପୂର୍ଣ୍ଣ ଅଟେ ।
- ଇତିହାସ ଓ ସମାଜବିଜ୍ଞାନ ମଧ୍ୟରେ ଥିବା ମୁଖ୍ୟ ପାର୍ଥକ୍ୟ ହେଉଛି, ଇତିହାସ ଅତୀତର ଅଧ୍ୟୟନ କରୁଥିବା ବେଳେ ସମାଜବିଜ୍ଞାନ ବର୍ତ୍ତମାନ ସମାଜର ଅଧ୍ୟୟନ କରିଥାଏ ।
- ସମାଜବିଜ୍ଞାନ କ୍ଷୁଦ୍ର-ଏକକ ସ୍ତରରେ ଅଧ୍ୟୟନ କଲାବେଳେ ବୃହତ୍-ଏକକ ସ୍ତରର ଅନୁମାନ କରିଥାଏ ।
- ସାମାଜିକ ଓ ସାଂସ୍କୃତିକ ପରିବର୍ତ୍ତନ କୁ ବୁଝିବା ପାଇଁ ସମାଜବିଜ୍ଞାନୀ, ଉପଲବ୍ଧ ଐତିହାସିକ ସମାଗ୍ରୀର ସାହାଯ୍ୟ ନିଅନ୍ତି ।
- ସମାଜବିଜ୍ଞାନ ହେଉଛି ଏକ ପର୍ଯ୍ୟବେକ୍ଷଣାତ୍ମକ, ତୁଳନାତ୍ମକ ଓ ବ୍ୟାପକ ଅନୁମାନ-ନିର୍ମାଣାତ୍ମକ ବିଜ୍ଞାନ । ଇତିହାସ ପ୍ରାଚୀନ ଦସ୍ତାବିଜ ର ଆଲୋଚନା ଆଧାରିତ ଏକ ବିଷୟ ଅଟେ ।
- ରାଜନୀତିବିଜ୍ଞାନ ସାଧାରଣତଃ ଜଟିଳ, ବିକଶିତ ଓ ଆଧୁନିକ ସମାଜ ମାନଙ୍କର ଅଧ୍ୟୟନ କରିଥାଏ, ଅନ୍ୟଭାଷାରେ କହିଲେ, ସେହିସବୁ ସମାଜର ଅଧ୍ୟୟନ, ଯେଉଁ ସମାଜରେ ରାଷ୍ଟ୍ର ଓ ଲିଖିତ ଆଇନ ପ୍ରଚଳିତ ଥାଏ । ଏହା ବୃହତ୍ ବ୍ୟବସ୍ଥା, ଯଥା ସମଗ୍ର ସମାଜ ଓ ତଦନ୍ତର୍ଗତ ରାଜନୈତିକ ରାଷ୍ଟ୍ର ସହିତ ଜଡ଼ିତ, କିନ୍ତୁ କ୍ଷୁଦ୍ରସ୍ତର-ଏକକ ଅଧ୍ୟୟନ ପାଇଁ ସମାଜବିଜ୍ଞାନୀ ବିଖ୍ୟାତ ।



ଟୀପ୍ପଣୀ

➪ ସମାଜବିଜ୍ଞାନ ସମସ୍ତ ପ୍ରକାର ର ସମାଜର ଅଧ୍ୟୟନ କରନ୍ତି, ସେମାନେ ଜନଜାତୀୟ, କୃଷକ ବା ସହରୀ-ଔଦ୍ୟୋଗିକ ସମାଜ ହୁଅନ୍ତୁ ନା କାହିଁକି ।

➪ ଅର୍ଥନୀତି ସମାଜ ରେ ଉତ୍ପାଦନ, ଉପଭୋଗ, ବିତରଣ ଓ ବିନିମୟର ଭିନ୍ନ ଭିନ୍ନ ଦିଗକୁ ଅଧ୍ୟୟନ କରିଥାଏ ।

➪ ସମାଜବିଜ୍ଞାନୀ ଅର୍ଥନୀତିର ସାମାଜିକ ଦିଗକୁ ଅନୁଧ୍ୟାନ କରନ୍ତି ଓ ଏମାନଙ୍କର କାର୍ଯ୍ୟ ଅର୍ଥନୀତିଜ୍ଞ ମାନଙ୍କ ଠାରୁ ଭିନ୍ନ ହୋଇଥାଏ । ଅର୍ଥନୀତିଜ୍ଞ ଆର୍ଥିକ କାର୍ଯ୍ୟାବଳୀର ଫଳାଫଳ କୁ ଅନୁଧ୍ୟାନ କରିଥାନ୍ତି ।

➪ ଅର୍ଥନୀତିଜ୍ଞ ର ଅବରୋହାତ୍ମକ ଦୃଷ୍ଟିଭଙ୍ଗୀ ହୋଇଥାଏ ଅର୍ଥାତ୍ ସେ ପ୍ରଥମେ ବ୍ୟାପକ ସାଧାରଣ ଅନୁମାନ କରନ୍ତି ଓ ସେଥିରୁ ନିର୍ଦ୍ଦିଷ୍ଟ ବିଷୟରେ ଧାରଣା କରାଯାଏ । ସମାଜବିଜ୍ଞାନୀ ର ଦୃଷ୍ଟି କୋଣ ଆରୋହାତ୍ମକ ଅଟେ । ସମାଜବିଜ୍ଞାନ ଅର୍ଥନୀତି ପରି ଏକ ସଂଖ୍ୟାତ୍ମକ ବିଷୟ ନୁହେଁ ।

➪ ସମାଜବିଜ୍ଞାନ ଓ ସାମାଜିକ କାର୍ଯ୍ୟ ର ସମ୍ବନ୍ଧ କୁ 'ଶୁଦ୍ଧ' ଓ 'ପ୍ରୟୋଗାତ୍ମକ' ବିଜ୍ଞାନ ମଧ୍ୟରେ ଥିବା ସମ୍ବନ୍ଧ ସହିତ ତୁଳନା କରାଯାଇପାରେ ।

➪ ସମାଜବିଜ୍ଞାନ ଓ ସାମାଜିକକାର୍ଯ୍ୟ, ଏହି ବିଷୟ ମାନଙ୍କ ମଧ୍ୟରେ ପ୍ରୟୋଗାତ୍ମକ ସମାଜବିଜ୍ଞାନ ର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି ।

➪ ମନୁଷ୍ୟ ର ଉତ୍ଥାନ ପାଇଁ ସାମାଜିକକାର୍ଯ୍ୟ ଏକ ଉପଯୁକ୍ତ ବୈଷୟିକ ଜ୍ଞାନ ର ବିକାଶ କରିଛି ।

➪ ସାମାଜିକକାର୍ଯ୍ୟ ଏକ ପ୍ରୟୋଗାତ୍ମକ କ୍ଷେତ୍ର ଅଟେ । ଏହା କାର୍ଯ୍ୟ କରିବାର ଏକ ଟେକ୍‌ନିକ୍ ଅଟେ ।

➪ ମନସ୍ତତ୍ତ୍ୱ ମାନବ ଶରୀର, ବିଶେଷ କରି ସ୍ନାୟବିକ ବ୍ୟବସ୍ଥା ଉପରେ ବିଶେଷ ଧ୍ୟାନ ଦେଇଥାଏ ।

➪ ବ୍ୟକ୍ତିର ମାନସିକ ସଂରଚନା ତଥା ମାନସିକ ତଥ୍ୟ ମାନଙ୍କର ଅଧ୍ୟୟନ ମନସ୍ତତ୍ତ୍ୱ କରିଥାଏ, କିନ୍ତୁ ସମାଜବିଜ୍ଞାନ ସାମାଜିକ ତଥ୍ୟ ମାନଙ୍କର ଅଧ୍ୟୟନ କରିଥାଏ ।

➪ ନୃତତ୍ତ୍ୱ ହେଉଛି ମନୁଷ୍ୟ ଜୀବନର ଜୈବିକ, ତଥା ସାମାଜିକ ସାଂସ୍କୃତିକ ଦିଗ ମାନଙ୍କର ଅଧ୍ୟୟନ ।

➪ ମନୁଷ୍ୟର ସାମାଜିକ ଓ ସାଂସ୍କୃତିକ ଦିଗ ମାନଙ୍କର ଅଧ୍ୟୟନ କୁ ସାମାଜିକ ନୃତତ୍ତ୍ୱ କୁହାଯାଏ ।

➪ ନିଜ ସମାଜର ଅଧ୍ୟୟନ ଭାବେ ସମାଜ ବିଜ୍ଞାନ ପରିଚିତ, କିନ୍ତୁ ନୃତତ୍ତ୍ୱ ଅନ୍ୟ ସଂସ୍କୃତି ମାନଙ୍କର ଅଧ୍ୟୟନ ଭାବରେ ପ୍ରତିଷ୍ଠା ଲାଭ କରିଛି ।

➪ ଅନ୍ୟ ସମସ୍ତ ସାମାଜିକ ବିଜ୍ଞାନ ମାନଙ୍କ ତୁଳନାରେ ସମାଜବିଜ୍ଞାନ ର ସାମାଜିକ-ନୃତତ୍ତ୍ୱ ସହିତ ଘନିଷ୍ଠ ସମ୍ବନ୍ଧ ରହିଛି । ଆନ୍ତଃ-ବିଷୟକ ଅଧ୍ୟୟନ ମାନଙ୍କରେ, ଗବେଷକ ମାନେ ଅନ୍ୟ ବିଷୟ ମାନଙ୍କ ଠାରୁ ଗବେଷଣା ପଦ୍ଧତି, ଟେକ୍‌ନିକ୍ ଓ ପରିଦୃଶ୍ୟ ଗ୍ରହଣ କରନ୍ତି ।



ଟୀପ୍ପଣୀ

## ପାଠ୍ୟାନ୍ତ ପ୍ରଶ୍ନାବଳୀ :

୧. ସମାଜବିଜ୍ଞାନ, ଇତିହାସ ଠାରୁ କିଭଳି ଭିନ୍ନ ଓ ଏହି ଦୁଇ ବିଷୟ ମଧ୍ୟରେ କ'ଣ ସାମଞ୍ଜସ୍ୟ ରହିଛି ତାହା ନିଜ ଭାଷାରେ ବୁଝାଅ ।

୨. ସମାଜବିଜ୍ଞାନ ଓ ରାଜନୀତିବିଜ୍ଞାନ ମଧ୍ୟରେ ଥିବା ପ୍ରଭେଦ ଓ ସାମଞ୍ଜସ୍ୟ ଲେଖ ।

୩. ସମାଜବୈଜ୍ଞାନିକ ଅଧ୍ୟୟନ ଠାରୁ ଅର୍ଥନୈତିଜ୍ଞ ଅଧ୍ୟୟନ କିପରି ଭିନ୍ନ ? ଆଲୋଚନା କର ।

୪. 'ଶୁଦ୍ଧ' ଓ 'ପ୍ରୟୋଗାତ୍ମକ' ବିଜ୍ଞାନ କହିଲେ କ'ଣ ବୁଝ ?

୫. ସମାଜବିଜ୍ଞାନ ଓ ନୃତତ୍ତ୍ୱ ମଧ୍ୟରେ କ'ଣ ପ୍ରଭେଦ ରହିଛି ?

## ପାଠ୍ୟଗତ ପ୍ରଶ୍ନାବଳୀର ଉତ୍ତର :

### ୩ . ୧

୧) T , ୨) T , ୩) F , ୪) F , ୫) F

### ୩ . ୨

୧) ସାମାଜିକକାର୍ଯ୍ୟ ମାନବ ସମୁହ ର ଉତ୍‌ଥାନ ପାଇଁ କରାଯାଇଥିବା ପ୍ରୟୋଗାତ୍ମକ ଟେକ୍‌ନିକ୍ ସହିତ ଜଡ଼ିତ ।

୨) ଅର୍ଥନୀତି ସମାଜରେ ଉତ୍ପାଦନ, ଉପଭୋଗ, ବିତରଣ ଓ ବିନିମୟର ବିଭିନ୍ନ ଦିଗର ଅଧ୍ୟୟନ କରିଥାଏ ।

୩) ଅର୍ଥନୀତି, ଆଧୁନିକ, ଜଟିଳ, ଓ ନଗରୀୟ - ଔଦ୍ୟୋଗିକ ଅର୍ଥନୀତିକ ବ୍ୟବସ୍ଥା ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ ।

୪) ସମାଜବୈଜ୍ଞାନିକ ଦୃଷ୍ଟିକୋଣ ଆରୋହାତ୍ମକ ହୋଇଥାଏ ।

୫) ପ୍ରୟୋଗାତ୍ମକ ଦିଗ ସହିତ ସମ୍ବନ୍ଧିତ ସମାଜ ବିଜ୍ଞାନର ଶାଖାକୁ ପ୍ରୟୋଗାତ୍ମକ ସମାଜବିଜ୍ଞାନ କୁହାଯାଏ ।

### ୩ . ୩

୧) ମାନସିକ

୨) ସାମାଜିକ ସ୍ଥିତି

୩) ନୃତତ୍ତ୍ୱ

୪) ଜନଜାତିୟ

୫) ସମାଜବିଜ୍ଞାନୀ



ଟୀପ୍ପଣୀ

**ସହାୟକ ପୁସ୍ତକମାଳା** (Book References)

T . B . Bottomore : Sociology (1922)

Anthony Giddens : Sociology (1993)

Glabert : Sociology .



ଟୀପ୍‌ପଣୀ

# ୪

# ସମାଜବିଜ୍ଞାନରେ ଗବେଷଣାର ପଦ୍ଧତି ଓ ଟେକ୍‌ନିକ୍

## (METHODS AND TECHNIQUES OF RESEARCH)

**ସା**ମାଜିକ ବିଜ୍ଞାନ ସମାବୀୟ ବ୍ୟବହାର ର ବ୍ୟାଖ୍ୟା ସହିତ ଜଡ଼ିତ । କିଛି ତଥ୍ୟ ଏହି ବ୍ୟାଖ୍ୟାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ଏହି ଉଦ୍ଦେଶ୍ୟ ପୂରଣ ପାଇଁ ସମାଜବିଜ୍ଞାନୀମାନେ ବିଭିନ୍ନ ପଦ୍ଧତି ଓ ଟେକ୍‌ନିକ ବ୍ୟବହାର କରିଛନ୍ତି ଯାହାଦ୍ୱାରା ବ୍ୟବସ୍ଥିତ ତଥ୍ୟ ସଂଗ୍ରହ ସୁଗମ ହୋଇ ପାରିବ । ପଦ୍ଧତି ଓ ଟେକ୍‌ନିକ ମାନେ ସାମାଜିକ ସମସ୍ୟାର ସମାଧାନ ରେ ସାହାଯ୍ୟ କରନ୍ତି । ପ୍ରତ୍ୟେକ ପଦ୍ଧତିର ନିଜସ୍ୱ ଟେକ୍‌ନିକ ରହିଛି ଓ ଏହି ଟେକନିକ୍-ମାଧ୍ୟମରେ ତଥ୍ୟ ସଂଗ୍ରହ ସୁବିଧା ଜନକ ହୋଇଥାଏ । ଏହି ଅଧ୍ୟାୟରେ ଆମେ ସାଧାରଣତଃ ବ୍ୟାପକ ପ୍ରୟୋଗ ହେଉଥିବା ଗବେଷଣା ପଦ୍ଧତି ଓ ଟେକନିକ୍ ବିଷୟରେ ଆଲୋଚନା କରିବା ।

### ଉଦ୍ଦେଶ୍ୟ :-

**ଏହି ଅଧ୍ୟାୟ ପଢ଼ିବା ପରେ ଆପଣମାନେ -**

- ➪ ଗବେଷଣାର ବିଭିନ୍ନ ପଦ୍ଧତି– ମୁଖ୍ୟତଃ, ଐତିହାସିକ, ତୁଳନାତ୍ମକ, ପରୀକ୍ଷଣାତ୍ମକ, ପ୍ରକାର୍ଯ୍ୟାତ୍ମକ ଓ ଅନୁଭବଜନ୍ୟ ଇତ୍ୟାଦିକୁ ଆଲୋଚନା କରି ପାରିବେ ; ଏବଂ
- ➪ ତଥ୍ୟ ସଂଗ୍ରହର ବିଭିନ୍ନ ଟେକ୍‌ନିକ୍ ଯେପରିକି, ପର୍ଯ୍ୟବେକ୍ଷଣ, ସର୍ବେକ୍ଷଣ, ଘଟଣା ବିଶେଷର ଗଭୀର ଅଧ୍ୟୟନ, ପ୍ରଶ୍ନାବଳୀ ଓ ସାକ୍ଷାତ୍‌କାର ଇତ୍ୟାଦିର ବ୍ୟାଖ୍ୟା କରିପାରିବେ ।

ସମାଜର ବୈଜ୍ଞାନିକ ଅଧ୍ୟୟନର ଧାରଣା ଏହି ଆଧାରରେ କରାଯାଇଛି ଯେ ସଂପୂର୍ଣ୍ଣ ନିରପେକ୍ଷ ଓ ବ୍ୟାପକ ଅନୁମାନଯୋଗ୍ୟ ତଥ୍ୟ ସଂଗ୍ରହ ଏକ ଅସମ୍ଭବ କାର୍ଯ୍ୟ । ଏହି ତଥ୍ୟକୁ ଆଧାରକରି ସମାଜବିଜ୍ଞାନୀ ନିଜ ଗବେଷଣାକୁ ଯଥାସମ୍ଭବ ସୁବ୍ୟବସ୍ଥିତ କରିଥା'ନ୍ତି । ଏହି ପରିପ୍ରେକ୍ଷୀରେ ସେମାନେ ସମାଜର ଅଧ୍ୟୟନରେ ଅନେକ ପଦ୍ଧତିର ସାହାଯ୍ୟ ନିଅନ୍ତି । ସମାଜବିଜ୍ଞାନୀ ମାନେ ଭିନ୍ନ ଭିନ୍ନ ପଦ୍ଧତିର ବ୍ୟବହାର କଲେ ମଧ୍ୟ, ବୈଜ୍ଞାନିକ ଦୃଷ୍ଟିକୋଣ ସେମାନଙ୍କର ଗବେଷଣା ର ମୌଳିକ ଆଧାର ଅଟେ । ବର୍ତ୍ତମାନ ଆମେ ସମାଜବିଜ୍ଞାନରେ ବ୍ୟାପକ ଭାବେ ପ୍ରଚଳିତ ଥିବା ଗବେଷଣା ପଦ୍ଧତି ଓ ଟେକ୍‌ନିକ୍ ବିଷୟରେ ଆଲୋଚନା କରିବା ।



ଟୀପ୍‌ପଣୀ

## ୪ .୧ ଐତିହାସିକ ପଦ୍ଧତି (Historical Method)

ଇତିହାସରେ ଘଟିଥିବା ସାମାଜିକ ପରିବର୍ତ୍ତନ ର ବିଶ୍ଳେଷଣ ବିଭିନ୍ନ ପଦ୍ଧତିମାନଙ୍କ ଦ୍ୱାରା କରାଯାଇଛି । ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦ୍ଧତି ହେଉଛି ଐତିହାସିକ ପଦ୍ଧତି । ଏହି ପଦ୍ଧତି ଅତୀତର ଘଟଣାବଳୀର ସୂଚନାସ୍ରୋତର ମୂଲ୍ୟାଙ୍କନ କରିଥାଏ ଓ ତାହା ମାଧ୍ୟମରେ ତଥ୍ୟ ତଥା ତଥ୍ୟସ୍ରୋତର ପ୍ରାମାଣିକତା ନିର୍ଦ୍ଧାରଣ କରିଥାଏ । ଐତିହାସିକମାନେ ବିଭିନ୍ନ ସୂଚନାସ୍ରୋତର ବ୍ୟବହାର କରିଥା'ନ୍ତି, ଯଥା - ଲିଖିତ ଦସ୍ତାବିଜ, ସାର୍ବଜନିକ ରେକର୍ଡ, ରିପୋର୍ଟ, ବ୍ୟବସାୟ କାଗଜ ପତ୍ର, ସମ୍ବାଦ ପତ୍ର, ଡାଏରୀ, ଚିଠିପତ୍ର, ଭ୍ରମଣକାରୀମାନଙ୍କର ଅନୁଭୂତି, ବିଭିନ୍ନ ସାହିତ୍ୟିକ ଲେଖା ଇତ୍ୟାଦି । ଐତିହାସିକ ପଦ୍ଧତି ସାମାଜିକ ଅନୁଷ୍ଠାନମାନଙ୍କର ଉତ୍ପତ୍ତି, ବିକାଶ ଓ ପରିବର୍ତ୍ତନର ଅଧ୍ୟୟନ କରିଥାଏ । ଏହି ପଦ୍ଧତିରେ ସମାଜବିଜ୍ଞାନୀ ଦୀର୍ଘବର୍ଷଧରି ଏକ ବା ଏକାଧିକ ସମାଜ ସଂପର୍କୀତ ତଥ୍ୟର ପ୍ରୟୋଗ କରନ୍ତି । ଏହାର ମୁଖ୍ୟ ଦୃଷ୍ଟିକୋଣ ହେଉଛି ଅତୀତର ଅନୂଭୂତି ରୁ ସାମାଜିକ ଆଚରଣ ସମ୍ବନ୍ଧୀୟ ଅନ୍ତର୍ଦୃଷ୍ଟି ପ୍ରାପ୍ତ କରିବା ।

ସମାଜବିଜ୍ଞାନରେ ଐତିହାସିକ ପଦ୍ଧତିର ଦୁଇଟି ମୁଖ୍ୟ ସ୍ୱରୂପ ରହିଛି ।

ପ୍ରଥମ ସ୍ୱରୂପ ହେଉଛି ପ୍ରାଚୀନ ସମାଜବିଜ୍ଞାନୀ ମାନଙ୍କର, ଯେଉଁ ମାନେ କି ପ୍ରଥମେ ଐତିହାସିକ ଦର୍ଶନ ଓ ପରେ ଜୀବବିଜ୍ଞାନ ର କ୍ରମବିକାଶ ର ସିଦ୍ଧାନ୍ତ ଦ୍ୱାରା ପ୍ରଭାବିତ ହେଇଥିଲେ । ଏହି ପଦ୍ଧତିରେ ଗବେଷଣାର ସମସ୍ୟା ଓ ତତ୍ତ୍ୱକୁ ନେଇ ପ୍ରାଥମିକତା ସ୍ଥିର କରାଯାଇଥାଏ । ଏହି ଗବେଷଣା ପଦ୍ଧତି ର କେନ୍ଦ୍ରବିନ୍ଦୁ ହେଉଛନ୍ତି - ଉତ୍ପତ୍ତିର ସମସ୍ୟା, ସଭ୍ୟତା, ସାମାଜିକ ଅନୁଷ୍ଠାନ ମାନଙ୍କର ପରିବର୍ତ୍ତନ ଓ ବିକାଶ । ଏହି ସବୁର ସଂପୂର୍ଣ୍ଣ ମାନବ ଇତିହାସ ଓ ସମସ୍ତ ପ୍ରମୁଖ ସାମାଜିକ ଅନୁଷ୍ଠାନ ମାନଙ୍କ ସହିତ ଘନିଷ୍ଠ ସମ୍ବନ୍ଧ ଥାଏ । କମ୍‌ଟ୍, ସ୍ପେନସର ଓ ହବ୍‌ହାଉସ ଙ୍କର ପୁସ୍ତକ ଓ ଅଧ୍ୟୟନରୁ ଏହା ସ୍ପଷ୍ଟ ।

ମାକ୍ସ ୱେବରଙ୍କର ଗବେଷଣାତ୍ମକ କାର୍ଯ୍ୟରେ ଐତିହାସିକ ପଦ୍ଧତିର ଅନ୍ୟ ଏକ କିସମ ଦେଖିବାକୁ ମିଳେ । ପୁଞ୍ଜିବାଦ ଉତ୍ପତ୍ତି ସମ୍ବନ୍ଧୀୟ ତାଙ୍କର ଅଧ୍ୟୟନ, ଅମଲାତନ୍ତ୍ରର ବିକାଶ ଓ ବିଶ୍ୱ ର ବିଭିନ୍ନ ଧର୍ମର ଅର୍ଥନୀତି ଉପରେ ପ୍ରଭାବ ଇତ୍ୟାଦି ରୁ ଏହାର ଉଦାହରଣ ମିଳେ । ବିଭିନ୍ନ ପ୍ରକାରର ସମାଜର ପରୀକ୍ଷଣ ଓ ସମାଜିକ ସଂରଚନା ମାନଙ୍କର ନିର୍ଦ୍ଦିଷ୍ଟ ଐତିହାସିକ ପରିବର୍ତ୍ତନ ହେଉଛି ୱେବର ଙ୍କର ଏହି ଅଧ୍ୟୟନ ସମୁହର ମୁଖ୍ୟ ପଦ୍ଧତିଗତ ଲକ୍ଷଣ । ଏହି ପ୍ରକ୍ରିୟାରେ ଉଭୟ କାରଣ-ବ୍ୟାଖ୍ୟା ଓ ଐତିହାସିକ ବିଶ୍ଳେଷଣ ସାମିଲ ଥାଏ । ଏହି ପଦ୍ଧତିରେ ଐତିହାସିକ ଓ କାର୍ଯ୍ୟ-କାରକ ବ୍ୟାଖ୍ୟା ଦେଖିବାକୁ ମିଳିଥାଏ ।

**ତୁଳନାତ୍ମକ ପଦ୍ଧତି (Comparative Method) :** ଏହି ପଦ୍ଧତି ଦ୍ୱାରା, ଭିନ୍ନ ଭିନ୍ନ ଛୋଟ ବଡ଼ ସମୁହ ଓ ସମାଜ ମାନଙ୍କର ଆଚାର ବ୍ୟବହାରରେ ଆସିଥିବା ପରିବର୍ତ୍ତନ ମାନଙ୍କର ତୁଳନା କରାଯାଏ ଓ ସେମାନଙ୍କ ମଧ୍ୟରେ ଥିବା ସାମଞ୍ଜସ୍ୟ ଓ ପାର୍ଥକ୍ୟ ସବୁକୁ ବିଶ୍ଳେଷଣ କରାଯାଏ, ଯେପରିକି କୌଣସି ଏକ ସମାଜର ଭିନ୍ନ ଭିନ୍ନ ଶ୍ରେଣୀ ମାନଙ୍କ ମଧ୍ୟରେ ଥିବା ସାମାଜିକ ଗତିଶୀଳତାର ବେଗ ର ହାରାହାରି ତୁଳନାତ୍ମକ ଅଧ୍ୟୟନ । ଏହି ସାମାଜିକ ଗତିଶୀଳତା ର ହାର ନିର୍ଦ୍ଦିଷ୍ଟ ସମାଜ ତଥା ଭିନ୍ନ ଭିନ୍ନ ସମାଜରେ ମଧ୍ୟ ତୁଳନାର ବିଷୟ ହୋଇପାରେ ।

ସାଧାରଣତଃ, ତୁଳନାତ୍ମକ ପଦ୍ଧତିରେ, ଐତିହାସିକ ପଦ୍ଧତି ଓ ଏକ ମିଶ୍ରିତ ସାଂସ୍କୃତିକ ପଦ୍ଧତି ଉଭୟ ଦେଖିବାକୁ ମିଳନ୍ତି । କିଛି ଲେଖକ, ତୁଳନାତ୍ମକ ଓ ଐତିହାସିକ ଉଭୟ ପଦ୍ଧତିକୁ ଏକ ଭାବନ୍ତି ଓ ସମସାମୟିକ ସଂସ୍କୃତି ର ତୁଳନା କୁ ମିଶ୍ରିତ ସାଂସ୍କୃତିକ ପଦ୍ଧତିର ନାମ ଦିଅନ୍ତି ।



ଟୀପ୍‌ପଣୀ

ସମାଜବୈଜ୍ଞାନିକ ଗବେଷଣାରେ ତୁଳନାତ୍ମକ ପଦ୍ଧତି ର ଆଧାର ହେଉଛି ଯେ ଅନ୍ୟ ସାମାଜିକ ବ୍ୟବସ୍ଥା ମାନଙ୍କ ସହ ତୁଳନା ନ କରି କୌଣସି ସମାଜକୁ ବୁଝି ହେବ ନାହିଁ । ନୃତତ୍ତ୍ୱବିତ୍ ମାନଙ୍କ ଦ୍ୱାରା ବିକଶିତ ଏହି ତୁଳନାତ୍ମକ ପଦ୍ଧତି, ସମାଜିକ ବ୍ୟବସ୍ଥା ମାନଙ୍କର ପରିବର୍ତ୍ତନ ଓ ବିକାଶ ର ବ୍ୟାଖ୍ୟାରେ ନିର୍ଦ୍ଧିଷ୍ଟ ଭାବରେ ଉପଯୋଗୀ । ଅନ୍ୟ ସମାଜିକ ବ୍ୟବସ୍ଥା ମାନଙ୍କର ସାମାଜିକ ଜୀବନଧାରାକୁ ପ୍ରତିନିଧିତ୍ୱ କରୁଥିବା ଲକ୍ଷଣମାନଙ୍କ ବିଷୟରେ ନ ଜାଣି, ଆମେ ବେଳେବେଳେ ଆମ ସମାଜରେ ଦେଖାଯାଉ ଥିବା ପରିବର୍ତ୍ତନ ର ଧାରାରେ ସର୍ବବ୍ୟାପୀ ମାନବୀୟ ପ୍ରବୃତ୍ତି ସାମିଲ ଥିବା କଥାଭାବି, ରୋମାଂଚିତ ହେଉ । ଏହି ଏକପାଖିଆ, ଅବୈଜ୍ଞାନିକ ଚିନ୍ତାଧାରା କୁ ଏଡ଼ାଇବା ଦିଗରେ ତୁଳନାତ୍ମକ ପଦ୍ଧତିର ବିଶେଷ ଆବଶ୍ୟକତା ରହିଛି ।

"ସାମାଜିକ ସଂରଚନା" ନାମକ ପୁସ୍ତକ ରେ ମର୍ଡକ ପରିବାରର ଢାଞ୍ଚା ଓ ପ୍ରକାର୍ଯ୍ୟ କୁ ପରୀକ୍ଷା କରିବା ପାଇଁ ମିଶ୍ରିତ ସାଂସ୍କୃତିକ ଗବେଷଣା ପଦ୍ଧତି ର ବ୍ୟବହାର କରିଥିଲେ । ଏଥିରୁ ସେ ଜାଣିଲେ ଯେ ପ୍ରତ୍ୟେକ ସମାଜରେ ପରିବାର ଥାଏ । ଏହି ପରିବାର ସର୍ବବ୍ୟାପୀ ଅଟେ । ଏହି ଏକମାତ୍ର ପରିବାର ର ସ୍ୱରୂପ ବା ମୌଳିକ ଏକକ ଅନ୍ୟ ସମସ୍ତ ଜଟିଳ ଏକକ କୁ ସୃଷ୍ଟି କରିଥାଏ ।

ସଂକ୍ଷେପରେ କହିଲେ, ତୁଳନାତ୍ମକ ପଦ୍ଧତିର ପ୍ରୟୋଗ, ବିଭିନ୍ନ ଦେଶ, ଅଞ୍ଚଳ ଓ ଧର୍ମ ସଂମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରିବାରେ କରାଯାଏ । ଏହା ମାଧ୍ୟମରେ ସେହି ସାଧାରଣ କାରକ ମାନଙ୍କୁ ଜାଣିବାକୁ ଚେଷ୍ଟା କରାଯାଏ, ଯେଉଁ ମାନେ ମାନବୀୟ ଆଚାର ବ୍ୟବହାର ର ଧାରାକୁ ବ୍ୟାଖ୍ୟା କରନ୍ତି । ତେଣୁ ତୁଳନାତ୍ମକ ପଦ୍ଧତି ଦ୍ୱାରା ବିଭିନ୍ନ ସମୁହ ଓ ଅନୁଷ୍ଠାନ ମାନଙ୍କରେ ଥିବା ସମାଞ୍ଜସ୍ୟ ଓ ପ୍ରଭେଦ ର ଅଧ୍ୟୟନ କରାଯାଏ ।

ଦୀର୍ଘ ସମୟ ଧରି ତୁଳନାତ୍ମକ ପଦ୍ଧତି ସମାଜ ବିଜ୍ଞାନରେ ଏକ ସର୍ବୋତ୍ତମ ପଦ୍ଧତି ଭାବରେ ଗୃହୀତ । ଏହା 'ଅନୁମାନିକ ବାକ୍ୟ' କୁ ପରୀକ୍ଷା କରିବାର ଏକ ମାଧ୍ୟମ, ନିକଟରେ କରାଯାଇଥିବା ସାମାଜିକ ଗବେଷଣା ମାନଙ୍କରେ ସୀମିତ ଆନୁମାନିକ ବାକ୍ୟ (hypothesis) କୁ କ୍ଷୁଦ୍ରସ୍ତର ତୁଳନାତ୍ମକ ଅଧ୍ୟୟନ ଦ୍ୱାର ସିଦ୍ଧ କରିବାର ଚେଷ୍ଟା କରାଯାଇଛି । ସେହିସବୁ ବିଷୟମାନେ ହେଲେ - ସହରୀ ଜୀବନ, ଛାଡ଼ପତ୍ର, ଅପରାଧ ହାର, ପରିବାର ଆକାର ଓ ସାମାଜିକ ଗତିଶୀଳତା ଇତ୍ୟାଦି । ଏହି ବିଷୟ ମାନଙ୍କରେ ଅନୁମାନ ଓ ସିଦ୍ଧାନ୍ତର ସକାରାତ୍ମକ ସମ୍ବନ୍ଧ ସ୍ଥାପିତ ହୋଇଛି । ବିକାଶବାଦୀ ସମାଜବିଜ୍ଞାନୀ ମାନେ ପ୍ରଥମେ ଏହି ପଦ୍ଧତି କୁ ଗ୍ରହଣ କରିଥିଲେ ଏବଂ ଡୁର୍ଖିମ ନିଜର ପୁସ୍ତକ "ସମାଜବୈଜ୍ଞାନିକ ପଦ୍ଧତିର ନିୟମ" ରେ ଏହାର ମହତ୍ତ୍ୱ ପ୍ରତିପାଦିତ କରିଥିଲେ ।

ଡୁର୍ଖିମ ମାନବୀୟ ବ୍ୟବହାରର ବର୍ଗୀକରଣ (ଯେପରିକି ଆତ୍ମହତ୍ୟା ହାର) କରିଥିଲେ, ଯେଉଁ କାରଣରୁ ସାମାଜିକ ଘଟଣାବଳୀ ସମ୍ବନ୍ଧୀୟ ପାରସ୍ପରିକ ସମ୍ବନ୍ଧ କୁ ଜାଞ୍ଚ କରାଯିବା ସମ୍ଭବ ହୋଇଥିଲା । ଏହି ଆନୁମାନିକ ବାକ୍ୟ (hypothesis) ମାନଙ୍କର ଉପଯୋଗ ତୁଳନା କରାଯିବା ବେଳେ କରାଯାଏ । ଏହି ପଦ୍ଧତି, ସମାଜବିଜ୍ଞାନ ସନ୍ଦର୍ଭରେ ପ୍ରୟୋଗାତ୍ମକ ପଦ୍ଧତିର ଅତି ନିକଟତର ଅଟେ, ଡୁର୍ଖିମ ତୁଳନାତ୍ମକ -ଐତିହାସିକ ପଦ୍ଧତି କୁ ଗ୍ରହଣ କରିଥିଲେ, କାରଣ ସମାଜବିଜ୍ଞାନୀ ମାନେ ପରୀକ୍ଷଣାତ୍ମକ ଗବେଷଣା କରିପାରୁ ନ ଥିଲେ ଓ ଅପ୍ରତ୍ୟକ୍ଷ ପରୀକ୍ଷଣ ପଦ୍ଧତି ଉପରେ ନିର୍ଭର କରୁଥିଲେ ।



ଟୀପ୍‌ପଣୀ

## ୪.୨ ପରୀକ୍ଷଣ (ଗବେଷଣାଗାର) ପଦ୍ଧତି (Experimental Method)


ପରୀକ୍ଷଣ ହେଉଛି ସେହି ପ୍ରକ୍ରିୟା, ଯାହା ମାଧ୍ୟମରେ ଗବେଷକ ଦୁଇଟି ଏକାପରି ସମୁହ ମଧ୍ୟରୁ ଏକ ସମୁଦାୟରେ ଏକ ପରିବର୍ତ୍ତନଶୀଳ ଘଟଣା ପ୍ରସ୍ତୁତ କରେ ଓ ଅନ୍ୟ ଏକ ସମୁହ କୁ ସେହିପରି ରଖନ୍ତି । ଯଦି ପରୀକ୍ଷିତ / ପ୍ରୟୋଗିତ ସମୁହ ର ବ୍ୟବହାର ପରିବର୍ତ୍ତିତ ହୁଏ, ତାହାହେଲେ ସେହି ପରିବର୍ତ୍ତନ କୁ ନୂତନ ପରିବର୍ତ୍ତିତ ଘଟଣା ର ପ୍ରୟୋଗ ସହିତ ଜୋଡ଼ାଯାଏ । ପ୍ରାକୃତିକ ବିଜ୍ଞାନ ମାନଙ୍କରେ ଏହି ପଦ୍ଧତି ର ବିଶେଷ ବ୍ୟବହାର ଦେଖାଯାଏ, ଗବେଷଣାଗାର ର ସବୁ ଅବସ୍ଥା ପୂର୍ବନିୟନ୍ତ୍ରିତ ହୋଇଥାଏ, କେବଳ ସେହି ପ୍ରୟୋଗ କରାଯାଉଥିବା ପରିବର୍ତ୍ତନୀୟ ଘଟଣାକୁ ଛାଡ଼ି । ସମାଜବିଜ୍ଞାନ ରେ ଗବେଷଣା କାର୍ଯ୍ୟକ୍ଷେତ୍ର ପରୀକ୍ଷଣ କରାଯାଇଛି କିନ୍ତୁ ସେ ସବୁ ଗବେଷଣାଗାରରେ କରା ନ ଯାଇ, ବାସ୍ତବିକ ସଂସାରରେ ହୋଇଛି । ଯେଉଁମାନଙ୍କ ବ୍ୟବହାର କୁ ନେଇ ଗବେଷଣା କରାଯାଇଥାଏ, ସେମାନଙ୍କୁ ଗବେଷଣା ସଂପର୍କରେ କିଛି ଜଣା ନ ଥାଏ, ଏହି ଭଳି କିଛି ଗବେଷଣାତ୍ମକ ଅଧ୍ୟୟନ ମାନଙ୍କରେ ତୁଳନାତ୍ମକ ପଦ୍ଧତିର ଲକ୍ଷଣ ଦେଖାଯାଏ । ଏହି ତଥ୍ୟ କୁ ଉଲ୍ଲେଖ କରିବା ପାଇଁ ଆମେ ଏଠାରେ କିଛି ଉଦାହରଣ ପ୍ରସ୍ତୁତ କରୁଛୁ ।

ଡାନିଏଲ, ନିଜ ଗବେଷଣାରେ ଇଂଲଣ୍ଡରେ ହେଉଥିବା ପ୍ରଜାତୀୟ ଭେଦଭାବ ର ଗଭୀରତା ମାପିବାକୁ ଚେଷ୍ଟା କରିଥିଲେ । ଏଥିପାଇଁ ତିନିଜଣ ଭିନ୍ନ ଭିନ୍ନ ବଂଶୋଦ୍ଭବ ବ୍ୟକ୍ତିଙ୍କୁ ବାଛି ଥିଲେ, ସେମାନଙ୍କ ମଧ୍ୟରୁ ଜଣେ ଇଂଲଣ୍ଡର, ଦ୍ୱିତୀୟ ଜଣକ ପଶ୍ଚିମ ଭାରତୀୟ ଓ ତୃତୀୟ ଜଣକ ହଂଗେରୀର ନିବାସୀ ଥିଲା । ଗବେଷକ ଡାନିଏଲ ସେମାନଙ୍କୁ ନିଜ ପାଇଁ ଘର, ବୀମା ଓ ଚାକିରି ଯୋଗାଡ଼ କରିବା ପାଇଁ କାମରେ ଲଗାଇଥିଲେ ଓ ସେମାନଙ୍କୁ ସମାନ ପ୍ରକାର ର ଶିକ୍ଷାଗତ ଯୋଗ୍ୟତା, ବୟସ ଓ ଇଂରାଜୀଭାଷା ରେ ଦକ୍ଷତା ର ଅଭିନୟ କରିବାକୁ କୁହାଯାଇଥିଲା । ଶେଷରେ ଫଳାଫଳ ରେ ଜଣାପଡ଼ିଥିଲା ଯେ ଇଂଲଣ୍ଡର ନିବାସୀ ସମସ୍ତ କ୍ଷେତ୍ରରେ ଅନ୍ୟମାନଙ୍କ ଅପେକ୍ଷା ସଫଳତା ପାଇଥିଲେ । ହଂଗେରୀ ନିବାସୀ ଦ୍ୱିତୀୟ ସ୍ଥାନ ଓ ପଶ୍ଚିମ ଭାରତୀୟ ତୃତୀୟ ସ୍ଥାନରେ ରହିଥିଲେ ।

ଏହି ପରିପ୍ରେକ୍ଷୀ ରେ ଗବେଷକ ମାୟରସନ ନିଜର ଏକ ଅଧ୍ୟୟନରେ ବର୍ଣ୍ଣନା କରିଛନ୍ତି, ଯାହା ହୋଟେଲ, ଲାଇବ୍ରେରୀ ଇତ୍ୟାଦି ସ୍ଥାନର-ପରିସ୍ଥିତି ଗତ ଘଟଣା କୁ ଦର୍ଶାଏ । ସେହି ଘଟଣା ସେତେବେଳେ ଘଟିଥାଏ ଯେତେବେଳେ, ସେଠାରେ ବସିଥିବା ଲୋକ ମାନଙ୍କୁ ନ ଜଣାଇ କୌଣସି ଜଣେ ବ୍ୟକ୍ତି ଅବାଂଛିତ ଭାବରେ ସେମାନଙ୍କ ପାଖରେ ସେଠାରେ ପହଞ୍ଚି ସେ ସ୍ଥାନ ଉପରେ ସେମାନଙ୍କର ଅଧିକାର ଉପରେ ପ୍ରଶ୍ନ କରିଥା'ନ୍ତି ।

## ୪.୩ ପ୍ରକାର୍ଯ୍ୟାତ୍ମକ ପଦ୍ଧତି (Functional Method)

ବିକାଶବାଦୀ ପଦ୍ଧତି ଓ ବିକାଶବାସୀ ମାନଙ୍କର ଦାବି ର ପ୍ରତିକ୍ରିୟା ସ୍ୱରୂପ ପ୍ରଥମେ ପ୍ରଥମେ, ସମାଜବିଜ୍ଞାନ ଓ ସାମାଜିକ ନୃତତ୍ତ୍ୱ ରେ ପ୍ରକାର୍ଯ୍ୟବାଦୀ ପଦ୍ଧତି ଦେଖାଗଲା । ପ୍ରକାର୍ଯ୍ୟବାଦ ଓ ପ୍ରକାର୍ଯ୍ୟାତ୍ମକ ବିଶ୍ଳେଷଣ ମଧ୍ୟରେ କୌଣସି ପାର୍ଥକ୍ୟ ରହିଲା ନାହିଁ, ଉଭୟକୁ ଅଭିନ୍ନ ବୋଲି କୁହାଗଲା । ତେଣୁ ଆମେ ଏହି ଶବ୍ଦ ମାନଙ୍କର ଅର୍ଥ ବୁଝିବା ପରେ ପ୍ରକାର୍ଯ୍ୟାତ୍ମକ ପଦ୍ଧତି ଆଲୋଚନା କରିବା । ପ୍ରକାର୍ଯ୍ୟାତ୍ମକ ବିଶ୍ଳେଷଣ ର ଉଦ୍ଦେଶ୍ୟ ହେଲା ପୁନରାବୃତ୍ତି ହେଉଥିବା ଘଟଣାବଳୀର ପର୍ଯ୍ୟବେକ୍ଷଣ, ସେମାନଙ୍କର ସମାଜ ଉପରେ ହେଉଥିବା ଫଳାଫଳ ଆଧାରରେ ହେବା । ଏକ ବ୍ୟାପକ ପରିପ୍ରେକ୍ଷୀ ରେ ସାମାଜିକ ସାଂସ୍କୃତିକ ଘଟଣା



ଟୀପ୍‌ପଣୀ

କୁ ଅଧ୍ୟୟନ କରିବା ହେଉଛି ପ୍ରକାର୍ଯ୍ୟାତ୍ମକ ପଦ୍ଧତି ର ଉଦ୍ଦେଶ୍ୟ । ଅନେକ କ୍ଷେତ୍ରରେ, ଏହିସବୁ ଘଟଣାବଳୀ କିଭଳି ସମାଜ ବ୍ୟବସ୍ଥାକୁ ପ୍ରଭାବିକ କରୁଛନ୍ତି ଓ ନିଜେ କିଭଳି ପ୍ରଭାବିତ ହେଉଛନ୍ତି, ତାହା ବିଚାର କରାଯାଏ । ଅନ୍ୟ ଭାଷାରେ କହିଲେ ପ୍ରକାର୍ଯ୍ୟାତ୍ମକ ପଦ୍ଧତି କହିଲେ ପ୍ରକାର୍ଯ୍ୟାତ୍ମକ ବିଶ୍ଳେଷଣ କୁ ବୁଝାଏ ଯାହାକୁ ପ୍ରକାର୍ଯ୍ୟବାଦ ବା ସଂରଚନାତ୍ମକ ପ୍ରକାର୍ଯ୍ୟ ବାଦ ମଧ୍ୟ କୁହାଯାଏ । ସମାଜବିଜ୍ଞାନ ରେ ଉନବିଂଶ ଶତାବ୍ଦୀର ଫରାସୀ ସମାଜବିଜ୍ଞାନୀ ଇମାଇଲ ଡୁର୍ଖିମ ପ୍ରଥମେ ପ୍ରକାର୍ଯ୍ୟବାଦର ଉଲ୍ଲେଖ କରିଥିଲେ ଓ ଆମେରିକୀୟ ସମାଜବିଜ୍ଞାନୀ ଟାଲକଟ୍ ପାରସନ୍ସ ବିଂଶ ଶତାବ୍ଦୀରେ ଏହାକୁ ପ୍ରୟୋଗ କରିଥିଲେ । କିନ୍ତୁ ଏହି ପଦ୍ଧତି ର ଭିତ୍ତି, ମାଲିନୋସ୍କି ଓ ରାଡକ୍ଲିଫ୍ ବ୍ରାଉନଙ୍କର ଅଧ୍ୟୟନ ମାନଙ୍କ ସହିତ ଜଡ଼ିତ । ପ୍ରକାର୍ଯ୍ୟାତ୍ମକ ପଦ୍ଧତି, ସମାଜ ବ୍ୟବସ୍ଥା ର ସାମଗ୍ରିକ ଅଧ୍ୟୟନ, ସେମାଙ୍କର କାର୍ଯ୍ୟ ପ୍ରଣାଳୀ, ପରିବର୍ତ୍ତନ, ସେମାନଙ୍କର ସାମାଜିକ ପରିଣାମ ଇତ୍ୟାଦି ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ । ଏଣୁ ସମାଜକୁ ଅଧ୍ୟୟନ କରିବାର ଏକ ପରିଦୃଶ୍ୟ ପ୍ରକାର୍ଯ୍ୟାତ୍ମକ ପଦ୍ଧତି ରୁ ମିଳିଥାଏ । ସମାଜବ୍ୟବସ୍ଥାର ସ୍ଥାୟିତ୍ୱ ର ଅଧ୍ୟୟନ ଏହାର ମୁଖ୍ୟ ଉଦ୍ଦେଶ୍ୟ । ଯେଉଁ କଥା ଉପରେ ବିଶେଷ ଧ୍ୟାନ ଦିଆଯାଉଥିଲା, ସେମାନେ ହେଲେ -

କ) ସାମାଜିକ ଅନୁଷ୍ଠାନ ମାନେ କିଭଳି ସାମାଜିକ ଜୀବନକୁ ବ୍ୟବସ୍ଥିତ କରିବାରେ ସାହାଯ୍ୟ କରନ୍ତି ?

ଖ) ସମାଜ ର ଢାଞ୍ଚାଗତ ବ୍ୟବସ୍ଥା ସାମାଜିକ ଆଚାରବ୍ୟବହାର କୁ କିଭଳି ପ୍ରଭାବିତ କରନ୍ତି ?

ପ୍ରକାର୍ଯ୍ୟ ବାଦ ରେ ସମାଜକୁ ଏକ ଅର୍ନ୍ତସମ୍ବନ୍ଧିତ ଅଂଗ ମାନଙ୍କର ଏକ ବ୍ୟବସ୍ଥା ଭାବେ ବିବେଚନା କରାଯାଏ । ସମଗ୍ରତା ରୁ ବିଛିନ୍ନ କରି କୌଣସି ଅଂଗକୁ ବୁଝି ହେବ ନାହିଁ । କୌଣସି ଏକ ଅଂଗରେ ପରିବର୍ତ୍ତନ, ଏକ ଭାରସାମ୍ୟ ହୀନତା ସୃଷ୍ଟି କରେ ଓ ପରିଣାମ ସ୍ୱରୂପ ଅନ୍ୟ ଅଂଗ ମାନଙ୍କରେ ପରିବର୍ତ୍ତନ ଦେଖାଯାଏ ଓ ଏକ ପ୍ରକାର ବ୍ୟବସ୍ଥାର ପୁନର୍ଗଠନ ହୁଏ । ଉନବିଂଶ ଶତାବ୍ଦୀରେ ପ୍ରକାର୍ଯ୍ୟବାଦର ବିକାଶ ଜୀବବିଜ୍ଞାନ ଓ ଜୈବିକ ବ୍ୟବସ୍ଥା ଆଧାରିତ ଥିଲା । କମଟ୍ ଓ ହରବର୍ଟ ସ୍ପେନସର ସମାଜ ଓ ଜୀବ ମଧ୍ୟରେ ଏକ ସାମଞ୍ଜସ୍ୟ ର ଅଧ୍ୟୟନ କରିଥିଲେ । ଜୈବିକ ବ୍ୟବସ୍ଥା ଯେପରି ଅନ୍ତର୍ସମ୍ବନ୍ଧିତ ଟିସ୍ୟୁ ମାନଙ୍କର କାର୍ଯ୍ୟଶୀଳତା ଦ୍ୱାରା ଅବ୍ୟାହତ ରହେ, ଠିକ ସେହିଭଳି ସମାଜ ମଧ୍ୟ ନିରନ୍ତରତା ରକ୍ଷା କରେ । ଜୀବ ପରି, ସମାଜ କାର୍ଯ୍ୟ କାରୀ ହେବାକୁ ହେଲେ ଏହାର ଭିନ୍ନ ଭିନ୍ନ ଅଂଗ ସବୁ ପରସ୍ପର ସମନ୍ୱୟ ରଖିବା ଦରକାର । ଯେପରି ରକ୍ତ ସଂଚାଳନ ହେଉଛି ହୃଦୟର କାର୍ଯ୍ୟ, ଠିକ୍ ସେହିପରି ସମାଜ ପାଇଁ ସାମାଜିକ ଅନୁଷ୍ଠାନ ମାନଙ୍କର ବହୁ କାର୍ଯ୍ୟକାରିତା ରହିଛି ।

ରବର୍ଟ ମର୍ଟନ ଜୈବିକ ସାମଞ୍ଜସ୍ୟ ତତ୍ତ୍ୱକୁ ପ୍ରତ୍ୟାଖ୍ୟାନ କରିଥିଲେ ମଧ୍ୟ ପ୍ରକାର୍ଯ୍ୟବାଦର ସାରମର୍ମକୁ ଗ୍ରହଣ କରିଥିଲେ । ସେ ସମଗ୍ର ସମାଜକୁ ଅନ୍ତର୍ସମ୍ବନ୍ଧିତ ଅଂଗ ମାନଙ୍କର ଏକ ସମାହାର ଭାବେ ବିବେଚନା କରିଥିଲେ । ଲୋକ ମାନଙ୍କର କାର୍ଯ୍ୟାବଳୀ ର ସୁପରିଣାମ କୁ ବୁଝାଇବା ପାଇଁ ସେ ପ୍ରକାର୍ଯ୍ୟ ଶବ୍ଦ କୁ ବ୍ୟବହାର କରିଥିଲେ । ଏହି କାର୍ଯ୍ୟର ସୁପରିଣାମ ସାମାଜିକ ବ୍ୟବସ୍ଥାର ସନ୍ତୁଳନ ରକ୍ଷା କରିଥାଏ । ଏହାର ବିପରୀତ ହେଉଛି ଅପ୍ରକାର୍ଯ୍ୟ ଯାହା ଏପରି ପରିଣାମ, ଯାହାକି ବ୍ୟବସ୍ଥାର ସନ୍ତୁଳନ ବିଗାଡ଼େ ।

ପ୍ରକାର୍ଯ୍ୟବାଦ ଦୃଷ୍ଟିକୋଣ ଅନୁସାରେ ସମୁହ ହେଉଛି କାର୍ଯ୍ୟ କରୁଥିବା ଏକ ସାମଗ୍ରିକ ବ୍ୟବସ୍ଥା । ଏହାର ସମସ୍ତ ଅଂଗ ସମଗ୍ରର ମଂଗଳ ପାଇଁ କାମ କରେ । ଆମେ କୌଣସି କ୍ଷୁଦ୍ର ଅଂଶ ର ପରୀକ୍ଷା କଲା ବେଳେ, ବୃହତ୍ ଏକକ ସହିତ ଏହାର ପ୍ରକାର୍ଯ୍ୟ ର ସଂପର୍କ ର ବିଶ୍ଳେଷଣ କରୁ । ଏହି ମୌଳିକ ଦୃଷ୍ଟି କୋଣ, ଯେ କୌଣସି ସାମାଜିକ ସମୁହ ପ୍ରତି ଲାଗୁ ହୋଇପାରେ ।



ଟୀପ୍‌ପଣୀ

ପରିଶେଷରେ ଆମେ କହିପାରିବା ଯେ, ପ୍ରକାର୍ଯ୍ୟାତ୍ମକ ବିଶ୍ଳେଷଣ ହେଉଛି ଏକ ପଦ୍ଧତି ଯାହା ସଂହତିର କାରକ, ଭାରସାମ୍ୟ ଓ ଅସନ୍ତୁଳନ କୁ ଦର୍ଶାଏ । ଏହି ପଦ୍ଧତି ଅନୁସାରେ ଆମେ ଏକ ନିର୍ଦ୍ଦିଷ୍ଟ ସମୟରେ ସମାଜର ବିଭିନ୍ନ ଉପାଦାନ ମାନଙ୍କ ମଧ୍ୟରେ ଥିବା ଅନ୍ତର୍ସମ୍ବନ୍ଧ କୁ ଅଧ୍ୟୟନ କରି ପାରିବା ।

## ୪.୪ ଅନୁଭବ ଜନିତ ଅଧ୍ୟୟନ ପଦ୍ଧତି (Empirical Method)

ଏହି ପଦ୍ଧତି ଅନୁସାରେ ଗବେଷଣା କାର୍ଯ୍ୟକ୍ଷେତ୍ରରୁ ତଥ୍ୟ ସଂଗ୍ରହ କରାଯାଏ । ସାମାଜିକ ଜୀବନ ର ତଥ୍ୟ ମାନଙ୍କର ନିଛକ ଅଧ୍ୟୟନ ଓ ବ୍ୟାଖ୍ୟା କରାଯାଏ । ଏହି ପଦ୍ଧତି ରେ ପର୍ଯ୍ୟବେକ୍ଷଣ, ସର୍ବେକ୍ଷଣ, ପରୀକ୍ଷଣ, ବିଶେଷ ଅଧ୍ୟୟନ ଇତ୍ୟାଦି ଟେକ୍‌ନିକ୍ ପ୍ରୟୋଗ କରାଯାଏ ।

## ପାଠ୍ୟଗତ ପ୍ରଶ୍ନାବଳୀ ୪.୧

ପ୍ରତ୍ୟେକ ବକ୍ତବ୍ୟ ପାଇଁ ସତ୍ୟ କିମ୍ବା ଅସତ୍ୟ ଲେଖନ୍ତୁ

୧ . ଅନ୍ୟ ସମାଜ ମାନଙ୍କ ସହିତ ତୁଳନା ନକରି ଏକ ସମାଜକୁ ବୁଝି ହେବ ନାହିଁ । ସତ୍ୟ / ଅସତ୍ୟ

୨ . ମର୍ଡକ, ପରିବାର ର ଢାଞ୍ଚା ଓ ପ୍ରକାର୍ଯ୍ୟ କୁ ନିରୀକ୍ଷଣ କରିବା ପାଇଁ ମିଶ୍ରିତ ସାଂସ୍କୃତିକ ପଦ୍ଧତିର ବ୍ୟବହାର କରିଥିଲେ । ସତ୍ୟ / ଅସତ୍ୟ

୩ . ଦୁର୍ଖିମ ତୁଳନାତ୍ମକ ପଦ୍ଧତିର ମହତ୍ତ୍ୱ ପ୍ରତିପାଦିତ କରିଥିଲେ । ସତ୍ୟ / ଅସତ୍ୟ

୪ . ସମାଜବିଜ୍ଞାନ ରେ ପ୍ରୟୋଗ ସମ୍ଭବ । ସତ୍ୟ / ଅସତ୍ୟ

୫ . ଐତିହାସିକ ପଦ୍ଧତି ର ସ୍ରୋତ ସବୁ କ'ଣ ?

୬ . ସାମାଜିକ ଗବେଷଣାର କେତେ ପ୍ରକାର ପଦ୍ଧତି ଅଛି ?

୭ . ପ୍ରକାର୍ଯ୍ୟ ବାଦ ଓ ପ୍ରକାର୍ଯ୍ୟାତ୍ମକ ବିଶ୍ଳେଷଣ ମଧ୍ୟରେ ତଫାତ୍ କ'ଣ ?

୮ . ଅନୁଭବ ଜନିତ ଅଧ୍ୟୟନ ପଦ୍ଧତି ରେ କି' କି' ଟେକ୍‌ନିକ୍ ପ୍ରୟୋଗ କରାଯାଏ ?

## ୪ . ୫ ତଥ୍ୟ ମାନଙ୍କର ସ୍ରୋତ

ସମାଜବିଜ୍ଞାନୀ, ଗବେଷଣାରେ ପ୍ରାଥମିକ ଓ ଗୌଣ ଏହି ଉଭୟ ପ୍ରକାର ତଥ୍ୟ ମାନଙ୍କୁ ଉପଯୋଗ କରନ୍ତି । ପ୍ରାଥମିକ ତଥ୍ୟ ସାକ୍ଷାତକାର, ପ୍ରଶ୍ନାବଳୀ ଓ ପର୍ଯ୍ୟବେକ୍ଷଣ ମାଧ୍ୟମରେ ଲୋକ ମାନଙ୍କ ଠାରୁ ସିଧାସଳଖ ପ୍ରାପ୍ତ କରାଯାଏ । ଗୌଣ-ତଥ୍ୟ, ଅନ୍ୟାନ୍ୟ ଲିଖିତ ସ୍ରୋତ ମାନଙ୍କ ଠାରୁ ପ୍ରାପ୍ତ କରାଯାଏ । ଗୌଣ-ତଥ୍ୟ ମାନଙ୍କର ସ୍ରୋତ ସବୁ ହେଲା - (କ) ଜୀବନୀ, ଆତ୍ମଜୀବନୀ, ଚିଠିପତ୍ର, ଡାଇରି, ଉପନ୍ୟାସ ଇତ୍ୟାଦି; (ଖ) ପତ୍ର ପତ୍ରିକା, ଜର୍ଣ୍ଣାଲ, ରେଡ଼ିଓ ପ୍ରସାରଣ, ଟିଭି କାର୍ଯ୍ୟକ୍ରମ ଇତ୍ୟାଦି; (ଗ) ଜନଗଣନା ସମ୍ବନ୍ଧିତ ତଥ୍ୟ, ବ୍ୟବସାୟ ପ୍ରତିଷ୍ଠାନ ର ଦସ୍ତାବିଜ, ନ୍ୟାୟାଳୟର ଦସ୍ତାବିଜ, ସ୍ୱେଚ୍ଛାସେବୀ ସଂସ୍ଥା ତଥା ସରକାରୀ ବିଭାଗ ର ଦସ୍ତାବିଜ, ଚାପ ପ୍ରୟୋଗ କାରୀ ସମୂହ ର ଦସ୍ତାବିଜ, ଦାତବ୍ୟ ଅନୁଷ୍ଠାନ ର ଦସ୍ତାବିଜ ଇତ୍ୟାଦି ।

ଏଠାରେ ଉଲେଖଯୋଗ୍ୟ ଯେ ଅଧିକାଂଶ ସାମାଜିକ ଗବେଷଣା ଉଭୟ ପ୍ରକାରର ତଥ୍ୟ-ସ୍ରୋତ ମାନଙ୍କର ପ୍ରୟୋଗ କରନ୍ତି ।



ଟୀପ୍‌ପଣୀ

## ୪ . ୬ ତଥ୍ୟ ସଂଗ୍ରହ ର ଟେକ୍‌ନିକ୍

ଅଧ୍ୟୟନ କରାଯାଉଥିବା ସମସ୍ୟା ବା ପ୍ରସଙ୍ଗ କୁ ଦୃଷ୍ଟିରେ ରଖି ସମାଜ ବିଜ୍ଞାନୀ ତଥ୍ୟ ସଂଗ୍ରହ ର ଭିନ୍ନ ଭିନ୍ନ ଟେକ୍‌ନିକ୍ ପ୍ରୟୋଗ କରନ୍ତି । ଆମେ, ଏଠାରେ କିଛି ସେହିଭଳି ମୁଖ୍ୟ ତଥ୍ୟ ସଂଗ୍ରହ ଟେକ୍‌ନିକ୍ ବିଷୟରେ ଆଲୋଚନା କରିବା ।

ସେ ସବୁ ହେଲା - ୧ - ପର୍ଯ୍ୟବେକ୍ଷଣ , ୨ - ସର୍ବେକ୍ଷଣ, ୩ - ଘଟଣା ବିଶେଷର ଅଧ୍ୟୟନ, ୪ - ପ୍ରଶ୍ନାବଳୀ ଓ ୫ - ସାକ୍ଷାତ୍‌କାର

## ୪ . ୭ ପର୍ଯ୍ୟବେକ୍ଷଣ (Observation)

ପର୍ଯ୍ୟବେକ୍ଷଣ ପଦ୍ଧତିର ପ୍ରୟୋଗ ସେହି ସବୁ କ୍ଷେତ୍ରରେ କରାଯାଏ ଯେଉଁ ଠାରେ ଅନ୍ୟ ସବୁ ପଦ୍ଧତି ତଥ୍ୟ ସଂଗ୍ରହ କରିବାରେ ଅନୁପଯୁକ୍ତ ସାବ୍ୟସ୍ତ ହୁଅନ୍ତି । ଯେପରିକି ନିର୍ବାଚନ ସମୟରେ ଭୋଟର ମାନଙ୍କର ବ୍ୟବହାର । ପର୍ଯ୍ୟବେକ୍ଷଣ ପଦ୍ଧତିର ଉଦ୍ଦେଶ୍ୟ ମାନବୀୟ ବ୍ୟବହାର ର ନିଚ୍ଛକ ଅଧ୍ୟୟନ, ଠିକ୍ ସେହିପରି, ଯେଉଁ ପରି ସେମାନେ ଦେଖାଯା'ନ୍ତି । ପର୍ଯ୍ୟବେକ୍ଷଣ ଦୁଇପ୍ରକାର ର -

କ) ସ୍ୱୟଂ ଭାଗୀଦାର ହୋଇ ପର୍ଯ୍ୟବେକ୍ଷଣ କରିବା

ଖ) ଭାଗୀଦାର ନ ହୋଇ ପର୍ଯ୍ୟବେକ୍ଷଣ କରିବା

### (କ) ଭାଗୀଦାରୀ ପର୍ଯ୍ୟବେକ୍ଷଣ (Participant Observation) :

ଏହା ତଥ୍ୟ ସଂଗ୍ରହର ଏକ ମାଧ୍ୟମ ଅଟେ । କ୍ଷୁଦ୍ର ଓ ପ୍ରାକ୍ ଶିକ୍ଷିତ ସମାଜରେ ଏହି ଟେକ୍‌ନିକ୍ ର ପ୍ରୟୋଗ ସହଜରେ କରିହେବ । କିନ୍ତୁ ଜଟିଳ ଓ ଆଧୁନିକ ସମାଜରେ ଏହାର ପ୍ରୟୋଗ ଅତି କଠିନ । ଏହି ଟେକ୍‌ନିକ୍ ର ପ୍ରୟୋଗ ଉତ୍ତମ ପରିଣାମ ସହିତ କରାଯାଏ, ଯେତେବେଳେ ପର୍ଯ୍ୟବେକ୍ଷଣକାରୀର ପରିଚୟ ଗୁପ୍ତ ରଖାଯାଏ । ସଫଳତାର ସହିତ ଏହି ପଦ୍ଧତିର ପ୍ରୟୋଗ କରିବାକୁ ହେଲେ ଏକ ପ୍ରକାରର ଅନୁଭୂତିର ଆବଶ୍ୟକତା ପଡ଼ିଥାଏ । ବେଳେବେଳେ ଏହି ପଦ୍ଧତି ର ପ୍ରୟୋଗ ପାଇଁ ଗବେଷକର ପରିପକ୍ୱତାର ଆବଶ୍ୟକତା ପଡ଼ିଥାଏ ।

### (ଖ) ବିନାଭାଗୀଦାରୀର ପର୍ଯ୍ୟବେକ୍ଷଣ (Non-Participant Observation) :

ଅଣଭାଗୀଦାରୀ ପର୍ଯ୍ୟବେକ୍ଷଣରେ, ପର୍ଯ୍ୟବେକ୍ଷଣକାରୀ ଗବେଷଣା ରୁ ଦୂରେଇ ରହି, ପର୍ଯ୍ୟବେକ୍ଷିତ ହେଉଥିବା ଲୋକମାନଙ୍କର କାର୍ଯ୍ୟକଳାପରେ ହସ୍ତକ୍ଷେପ କରେ ନାହିଁ ଓ ସଂପୃକ୍ତ ରହେ ନାହିଁ । ସେ ସାଧାରଣ ଭାବେ ଲୋକମାନଙ୍କର ବ୍ୟବହାରକୁ ପର୍ଯ୍ୟବେକ୍ଷଣ କରେ । ବିନା ଭାଗୀଦାରୀ ପର୍ଯ୍ୟବେକ୍ଷଣ, କୌଣସି ସୁବ୍ୟବସ୍ଥିତ ଯୋଜନା ଉପରେ ନିର୍ଭର କରେ ନାହିଁ । କିନ୍ତୁ, ଏହା ପର୍ଯ୍ୟବେକ୍ଷଣ ପରିସ୍ଥିତି ସୃଷ୍ଟି କରେ ଓ ସମଗ୍ର ପର୍ଯ୍ୟବେକ୍ଷଣ ପ୍ରକ୍ରିୟାର ଏକ ସୁବ୍ୟବସ୍ଥିତ ଯୋଜନା ଗ୍ରହଣ କରେ । ଏହାର କାରଣ ହେଲା, ଗବେଷକ ବା ପର୍ଯ୍ୟବେକ୍ଷକ ସାମାଜିକ କାର୍ଯ୍ୟକ୍ଷେତ୍ରର ପ୍ରକ୍ରିୟା ମାନଙ୍କରେ ଭାଗନେଇ ପାରେ ନାହିଁ । ଯେହେତୁ ଏହି ପ୍ରକାରର ପର୍ଯ୍ୟବେକ୍ଷକ, ପରିସ୍ଥିତିର ଆହ୍ୱାନରେ ତ୍ୱରିତ ପ୍ରଭାବିତ ହୁଏନାହିଁ, ସେ ଦୂରରେ ରହି ଗବେଷଣା କ୍ଷେତ୍ର ର ପରିସ୍ଥିତି ଉପରେ ନିଜର ଧ୍ୟାନ କେନ୍ଦ୍ରିତ କରିଥାଏ ।

ସାରାନ୍ତକୋସ୍ (1998) ଅନ୍ୟ ଛ' ପ୍ରକାର ପର୍ଯ୍ୟବେକ୍ଷଣ ସଂପର୍କରେ ଆଲୋଚନା କରିଛନ୍ତି । ସେମାନେ ହେଲେ-

**ଢାଞ୍ଚାଗତ ଓ ଅଣ-ଢାଞ୍ଚାଗତ ପର୍ଯ୍ୟବେକ୍ଷଣ (Structured and Unstrucured Observation) :**

ଢାଞ୍ଚାଗତ ପର୍ଯ୍ୟବେକ୍ଷଣ ର ବିଶେଷତ୍ୱ ହେଲା ଯେ ଏହା ଅନ୍ତର୍ଗତ ବଛାଯାଇଥିବା ଏକକମାନଙ୍କର ସରଳ ସଂଜ୍ଞା ପ୍ରଦାନ କରାଯାଇ ଏହା ସ୍ଥିର କରାଯାଏ ଯେ କେଉଁ କେଉଁ ପ୍ରକାରର ସୂଚନା ପ୍ରାପ୍ତ କରାଯିବ, ଓ ସେଥିପାଇଁ କି କି ପ୍ରକାରର ତଥ୍ୟ ସଂଗ୍ରହ କରାଯିବ, ଯାହାକୁ ପରବର୍ତ୍ତୀ ପର୍ଯ୍ୟାୟରେ ବ୍ୟାପକ ଅନୁମାନ ରେ ପରିବର୍ତ୍ତିତ କରାଯାଇପାରିବ । ଅଣ-ଢାଞ୍ଚାଗତ ପର୍ଯ୍ୟବେକ୍ଷଣ, ଢାଞ୍ଚାଗତ ପର୍ଯ୍ୟବେକ୍ଷଣ ଠାରୁ ସଂପୂର୍ଣ୍ଣ ବିପରୀତ । ଢାଞ୍ଚା-ଗତ ପର୍ଯ୍ୟବେକ୍ଷଣ ରେ ସ୍ଥିତି, ପୂର୍ବ ନିୟୋଜିତ ହୋଇଥାଏ ଓ ପର୍ଯ୍ୟବେକ୍ଷଣକାରୀ ଇତଃସ୍ତତ ନ ହୋଇ ଏକ ପୂର୍ବ-ନିର୍ଦ୍ଧାରିତ ଦିଗରେ ନିଜ କାର୍ଯ୍ୟ କରିଥାଏ । କିନ୍ତୁ ଅଣଢାଞ୍ଚାଗତ ପର୍ଯ୍ୟବେକ୍ଷଣରେ ଏପରି ବାଧାବନ୍ଧନ କିଛି ନ ଥାଏ ।

**ପ୍ରାକୃତିକ ଓ ଗବେଷଣାଗାର ପର୍ଯ୍ୟବେକ୍ଷଣ (Natural and Laboratory Observation) :**

ପ୍ରାକୃତିକ ପର୍ଯ୍ୟବେକ୍ଷଣ ପ୍ରାକୃତିକ ସ୍ଥିତିରେ ବା ସ୍ୱାଭାବିକ ସ୍ଥିତିରେ କରାଯାଇଥାଏ, କିନ୍ତୁ ଗବେଷଣା ଗାର ର ପର୍ଯ୍ୟବେକ୍ଷଣ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଅର୍ଥାତ୍ ଗବେଷଣାଗାର ର ନିୟନ୍ତ୍ରିତ ପରିବେଶ ରେ କରାଯାଏ ।

**ମୁକ୍ତ ଓ ଲୁକ୍କାୟିତ ପର୍ଯ୍ୟବେକ୍ଷଣ (Open and Hidden Observation) :**

ମୁକ୍ତ ପର୍ଯ୍ୟବେକ୍ଷଣରେ ଗବେଷକ ର ପରିଚୟ ଓ ଗବେଷଣାର ଉଦ୍ଦେଶ୍ୟ ଗବେଷଣାର ଅଂଶ ଗ୍ରହଣ କାରୀମାନଙ୍କୁ ଜଣାଥାଏ । କିନ୍ତୁ ଲୁକ୍କାୟିତ ପର୍ଯ୍ୟବେକ୍ଷଣ କ୍ଷେତ୍ରରେ ଏସବୁ ସେମାନଙ୍କ ଠାରୁ ଲୁଚାଇ ରଖାଯାଏ ।

**ପ୍ରତ୍ୟକ୍ଷ ଓ ପରୋକ୍ଷ ପର୍ଯ୍ୟବେକ୍ଷଣ (Direct and Indirect Observation) :**

ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣରେ ଗବେଷକ ଏକ ନିଷ୍କ୍ରିୟ ଭୂମିକାରେ ଥାଏ ଓ ପରିସ୍ଥିତିକୁ ନିୟନ୍ତ୍ରିତ ନ କରି ନିଛକ ଭାବରେ ଯାହା ଘଟେ ତାହା ଲିପିବଦ୍ଧ କରିଥାଏ । ପରୋକ୍ଷ ପର୍ଯ୍ୟବେକ୍ଷଣରେ ଏହା ହୋଇନଥାଏ କାରଣ ପର୍ଯ୍ୟବେକ୍ଷଣ ର ମୁଖ୍ୟ ବିଷୟବସ୍ତୁ ମୃତ କିମ୍ବା ପ୍ରକ୍ରିୟାରେ ଭାଗ ନେବାକୁ ଅନିଚ୍ଛୁକ ଥାଏ । ଅଧିକାଂଶ କ୍ଷେତ୍ରରେ ଏହି ପ୍ରକାରର ପର୍ଯ୍ୟବେକ୍ଷଣ କୌଣସି ଆପରାଧିକ ହତ୍ୟା ମାମଲା ର ତଦନ୍ତ ବେଳେ କରାଯାଇଥାଏ ।

**ଗୁପ୍ତ ଓ ମୁକ୍ତ ପର୍ଯ୍ୟବେକ୍ଷଣ (Covert and Overt Observation) :**

ଗୁପ୍ତ ଭାବେ କରାଯାଉଥିବା ପର୍ଯ୍ୟବେକ୍ଷଣରେ ପର୍ଯ୍ୟବେକ୍ଷିତ ବ୍ୟକ୍ତି, ଏହି ପର୍ଯ୍ୟବେକ୍ଷଣ ସମ୍ବନ୍ଧରେ ଜାଣି ନ ଥାନ୍ତି । ସାଧାରଣତଃ, ନିଜର ସ୍ଥିତି କୁ ସନ୍ଦେହ ମୁକ୍ତ ରଖିବା ପାଇଁ, ଗବେଷକ ସେହି ସବୁ ଗବେଷଣା ଜନିତ ପରିସ୍ଥିତି ମାନଙ୍କରେ ସ୍ୱାଭାବିକ ଭାବେ ଅଂଶ ଗ୍ରହଣ କରିଥାଏ । ଏହି ସବୁ ସାଧାରଣ ଭାବେ ଅଣଢାଞ୍ଚାଗତ ପର୍ଯ୍ୟବେକ୍ଷଣ ଅଟେ । ବେଳେବେଳେ ଗବେଷକ ଭିନ୍ନ ଭାବରେ ଏହି କ୍ଷେତ୍ରରେ କାର୍ଯ୍ୟ କରିଥାଏ ଉଦାହରଣ ସ୍ୱରୂପ ଯଦି ପୁଲିସ ଅଧିକାରୀ କୁ ଜଣାଥାଏ ଯେ ତା'ର ବ୍ୟବହାର କୁ ନିରୀକ୍ଷଣ କରାଯାଉଛି, ତା' ହେଲେ ତା'ର ବ୍ୟବହାର ଅପରାଧିଙ୍କ ପ୍ରତି ନିମ୍ନସ୍ତରର ହେବନାହିଁ ଓ ସେ ଏହା ଦେଖାଇବାକୁ ଚେଷ୍ଟାକରିବ ଯେ ସେ ଜଣେ ସହାନୁଭୂତିଶୀଳ ହୃଦୟବାନ ବ୍ୟକ୍ତି ।



ଟୀପ୍‌ପଣୀ

## ସାମାଜିକ ସର୍ବେକ୍ଷଣ (Social Survey) :

ସାମାଜିକ ସର୍ବେକ୍ଷଣ ହେଉଛି ଏକ ନିର୍ଦ୍ଦିଷ୍ଟ ସମୁଦାୟର ବ୍ୟବସ୍ଥିତ ଓ ବିଶଦ ଅଧ୍ୟୟନ । ଏହା ସଂପୃକ୍ତ ସମୁଦାୟର ସାମାଜିକସମସ୍ୟା ର ସମାଧାନ ଓ ତାହାର ପ୍ରତିକାର କରିବା ଉଦ୍ଦେଶ୍ୟ ରେ କରାଯାଇ ଥାଏ । ସର୍ବେକ୍ଷଣ ର ଉଦ୍ଦେଶ୍ୟ ହେଲା ସୂଚନା ପ୍ରଦାନ କରିବା । ସୂଚନା ଯେତେ ନିର୍ଭୁଲ ଓ ସଠିକ ହେବ, ଗବେଷଣାର ଯୋଜନା ସେତେ ଉତ୍ତମଭାବେ କରି ହେବ ଏବଂ ସମୁଦାୟ ର ମଙ୍ଗଳକାମୀ ଲକ୍ଷ୍ୟ ସେତେ ସଂପୂର୍ଣ୍ଣ ଭାବେ ହାସଲ କରିହେବ ।

ସର୍ବେକ୍ଷଣ ର ଟେକ୍‌ନିକ୍ ମାନ ହେଲା- ପ୍ରେରିତ ପ୍ରଶ୍ନାବଳୀ କିମ୍ବା ସାକ୍ଷାତକାର, ଯାହା ମାଧ୍ୟମରେ ସୂଚନା ଆହରଣ ଓ ତତ୍‌ପଶ୍ଚାତ୍ ତଥ୍ୟମାନଙ୍କର ପରିସଂଖ୍ୟାନ ଭିତ୍ତିକ ବ୍ୟାଖ୍ୟା କରାଯାଏ । ଏହା ପରୀକ୍ଷଣ ଓ ଭାଗୀଦାରୀ ପଦ୍ଧତି ମାନଙ୍କର ଏକ ବିକଳ୍ପ ଭାବେ କାର୍ଯ୍ୟ କରିଥାଏ ଓ ସମାଜ ବିଜ୍ଞାନରେ ଏହାର ବ୍ୟାପକ ବ୍ୟବହାର ହୋଇଥାଏ । ସରକାରୀ ସର୍ବେକ୍ଷଣ ଓ ଜନମତ ବିଶ୍ଳେଷଣ ଭଳି, ଏକ ବିଶାଳ ଜନସଂଖ୍ୟାରୁ କିଛି ନମୁନା ସଂଗ୍ରହ କରି, ଏକ ବ୍ୟାପକ ସ୍ତର ର ଅନୁମାନ ରେ ପହଞ୍ଚିବା ହେଉଛି ସାମାଜିକ ସର୍ବେକ୍ଷଣ ର ଉଦ୍ଦେଶ୍ୟ । ବେଳେବେଳେ ସମାଜବିଜ୍ଞାନୀ ମାନେ ଗବେଷଣା କ୍ଷେତ୍ର ର ସଂପୂର୍ଣ୍ଣ ଜନସଂଖ୍ୟାକୁ ଅଧ୍ୟୟନ କରିଥାନ୍ତି, ବିଶେଷକରି, ସେତେବେଳେ ଯେତେବେଳେ ଏହି ଜନସଂଖ୍ୟାର ଆକାର ଛୋଟ ଥାଏ । ଯେତେବେଳେ ନମୁନାମାନ ଏକ ବଡସମୁଦାୟରୁ ବଛାଯା'ନ୍ତି, ସେତେବେଳେ ମଧ୍ୟ ସମାଜବିଜ୍ଞାନୀ ଏହି ନମୁନା ଗୁଚ୍ଛକୁ ହିଁ ବଡ଼ ସମୁଦାୟ ମାନି ନେଇ ଏକ ବ୍ୟାପକ ସ୍ତର ର ଅନୁମାନ କରି ପାରନ୍ତି ନାହିଁ । ସର୍ବେକ୍ଷଣର ପ୍ରୟୋଗ ଘଟଣା ବିଶେଷ ର ଅଧ୍ୟୟନ ରେ ମଧ୍ୟ କରାଯାଇ ପାରେ । ଅଧ୍ୟୟନ ର ପ୍ରକୃତି କୁ ଆଧାରକରି ସମାଜବିଜ୍ଞାନୀ ଭିନ୍ନ ଭିନ୍ନ ପ୍ରକାର ର ସର୍ବେକ୍ଷଣ କରିଥା'ନ୍ତି ।

### ସର୍ବେକ୍ଷଣର ଶ୍ରେଣୀ ବିଭାଗ :-

୧. ବର୍ଣ୍ଣନାତ୍ମକ : ଗବେଷଣାର ଆବଶ୍ୟକତା ର ଚିହ୍ନଟ ଓ ପ୍ରକୃତ ସ୍ଥିତି କ'ଣ ତାହାର ବର୍ଣ୍ଣନା ପାଇଁ ।

୨. ବିଶ୍ଳେଷଣାତ୍ମକ : ପରିବର୍ତ୍ତନ ଓ ତା'ର କାରଣ ର ଚିହ୍ନଟ ପାଇଁ ।

୩. ଭବିଷ୍ୟ-କଥନାତ୍ମକ : ଭବିଷ୍ୟତର ପରିବର୍ତ୍ତନ ଓ ନୂତନ ନୀତିମାନଙ୍କ ର ପ୍ରଭାବ ଓ ଭବିଷ୍ୟବାଣୀ କରିବା ପାଇଁ

୪. ମୂଲ୍ୟାଙ୍କନାତ୍ମକ : ଅତୀତ ର ନୀତି ମାନଙ୍କର ଫଳାଫଳ ର ମୂଲ୍ୟାଙ୍କନ ପାଇଁ ।

**ଘଟଣା-ବିଶେଷର-ଅଧ୍ୟୟନ**

ଘଟଣା-ବିଶେଷ-ଅଧ୍ୟୟନ ପଦ୍ଧତି ନିର୍ଦ୍ଦିଷ୍ଟ ଏକ ଘଟଣାର ଅଧ୍ୟୟନ ମାଧ୍ୟମରେ ସାମାଜିକ ଘଟଣା ର ଅଧ୍ୟୟନ କରିଥାଏ । ଏହି ନିର୍ଦ୍ଦିଷ୍ଟ ଘଟଣା ଜଣେ ବ୍ୟକ୍ତି ହୋଇପାରେ, ଏକ ସମୁହ ହୋଇ ପାରେ, ଏକ ଅନୁଷ୍ଠାନ, ଏକ ଶ୍ରେଣୀ କକ୍ଷ, ଏକ ଅଧ୍ୟାୟ, ଏକ ପ୍ରକ୍ରିୟା ବା ସାମାଜିକ ଜୀବନର ଅନ୍ୟ ଯେ କୌଣସି ଏକକ ହୋଇପାରେ । ଏହି ନିର୍ଦ୍ଦିଷ୍ଟ ଘଟଣା ସମ୍ବନ୍ଧିତ ସମସ୍ତ ତଥ୍ୟକୁ ସଂଗ୍ରହ କରି ସଜାଯାଏ । ଅଧ୍ୟୟନ ବିଷୟ ସମ୍ବନ୍ଧିତ ସମସ୍ତ ତଥ୍ୟକୁ ଏକ ବିଶେଷ / ସ୍ୱତନ୍ତ୍ର ଦର୍ଜା ଦିଆଯାଏ ଓ ବିଭିନ୍ନ ପ୍ରକାର ର ଉପଲବ୍ଧ ତଥ୍ୟ ମାନଙ୍କୁ ଏହା ସହିତ ଜୋଡ଼ା ଯାଏ । ଏହିଭଳି ଛୋଟଛୋଟ ସୂକ୍ଷ୍ମାତି ସୂକ୍ଷ୍ମ ଅନୁମାନ

ଟୀପ୍‌ପଣୀ

କରାଯାଏ । କିନ୍ତୁ ଅନ୍ୟ ପଦ୍ଧତି ମାନଙ୍କରେ ଏହା କରିବା ସମ୍ଭବ ହୁଏ ନାହିଁ ଓ ଏହି ସବୁ କଥାକୁ ଗୌଣ ମନେକରି ଅଲଗା କରିଦିଆଯାଏ । ଏକ ନିର୍ଦ୍ଦିଷ୍ଟ ବିଷୟର ଗଭୀର ଅଧ୍ୟୟନ ର ଫଳାଫଳ / ନିଷ୍କର୍ଷ, ଅନ୍ୟାନ୍ୟ ସମାନ ବିଷୟମାନଙ୍କ ଉପରେ ଲାଗୁ ହୋଇଥାଏ ।

ସଂକ୍ଷେପରେ, ଘଟଣା-ବିଶେଷ-ଅଧ୍ୟୟନ ପଦ୍ଧତିରେ କୌଣସି ଏକ ନିର୍ଦ୍ଦିଷ୍ଟ ଏକକ ର କେନ୍ଦ୍ରୀଭୂତ ଅଧ୍ୟୟନ କରାଯାଏ ଓ ଏହା ବିଭିନ୍ନ ଉପାୟରେ କରାଯାଏ । ଏହି ପଦ୍ଧତିରେ କିଛି ମାପକ ର ଆବଶ୍ୟକତା ପଡ଼ିଥାଏ (ଉଦାହରଣ ସ୍ୱରୂପ ପୁରୁଷ ମାନଙ୍କର ଘରେ ବାସନ ଧୋଇବା ର ପ୍ରବୃତ୍ତି) । ଘଟଣା-ବିଶେଷ-ଅଧ୍ୟୟନ ପଦ୍ଧତି ର ଟେକ୍‌ନିକ୍ ମାନ ହେଲା - ପର୍ଯ୍ୟବେକ୍ଷଣ, ସାକ୍ଷାତକାର, ପ୍ରଶ୍ନାବଳୀ, ସମ୍ବାଦପତ୍ର ରିପୋର୍ଟ, ଚିଠିପତ୍ର, ଡାଏରୀ ଓ ନିଜସ୍ୱ ଭାଗୀଦାରୀ ଇତ୍ୟାଦି ।

## ପ୍ରଶ୍ନାବଳୀ (The Questionnaire) :

ପ୍ରଶ୍ନାବଳୀ ବଡ଼ ଯତ୍ନର ସହ ପ୍ରସ୍ତୁତ କରାଯାଇ ଏହାର ମୂଲ୍ୟାଙ୍କନ କରିବା ପାଇଁ ପରୀକ୍ଷା କରାଯାଏ । ପ୍ରଶ୍ନାବଳୀର ଶବ୍ଦମାନ ଓ ବାକ୍ୟଖଣ୍ଡ ମାନ ସହଜ ଓ ସରଳ ହେବା ଦରକାର, ପ୍ରଶ୍ନମାନ ଦ୍ୱିଅର୍ଥ ବୋଧକ ହେବା ଉଚିତ ନୁହେଁ । ଏହା ସହଜରେ ବିଶ୍ଳେଷିତ ହେବା ପରି ପ୍ରଶ୍ନ ପଚାରିବା ଦରକାର, ଏହା ମୂଲ୍ୟ-ନିରପେକ୍ଷ ହେବା ଉଚିତ ଓ ଏହା ସେହିସବୁ ତଥ୍ୟ ଆଦାୟ କରିବା ଦରକାର ଯାହା ମାଧ୍ୟମରେ ଅନୁମାନ ବାକ୍ୟ କୁ ପରଖାଯାଇ ପାରିବ । ଗବେଷକ ଏହା ସ୍ଥିର କରିବା ଦରକାର ଯେ ଏହାକୁ ପ୍ରତ୍ୟକ୍ଷ ସାକ୍ଷାତକାରରେ ବ୍ୟବହାର କରାଯିବ ଅଥବା ଡାକରେ ପଠାଯିବ । ସାଧାରଣତଃ ପ୍ରଶ୍ନାବଳୀ କୁ ଉତ୍ତରଦାତା ମାନଙ୍କ ପାଖକୁ ଡାକରେ ପଠାଯାଏ ।

## ସାକ୍ଷାତ୍‌କାର (Interviews) :

ସୂଚନା ଏକତ୍ର କରିବା ପାଇଁ ଗବେଷକ ଓ ସୂଚନାଦାତା ମଧ୍ୟରେ ହେଉଥିବା ବାର୍ତ୍ତା-ବିନିମୟକୁ ସାକ୍ଷାତକାର କୁହାଯାଏ । ଅନେକ ସାମାଜିକବିଜ୍ଞାନ ସାକ୍ଷାତକାରକୁ ସେମାନଙ୍କର ତଥ୍ୟ ସଂଗ୍ରହ ର ଟେକ୍‌ନିକ୍ ଭାବେ ବ୍ୟବହାର କରନ୍ତି । ଉତ୍ତର ଦାତାଙ୍କ ସହିତ ପ୍ରତ୍ୟକ୍ଷ ସାକ୍ଷାତକାର କରିବା ସମୟରେ ଗବେଷକ ସାକ୍ଷାତକାର-ପ୍ରଶ୍ନାବଳୀ କୁ ପୂରଣ କରିଥା'ନ୍ତି । ଦୁଇ ପ୍ରକାରର ସାକ୍ଷାତକାର ରହିଛି : (କ) ନିୟନ୍ତ୍ରିତ, ଔପଚାରିକ ସାକ୍ଷାତକାର, ଯାହା ଏକ ନିର୍ଦ୍ଦିଷ୍ଟ ଧାରା ଅନୁସାରେ ହୋଇଥାଏ । (ଖ) ଅନୌପଚାରିକ, ଅନିୟନ୍ତ୍ରିତ ସାକ୍ଷାତକାର, ଯେଉଁଥିରେ ଉତ୍ତରଦାତାମାନଙ୍କୁ ସେମାନଙ୍କ ର ଉତ୍ତର ନିଜ ଅନୁସାରେ ଦେବା ପାଇଁ ସ୍ୱାଧୀନତା ଦିଆଯାଇଥାଏ । ଏଥିପାଇଁ ଉତ୍ତରଦାତାଙ୍କର ସହମତି ରେ ଏକ ଟେପରେକର୍ଡ଼ର ମଧ୍ୟ ବ୍ୟବହାର କରାଯାଇପାରେ । ଅଧ୍ୟୟନ ପାଇଁ ଉପଯୁକ୍ତ ତଥ୍ୟ ଓ ସୂଚନା ଆଦାୟ କରିବା ପାଇଁ ସାକ୍ଷାତକାର ମାଧ୍ୟମରେ ଉତ୍ତରଦାତାଙ୍କୁ ସଠିକ୍ ଦିଗ୍‌ଦର୍ଶନ ଦେବାରେ ଗବେଷକ ଦକ୍ଷ ଓ ନିପୁଣ ହେବା ଉଚିତ ।

ସାକ୍ଷାତକାର ପଦ୍ଧତିର ଚୟନ ଅନେକ କାରକମାନଙ୍କ ଉପରେ ନିର୍ଭର କରିଥାଏ, ଯେପରିକି ଅଧ୍ୟୟନ ର ଉଦ୍ଦେଶ୍ୟ, ସମୟ ଓ ଅର୍ଥର ଉପଲବ୍ଧତା ଓ ଗବେଷକର ଦକ୍ଷତା । ଏକ ମାନଦଣ୍ଡ ଅନୁସାରେ ପ୍ରସ୍ତୁତ ହୋଇଥିବା ପ୍ରଶ୍ନ, ଅଧିକରୁ ଅଧିକ ଉତ୍ତର, ଲୋକଙ୍କ ପ୍ରତିକ୍ରିୟା ଓ ମନୋବୃତ୍ତି ସମ୍ବନ୍ଧରେ ଏକ ନିର୍ଦ୍ଦିଷ୍ଟ



ଟୀପ୍ପଣୀ

ଓ ସ୍ପଷ୍ଟ ଚିତ୍ର ପ୍ରଦାନ କରିଥାଏ । ଯଦି ମୁକ୍ତ ଓ ସୁଚିନ୍ତିତ ଉତ୍ତର ମିଳେ, ତାହା ହେଲେ ଗବେଷଣା ଅଧିକ ସଫଳ ହୋଇଥାଏ ।

ଉପରୋକ୍ତ ପଦ୍ଧତିମାନ ପରସ୍ପର ଠାରୁ ସଂପୂର୍ଣ୍ଣ ଭିନ୍ନ ନୁହଁନ୍ତି । ଏମାନଙ୍କର ସମ୍ମିଶ୍ରଣ କରାଯାଇପାରେ । ଏହି ସବୁ ପଦ୍ଧତିର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଲୋକମାନଙ୍କର ନିର୍ଦ୍ଦିଷ୍ଟ ବ୍ୟବହାରର କାରଣ ଖୋଜି ବାହାର କରିବା । ଏହି ସବୁ ଅଧ୍ୟୟନ ର ପରିଣାମ ସ୍ୱରୂପ ସମାଜ-ବୈଜ୍ଞାନିକ ତତ୍ତ୍ୱ ଓ ଧାରଣା ମାନ ସୃଷ୍ଟି ହୋଇଛି । ଏମାନେ ପରସ୍ପର ର ବିକଳ୍ପ ନୁହନ୍ତି, ସେମାନେ ପରସ୍ପର ସହ ମିଶି ବ୍ୟବହୃତ ହୋଇପାରନ୍ତି । ଆମକୁ ଖାଲି ନିଶ୍ଚିତ ହେବାକୁ ପଡିବ ଯେ ଆମେ କ'ଣ ବାହାର କରିବାକୁ ଚାହୁଁଛୁ । କୌଣସି ଏକ ଅଧ୍ୟୟନ ର ଭିନ୍ନ ଭିନ୍ନ ଦିଗ ପାଇଁ ଅଲଗା ଅଲଗା ପଦ୍ଧତି ଉପଯୋଗୀ ସାବ୍ୟସ୍ତ ହୋଇପାରନ୍ତି । ସର୍ବେକ୍ଷଣ କୁ ସାବ୍ୟସ୍ତ କରିବା ପାଇଁ ଏକ ବିସ୍ତୃତ ପର୍ଯ୍ୟବେକ୍ଷଣାତ୍ମକ ବିବରଣୀ ଦରକାର ହୁଏ ।

## ପାଠ୍ୟଗତ ପ୍ରଶ୍ନାବଳୀ ୪.୨

୧. ତଥ୍ୟ ସଂଗ୍ରହ ପାଇଁ କି' କି' ପଦ୍ଧତି ରହିଛି ?

୨. ତଥ୍ୟ ସଂଗ୍ରହ ର ପାଞ୍ଚଟି ଟେକ୍‌ନିକ୍ କ'ଣ ?

୩. ପର୍ଯ୍ୟବେକ୍ଷଣ ର ଦୁଇଟି ମୁଖ୍ୟ ପ୍ରକାର କ'ଣ ?

୪. ଘଟଣା-ବିଶେଷ-ଅଧ୍ୟୟନ ପଦ୍ଧତି ରେ ସର୍ବେକ୍ଷଣ ବ୍ୟବହୃତ ହୋଇ ପାରିବ କି ?

୫. ସାକ୍ଷାତକାର ର ଦୁଇଟି ପ୍ରକାର ଲେଖନ୍ତୁ ?

## ପାଠ୍ୟାନ୍ତ ପ୍ରଶ୍ନାବଳୀ

୧. ଏହି ପଦ୍ଧତି ମାନଙ୍କର ବ୍ୟାଖ୍ୟା କରନ୍ତୁ -

ଐତିହାସିକ, ତୁଳନାତ୍ମକ, ପରୀକ୍ଷଣାତ୍ମକ ଓ ପ୍ରକାର୍ଯ୍ୟାତ୍ମକ ପଦ୍ଧତି ।

୨. ଅନୁଭବଜନିତ ପଦ୍ଧତି କ'ଣ ?

୩. ପର୍ଯ୍ୟବେକ୍ଷଣ ର ସଂଜ୍ଞା ଦିଅ ଓ ଏହାର ଭିନ୍ନ ଭିନ୍ନ ପ୍ରକାର ଆଲୋଚନା କର ।

୪. ଘଟଣା-ବିଶେଷ-ଅଧ୍ୟୟନ କ'ଣ ? ସର୍ବେକ୍ଷଣ ଓ ଘଟଣା-ବିଶେଷ-ଅଧ୍ୟୟନ ପଦ୍ଧତି ମଧ୍ୟରେ ପ୍ରଭେଦ କ'ଣ ?

୫. ପ୍ରଶ୍ନାବଳୀ ଓ ସାକ୍ଷାତକାର ସାରଣୀ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

## ପାଠ୍ୟଗତ ପ୍ରଶ୍ନମାନଙ୍କର ଉତ୍ତର

### ୪.୧

୧ - ସତ୍ୟ  ୨ - ଅସତ୍ୟ  ୩ - ସତ୍ୟ  ୪ - ସତ୍ୟ

୫ - ୪.୧ ଦେଖନ୍ତୁ  ୬ - ପାଞ୍ଚ, ୭ - ୪.୨ ଦେଖନ୍ତୁ



ଟୀପ୍ପଣୀ

୮ - ୪.୪ ଦେଖନ୍ତୁ ।

**୪ .୨**

୧ - ୪ .୫ ଦେଖନ୍ତୁ

୨ - ୪ .୬ ଦେଖନ୍ତୁ

୩ - ୪ .୭ ଦେଖନ୍ତୁ

୪ - ୪ .୭ ଦେଖନ୍ତୁ

୫ - ୪ .୭ ଦେଖନ୍ତୁ ।

**ସହାୟକ ପୁସ୍ତକମାଳା** (Book References)

Bottomore, T . B. (1970) : Sociology : A Guide to Problem & Literature.

Galtung, Johan, (1967) : Theory & Methods of Social Research

Goode, W. J. & Hatt, P. K. (1952), Methods in Social Research Jahoda, Marial et al, (1851) : Research Methods in Social Relations.



ଟୀପ୍ପଣୀ

# ୫

# ସମାଜ, ସମୁଦାୟ, ସଂଘ ଓ ଅନୁଷ୍ଠାନ

## (SOCIETY, COMMUNITY, ASSOCIATION & INSTITUTION)

**ସ**ମାଜ ବିଜ୍ଞାନ ହେଉଛି ଏକ ସାମାଜିକ ବିଜ୍ଞାନ, ଯାହା ମନୁଷ୍ୟ ଜୀବନ ଓ କାର୍ଯ୍ୟ କଳାପ କୁ ବୁଝିବା ପାଇଁ କେତେକ ମୌଳିକ ଏକକ ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ । ଏହି ଏକକ ମାନେ ବ୍ୟକ୍ତି ଜୀବନ ଓ ସାମାଜିକ ପ୍ରକ୍ରିୟା ମାନଙ୍କ ମଧ୍ୟରେ ଥିବା ସଂପର୍କ କୁ ବୁଝିବା ପାଇଁ ଏକ ଆଧାର ବା ଭିତ୍ତି-ପ୍ରଦାନ କରିଥା'ନ୍ତି । ଏହି ଅଧ୍ୟାୟ ରେ ସାମାଜିକ ଜୀବନ କୁ ବୁଝିବା ପାଇଁ ସମାଜ ବିଜ୍ଞାନୀ ବ୍ୟବହାର କରୁଥିବା କେତେକ ମୌଳିକ ଧାରଣା ବିଷୟରେ ଆଲୋଚନା କରିବା । ସେମାନେ ହେଲେ : (୧) ସମାଜ (୨) ସମୁଦାୟ (୩) ସଂଘ ଓ (୪) ଅନୁଷ୍ଠାନ ।

### ଉଦ୍ଦେଶ୍ୟ

**ଏହି ଅଧ୍ୟାୟ ପଢିବା ପରେ ଆପଣ -**

- ➪ 'ସମାଜ' ଓ 'ସମୁଦାୟ' ର ସଂଜ୍ଞା ବୁଝିପାରିବେ ;
- ➪ ସମାଜ ଓ ସମୁଦାୟ ମଧ୍ୟରେ ଥିବା ସାମଞ୍ଜସ୍ୟ ଓ ପ୍ରଭେଦ ଦର୍ଶାଇ ପାରିବେ ;
- ➪ 'ସଂଘ' ଓ 'ଅନୁଷ୍ଠାନ' କୁ ବ୍ୟାଖ୍ୟା କରିପାରିବେ ; ଏବଂ
- ➪ ସଂଘ ଓ ଅନୁଷ୍ଠାନ ମଧ୍ୟରେ ପ୍ରଭେଦ ଓ ସାମାଜିକ ଜୀବନର ଅଧ୍ୟୟନରେ ଏହି ବିଷୟମାନଙ୍କର ଗୁରୁତ୍ୱ ଦର୍ଶାଇ ପାରିବେ ।

### ୫ . ୧ ସମାଜ କ'ଣ ?

ସମାଜ ଶବ୍ଦର ପ୍ରୟୋଗ ଆମ ଦୈନନ୍ଦିନ ଜୀବନରେ ଏକ ନିର୍ଦ୍ଦିଷ୍ଟ ଅର୍ଥରେ କରାଯାଏ । କିନ୍ତୁ ସମାଜ ବିଜ୍ଞାନରେ ଏହାର ପ୍ରୟୋଗ ସ୍ୱତନ୍ତ୍ର ଓ ଭିନ୍ନ ଅର୍ଥରେ କରାଯାଏ । ଜଣେ ସାଧାରଣ ଲୋକ, ସମାଜକୁ ଦଳେ ଲୋକଙ୍କର ସଂଗ୍ରହ ବୋଲି କହିଥାଏ । କିନ୍ତୁ ସମାଜ ବୈଜ୍ଞାନିକ ଅର୍ଥରେ ଏହି ସମାଜ ଖାଲି ଦଳେ ଲୋକଙ୍କ ସଂଗ୍ରହ ନୁହେଁ, ପରନ୍ତୁ ସେହି ଲୋକମାନଙ୍କ ମଧ୍ୟରେ ସୃଷ୍ଟି ହେଉଥିବା ସଂପର୍କର ଏକ ସମଷ୍ଟି । ସାଧାରଣ ଅର୍ଥରେ ସମାଜକୁ 'ମୂର୍ତ୍ତ' ବସ୍ତୁ (ଦେଖି ହେଉଥିବା, ଛୁଇଁ ହେଉଥିବା, ଆକାର ଥିବା) ଭାବେ ବୁଝା ଯାଉଥିବା ବେଳେ ସମାଜ ବିଜ୍ଞାନରେ ଏହାର "ଅମୂର୍ତ୍ତ" ଅର୍ଥାତ୍ ଅନୁଭବ ଜନିତ ଅସ୍ତିତ୍ୱ ଥିବା



ଟୀପ୍‌ପଣୀ

ବୁଝାଯାଏ । ଏହା ଏକ ମାନସିକ ସଂରଚନା ଅଟେ, ଯାହାକୁ ଆମେ ଆମର ନିତ୍ୟ ନୈମିତିକ ଜୀବନରେ ଅନୁଭବ କରୁ କିନ୍ତୁ ଦେଖିପାରୁ ନାହିଁ ।

ମ୍ୟାକ୍ ଆଇଭର ଓ ପେଜ୍ ସେମାନଙ୍କ ପୁସ୍ତକ "ସମାଜ"ରେ ସମାଜର ସଂଜ୍ଞା ପ୍ରଦାନ କରି କହିଛନ୍ତି - "ସମାଜ ହେଉଛି, ବ୍ୟବହାରିକ ନୀତି, କାର୍ଯ୍ୟ ରୀତି, ପ୍ରଭୁତ୍ୱ, ପାରସ୍ପାରିକ ସାହାଯ୍ୟ, ବହୁ ସମୁହ ଓ ବିଭାଜିତ, ଖଣ୍ଡିତ ଗୋଷ୍ଠୀ, ମାନବୀୟ ବ୍ୟବହାର ଓ ସ୍ୱାଧୀନତାକୁ ନିୟନ୍ତ୍ରଣ କରୁଥିବା ଏକ ବ୍ୟବସ୍ଥା" ।

ଏହି ସଂଜ୍ଞା ରୁ ଏହା ପ୍ରତିଫଳିତ ହୁଏ ଯେ ସମାଜ ହେଉଛି, ସାମାଜିକ ସଂପର୍କ ମାନଙ୍କର ଏକ ଶୃଂଖଳ, ବା ଜାଲ ସଦୃଶ । ସମାଜରେ ଜଣେ ବ୍ୟକ୍ତି ଅନ୍ୟ ମାନଙ୍କ ସହ ଜ୍ଞାତିତ୍ୱ, ବିବାହ, ପଡ଼ୋଶୀ, ଜାତି, ବୃତ୍ତି, ଧର୍ମ, ରାଜନୀତି ଓ ବନ୍ଧୁତା ଇତ୍ୟାଦି ସମ୍ବନ୍ଧରେ ସମ୍ବନ୍ଧିତ । ଏଣୁ ଏହିପରି ଭାବେ ଏହି ବହୁବିଧ ସଂପର୍କ ମାଧ୍ୟମରେ ସମାଜର ଭିନ୍ନ ଭିନ୍ନ ସ୍ତରର ସମୁହ ସହିତ ବ୍ୟକ୍ତି ଅଙ୍ଗାଙ୍ଗୀ ଭାବେ ଯୋଡ଼ି ହୋଇଯାଏ । ଏହି ସବୁ ସମ୍ବନ୍ଧ ବିନା କାରଣରେ ସୃଷ୍ଟି ହୁଏ ନାହିଁ । ଏହାର ସୃଷ୍ଟି, ଏକ ଧାରା ଅନ୍ତର୍ଗତ ହୁଏ । ତେଣୁ ସମାଜ ବିଜ୍ଞାନୀ ମାନେ ସମାଜକୁ, ଏହାର ସଦସ୍ୟମାନଙ୍କର ଆନ୍ତଃ କ୍ରିୟା ମାଧ୍ୟମରେ ସୃଷ୍ଟି ହେଉଥିବା ସାମାଜିକ ସଂପର୍କ ମାନଙ୍କର ଏକ ଧାରା ଭାବେ ଅଭିହିତ କରନ୍ତି ।

**ସମାଜର ଲକ୍ଷଣ :-**

୧. ସମାନତା ଓ ଅସାମଞ୍ଜସ୍ୟ

୨. ପରସ୍ପର ନିର୍ଭରଶୀଳତା ଏବଂ

୩. ସହଯୋଗିତା ଓ ସଂଘର୍ଷ

୧. ପ୍ରଥମେ ସମାନତା ବା ସାମଞ୍ଜସ୍ୟ ର ଚିହ୍ନଟ ପାଇଁ ଦଳେ ଲୋକଙ୍କର ସଂଗ୍ରହ ରହିବା ଦରକାର । ଯଦି ଲୋକମାନଙ୍କ ମଧ୍ୟରେ ସମାନତାର ଭାବନା ନ ରହେ, ତାହାହେଲେ ସମାଜର ଅସ୍ତିତ୍ୱ ରହିବା ଅସମ୍ଭବ ହୋଇଯାଏ । ଏହି ସମାନତାର ଭାବନା ସାଧାରଣତଃ ପରିବାରର ସଦସ୍ୟ, କୁଟୁମ୍ବ ଲୋକ, ଏକ ଗ୍ରାମର ଲୋକ, ଛୋଟ ସହର ତଥା ଏକ ଜାତିର ଲୋକମାନଙ୍କ ମଧ୍ୟରେ ଦେଖିବାକୁ ମିଳେ । ପ୍ରଥମେ ସମାନତା ବା ସାମଞ୍ଜସ୍ୟ ଲୋକଙ୍କର ମୁଖାକୃତିର ହୋଇଥାଏ । ମଣିଷ ଅନ୍ୟ ପଶୁଙ୍କ ସହ ମିଶି ସମାଜ ଗଠନ କରିପାରିବ ନାହିଁ ।

   ଏହା ସତ୍ତ୍ୱେ ଆମେ ଏହା କହିପାରିବା ନାହିଁ, ଯେ ସମାଜର ଲୋକମାନଙ୍କର ମଧ୍ୟରେ ଭିନ୍ନତା ନାହିଁ । ଏକ ସମାଜର ଲୋକମାନେ ପରସ୍ପରଠାରୁ ଜାତି, ଶ୍ରେଣୀ, ବୃତ୍ତି ଓ ଶିକ୍ଷା କ୍ଷେତ୍ରରେ ଭିନ୍ନ ଅଟନ୍ତି । ଏକ ପରିବାରର ସଦସ୍ୟମାନେ ମଧ୍ୟ ପରସ୍ପର ଠାରୁ ଲିଙ୍ଗ, ବୟସ, ବ୍ୟକ୍ତିତ୍ୱ, ଚିନ୍ତାଧାରା, ଦୃଷ୍ଟିକୋଣ ଓ ବ୍ୟକ୍ତିଗତ ପସନ୍ଦ, ନାପସନ୍ଦ କ୍ଷେତ୍ରରେ ଭିନ୍ନ ଅଟନ୍ତି । ତେବେ ଏହି ଭିନ୍ନତା ପରସ୍ପର ସହ ଏପରି ଭାବେ ସଂଯୁକ୍ତ ହୋଇଥା'ନ୍ତି ଯେ ଏହାଦ୍ୱାରା ପରିବାରର ଭାରସାମ୍ୟ ରକ୍ଷା କରିହୁଏ । ଏହିପରି ସମାନ ସିଦ୍ଧାନ୍ତ, ବୃହତ୍ ସ୍ତରର ସମାଜ ପାଇଁ ମଧ୍ୟ ପ୍ରଯୁକ୍ତ ହୁଏ । ଯେଉଁଥିରେ କି ପ୍ରଭେଦମାନେ ସମାନତା ମଧ୍ୟରେ ଲୁଚିଯା'ନ୍ତି । ଏହା ସାମାଜିକ ସଂହତି ରକ୍ଷା କରିବାରେ ସାହାଯ୍ୟ କରିଥାଏ ।

୨. ପରସ୍ପର ନିର୍ଭରଶୀଳତା ହେଉଛି ସମାଜର ଅନ୍ୟ ଏକ ଲକ୍ଷଣ । ସମାଜର ସୁପରିଚାଳନା ପାଇଁ ସମାଜର ସଦସ୍ୟମାନେ ପରସ୍ପର ଉପରେ ନିର୍ଭର କରନ୍ତି । ଏକ ପାରଂପରିକ ଗାଁ କିମ୍ବା ପଡୋଶୀ



ଟୀପ୍‌ପଣୀ

ମାନଙ୍କ ମଧ୍ୟରେ, ଭିନ୍ନ ଭିନ୍ନ ଜାତିର ସଦସ୍ୟମାନେ ଦୈନନ୍ଦିନ ଜୀବନରେ ପରସ୍ପର ଉପରେ ନିର୍ଭର କରନ୍ତି । ଉଦାହରଣ ସ୍ୱରୂପ ଧୋବା, ବଢ଼େଇ, ମୋଚି, କମାର, ବସ୍ କଣ୍ଡକ୍ଟର, ବ୍ରାହ୍ମଣ ଓ ଝାଡୁଦାର ଏମାନେ ସବୁ ନିଜ ନିଜ କାମ କରନ୍ତି । କିନ୍ତୁ ସେମାନେ ପରସ୍ପର ଉପରେ ନିର୍ଭର କରି ଏସବୁ କାମ କରନ୍ତି । ଜଣେ ବ୍ୟକ୍ତି ନିଜର ବହୁବିଧ ଆବଶ୍ୟକତାର ପୂରଣ ସ୍ୱୟଂ ନିଜେ କରିପାରିବ ନାହିଁ । ସମାଜରେ ସୁଖରେ ରହିବା ପାଇଁ ସେମାନେ ପରସ୍ପର ଉପରେ ନିର୍ଭର କରି ଚଳନ୍ତି ।

୩. ସହଯୋଗିତା ହେଉଛି ସମାଜର ଅନ୍ୟ ଏକ ଅତି ଆବଶ୍ୟକ ଉପାଦାନ, କୌଣସି ସମାଜ ଏହାର ସଦସ୍ୟମାନଙ୍କର ସହଯୋଗିତା ବିନା ତିଷ୍ଠି ପାରିବ ନାହିଁ । ସହଯୋଗିତା ସମାଜର ସବୁ ସ୍ତରରେ ଦେଖାଯାଏ ।

୧. ସ୍ୱାମୀ ଓ ସ୍ତ୍ରୀ ଏବଂ ପରିବାରର ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ;

୨. ପଡ଼ୋଶୀମାନଙ୍କ ମଧ୍ୟରେ ; ଏବଂ

୩. ସମାଜର ବ୍ୟାପକ ସ୍ତରରେ ।

୪. ଆପଣ ମାନେ ଜାଣନ୍ତି ଯେ ଯଦି ଆପଣ ନିଜର ଭାଇ-ଭଉଣୀଙ୍କୁ ସହଯୋଗ ନ କରନ୍ତି, ତାହାହେଲେ ପାରିବାରିକ ମାମଲାରେ ଆପଣ ହସ୍ତକ୍ଷେପ କରିପାରିବେ ନାହିଁ । ଅନ୍ୟ ଦିଗରୁ ଦେଖିଲେ ଏହି ସବୁ ସମ୍ବନ୍ଧ ମଧ୍ୟରେ କିଛି ମାତ୍ରାରେ ସଂଘର୍ଷ ମଧ୍ୟ ଥାଏ । ଉଦାହରଣ ସ୍ୱରୂପ ଆପଣଙ୍କର ବାପା ଆଣିଥିବା ଏକ ସାର୍ଟକୁ ଉଭୟ ଆପଣ ଓ ଆପଣଙ୍କ ଭାଇ ପସନ୍ଦ କରିପାରନ୍ତି ଓ ଏଥିପାଇଁ ଯୁକ୍ତିତର୍କ ବି କରି ପାରନ୍ତି । କିନ୍ତୁ, ଶେଷରେ ଆପଣଙ୍କର ପିତାମାତା ଦ୍ୱନ୍ଦ୍ୱର ସମାଧାନ କରିଦିଅନ୍ତି । ଏହି ଭଳି ଭାବେ, ସମାଜରେ ଥିବା ସାମାଜିକ ସଂପର୍କରେ ଉଭୟ ସହଯୋଗିତା ଓ ସଂଘର୍ଷର ଉପାଦାନ ଥାଏ । ସଂଘର୍ଷ ହେଉଛି ସମାଜର ଏକ ଅତ୍ୟାବଶ୍ୟକ ଲକ୍ଷଣ ଓ ଏକ ବ୍ୟାପକ ସ୍ତରରେ ଏହା ବୁଝାଯାଇ ପାରେ । ଯଦି ସମୁହ ମାନଙ୍କର ସ୍ୱାର୍ଥରେ ବାଧା ଉପୁଜେ ସେମାନେ ପରସ୍ପର ବିରୋଧି ହୋଇଯାଆନ୍ତି । ଏହି ପରିପ୍ରେକ୍ଷୀରେ ଜମିମାଲିକ ଓ ଭୂମିହୀନ ମାନଙ୍କ ମଧ୍ୟରେ ସୃଷ୍ଟି ହେଉଥିବା ସଂଘର୍ଷକୁ ବୁଝାଯାଇ ପାରେ । ତେବେ ସହଯୋଗିତା ହେଉଛି ସମସ୍ତ ଦିଗରୁ ଗୁରୁତ୍ୱପୂର୍ଣ୍ଣ ଏକ ସାମାଜିକ ପ୍ରକ୍ରିୟା ।

## ପାଠ୍ୟଗତ ପ୍ରଶ୍ନାବଳୀ ୫.୧

**ଗୋଟିଏ ବାକ୍ୟରେ ଉତ୍ତର ଦିଅ ।**

୧. ସମାଜର ସଂଜ୍ଞା ପ୍ରଦାନ କର ।

---

୨. 'ସାମଞ୍ଜସ୍ୟ' ଓ 'ପ୍ରଭେଦ' ମଧ୍ୟରୁ କେଉଁ ଟି ସମାଜର ଅସ୍ତିତ୍ୱ ରକ୍ଷା ନିମନ୍ତେ ଅଧିକ ଗୁରୁତ୍ୱପୂର୍ଣ୍ଣ ?

---

୩. ସ୍ୱାମୀ - ସ୍ତ୍ରୀ ସମ୍ବନ୍ଧ ଏକ ସାମାଜିକ ସମ୍ବନ୍ଧ । ଏହି ବକ୍ତବ୍ୟ ସହ କ'ଣ ତୁମେ ଏକ ମତ ?

---



ଟୀପ୍‌ପଣୀ

## ୫.୨ ସମୁଦାୟ (Community)

ସମାଜ ହେଉଛି ଏକ ଅମୂର୍ତ୍ତ ଧାରଣା ବା ଚିନ୍ତାଧାରା କିନ୍ତୁ ସମୁଦାୟ ହେଉଛି ମୂର୍ତ୍ତ ଅସ୍ତିତ୍ୱ । ସମାଜ ବିଜ୍ଞାନୀମାନଙ୍କ ଅନୁସାରେ "ଯେତେବେଳେ କୌଣସି ସମୁହର ସଦସ୍ୟ, ଛୋଟ ବା ବଡ଼, ଏକାଠି ରହି, ଦୈନନ୍ଦିନ ସାଧାରଣ ଜୀବନର ମୌଳିକ ପରିସ୍ଥିତିରେ ସହଭାଗୀ ହୁଅନ୍ତି, ସେତେବେଳେ ଆମେ ସେହି ସମୁହକୁ ସମୁଦାୟ କହୁ" । ତେଣୁ ସମୁଦାୟ କହିଲେ ଏକ ଭୌଗୋଳିକ ଅଞ୍ଚଳରେ ରହୁଥିବା ଦଳେ ଲୋକଙ୍କୁ ବୁଝାଏ । ସେମାନେ ଏକ ଭୌତିକ ବାତାବରଣରେ ରହନ୍ତି ଓ ସାଧାରଣ ଜୀବନର ନିତିଦିନିଆ ସ୍ଥିତି, ପରିସ୍ଥିତିରେ ସହଭାଗିତା କରନ୍ତି । ପଡ଼ୋଶୀ ବା ଗ୍ରାମ୍ୟ ସମୁଦାୟକୁ, ସମୁଦାୟର ଏକ ଉତ୍ତମ ଉଦାହରଣ ଭାବେ ଗ୍ରହଣ କରାଯାଇ ପାରେ ।

### ୫ .୨.୧ ସମୁଦାୟର ଲକ୍ଷଣ :-

୧. ସମୁଦାୟ ହେଉଛି ବ୍ୟକ୍ତି ମାନଙ୍କର ଏକ ସଂଗ୍ରହ ବା ସମଷ୍ଟି ।

୨. ଏହା ଏକ ଅଞ୍ଚଳ ସହ ସମ୍ବନ୍ଧିତ ।

୩. ସମୁଦାୟର ସଦସ୍ୟମାନଙ୍କର ଏକ ଦୃଢ଼ ସାମୁଦାୟିକ ମନୋଭାବନା, ଆପଣାପଣ ବା ଏକାତ୍ମବୋଧ ଥାଏ ।

୪. ଦଳେ ଲୋକ, ଯାହାକୁ ଆମେ ସମୁଦାୟ କହୁ, ତାହା ଏକ ଦୀର୍ଘ ସମୟର ସ୍ୱତଃସ୍ଫୁର୍ତ୍ତ ସୃଷ୍ଟି ।

୫. ତେଣୁ କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖିସୃଷ୍ଟି ହୋଇଥିବା ସମୁହ ତୁଳନାରେ ସମୁଦାୟ ଅପେକ୍ଷାକୃତ ଭାବେ ସ୍ଥାୟୀ ।

୬. ସମୁଦାୟ ବୃହତ୍ତର ତଥା ବ୍ୟାପକ ସ୍ତରର ଉଦ୍ଦେଶ୍ୟର ପରିପୂର୍ତ୍ତି ପାଇଁ କାର୍ଯ୍ୟ କରେ ।

୭. ସମୁଦାୟର ଏକ ନିର୍ଦ୍ଦିଷ୍ଟ ନାମ ଥାଏ ।

### ୫. ୨. ୨ ସମୁଦାୟ ଓ ସମାଜ ମଧ୍ୟରେ ସମାନତା

୧. ଉଭୟ ସ୍ୱତଃସ୍ଫୁର୍ତ୍ତ ଭାବେ ସୃଷ୍ଟି ହୋଇଥିବା ସାମାଜିକ ସମୁହ, ତେବେ କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରଖି ସମୁଦାୟ ଗଠନ କରାଯାଇ ପାରେ ।

୨. ଉଭୟ ବ୍ୟାପକ ସ୍ତରର ଉଦ୍ଦେଶ୍ୟ ପୂରଣ କରନ୍ତି ।

୩. ଉଭୟର ସଦସ୍ୟ ମାନଙ୍କର ଆମେ ମନୋଭାବନା ବା ଆପଣାପଣ ଥାଏ ।

### ୫.୨.୩ ସମାଜ ଓ ସମୁଦାୟ ମଧ୍ୟରେ ପ୍ରଭେଦ

**ସମାଜ**

୧. ଏଥିରେ ଲୋକମାନଙ୍କ ମଧ୍ୟରେ ସ୍ଥାପିତ ପ୍ରତ୍ୟେକ ସମ୍ବନ୍ଧ ସାମିଲ ଥାଏ ଓ ତାହା ଆଞ୍ଚଳିକ ସୀମାରେ ଆବଦ୍ଧ ନ ଥାଏ । ଉଦାହରଣ ସ୍ୱରୂପ ସମଗ୍ର ପୃଥିବୀର ବିଭିନ୍ନ ଅଞ୍ଚଳରେ ବାସ କରୁଥିବା ଭାରତୀୟମାନେ ଅନୁଭବ କରନ୍ତି ଯେ ସେମାନେ ହେଉଛନ୍ତି ଭାରତୀୟ ସମାଜର ଏକ ଅଭିନ୍ନ ଅଂଗ । ଏଠାରେ ଆଞ୍ଚଳିକ ସୀମାର କୌଣସି ଅର୍ଥ ନ ଥାଏ ।



ଟୀପ୍ପଣୀ

୨. ଏଠାରେ ଆପଣାପଣ ଥାଏ, କିନ୍ତୁ ସମୁଦାୟ ଅପେକ୍ଷା କମ୍ ଜଣାଥାଏ ।

୩. ସମାଜ ହେଉଛି ଏକ ଅମୂର୍ତ୍ତ ମାନସିକ ସଂରଚନା ।

**ସମୁଦାୟ**

୧. ସାଧାରଣତଃ ସମୁଦାୟ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ସହ ସମ୍ବନ୍ଧିତ ହୋଇଥାଏ । ଉଦାହରଣ ସ୍ୱରୂପ ସାଉଥହଲ୍‌ରେ ରହୁଥିବା ଭାରତୀୟମାନେ ସାଉଥହଲ ର ଭାରତୀୟ ସମୁଦାୟ ଭାବରେ ପରିଚିତ ହୋଇଥା'ନ୍ତି ।

୨. ଆପଣାପଣ ମନୋଭାବ ବହୁତ ଦୃଢ଼ ହୋଇଥାଏ । ସେମାନେ ପରସ୍ପରର ନିକଟତର ଅନୁଭବ କରିଥା'ନ୍ତି । ସେମାନଙ୍କ ବିରୁଦ୍ଧରେ କରାଯାଇଥିବା ସମାଲୋଚନା ପ୍ରତି ସେମାନେ ତୀବ୍ର ପ୍ରତିକ୍ରିୟାଶୀଳ ହୋଇଥା'ନ୍ତି ।

୩. ସମୁଦାୟ ଏକ ମୂର୍ତ୍ତ ଅସ୍ତିତ୍ୱ ଅଟେ । ସମୁଦାୟର ସଦସ୍ୟମାନଙ୍କ ମଧ୍ୟରେ ସାମଞ୍ଜସ୍ୟ ଓ ପ୍ରଭେଦ ଥିଲେ ସୁଦ୍ଧା ବାସ୍ତବରେ ସେମାନେ ପରସ୍ପର ସହିତ ଓତପ୍ରୋତ ଭାବେ ଜଡ଼ିତ ହୋଇଥା'ନ୍ତି ।

## ୫.୨.୪ ସମୁଦାୟର ପ୍ରକାର

ଜର୍ମାନୀ ସମାଜ ବିଜ୍ଞାନୀ ଫର୍ଡିନାଣ୍ଡ ଟନିସ୍ ଦୁଇଟି ଶବ୍ଦ - ଜେମିନ୍ସାଫ୍ଟ ଓ ଜେସେଲ୍ସାଫ୍ଟ ର ପ୍ରୟୋଗ ମାଧ୍ୟମରେ ସମୁଦାୟ ଓ ଅନ୍ୟାନ୍ୟ ସଂଘକୁ ପରିଭାଷା ଦେବାର ପ୍ରଚେଷ୍ଟା କରିଥିଲେ । ଅନେକ ପ୍ରକାର ସମୁଦାୟ ମଧ୍ୟରୁ ଚାରିଟିକୁ ସ୍ପଷ୍ଟ ଭାବେ ବଛାଯାଇ ପାରିବ -

୧. ଗ୍ରାମ ଓ ଗ୍ରାମ ସମ୍ବନ୍ଧିୟ

୨. ସହରୀ

୩. ରାଷ୍ଟ୍ର ସ୍ତରୀୟ

୪. ବିଶ୍ୱ ସ୍ତରୀୟ

## ୫.୨.୫ ଭାରତରେ ସାମୁଦାୟିକ ଜୀବନ

ଭାରତ ହେଉଛି ଗ୍ରାମ୍ୟ ସମୁଦାୟ ଦ୍ୱାରା ନିର୍ମିତ ଏକ ଦେଶ । ଏହାର ନିମ୍ନୋକ୍ତ ଐତିହାସିକ ଲକ୍ଷଣ ମାନ ରହିଛି ।

୧. କୃଷି ଆଧାରିତ ଆର୍ଥିକ ବ୍ୟବସ୍ଥା

୨. ଶାନ୍ତି ଓ ସରଳତା

୩. ପରଂପରା ଓ ପ୍ରଥା ଆଧାରିତ ଆଚରଣ



ଟୀପ୍‌ପଣୀ

୪. ଦାରିଦ୍ର୍ୟ ଓ ନିରକ୍ଷରତା

୫. ପାରଂପାରିକ ପଞ୍ଚାୟତ ସଂସ୍ଥା

୬. ଜାତିଭିତ୍ତିକ ଶ୍ରମ - ବିଭାଜନ ଓ ପରସ୍ପର ନିର୍ଭରଶୀଳତା ।

ବ୍ରିଟିଶ ଶାସନ, ଜନସଂଖ୍ୟା ବିସ୍ଫୋରଣ, ଶିକ୍ଷା, ଆଧୁନିକୀକରଣ ଓ ଔଦ୍ୟୋଗିକିକରଣ ପ୍ରଭୃତିର ପ୍ରଭାବରେ ପାରଂପାରିକ ସାମୁଦାୟିକ ଢାଞ୍ଚା ମାନ ଦୁର୍ବଳ ହେଉଛନ୍ତି । ଆମେ ମନୋଭାବନା ଅତିମାତ୍ରାରେ ଆବିଳ ହୋଇଛି । ଲୋକମାନଙ୍କ ଜୀବନରେ ପରଂପରା ଓ ପ୍ରଥା ମାନଙ୍କର ପ୍ରଭାବରେ ମଧ୍ୟ ପରିବର୍ତ୍ତନ ଆସିଛି । ଭାରତୀୟ ପରିପ୍ରେକ୍ଷୀରେ ଗ୍ରାମ୍ୟ ସମୁଦାୟ ମାନେ ବର୍ତ୍ତମାନ ଆଉ ଅଲଗା ନୁହଁନ୍ତି । ଆଜିର ସମାଜରେ ସୁଦୂର ଗାଁ ମାନେ ମଧ୍ୟ ବିଶ୍ୱ ସମୁଦାୟ ସହିତ, ଦୂରସଂଚାର ମାଧ୍ୟମମାନଙ୍କ, ପରିବହନ ବ୍ୟବସ୍ଥାମାନଙ୍କ ଓ ବଜାର ଶକ୍ତିମାନଙ୍କ ଦ୍ୱାରା ସଂପର୍କୀତ ହୋଇଛନ୍ତି ।

## ପାଠ୍ୟଗତ ପ୍ରଶ୍ନାବଳୀ ୫.୨

ସଠିକ୍ ଉତ୍ତରରେ ଠିକ୍ ଚିହ୍ନ ଦିଅନ୍ତୁ ।

୧. ନିମ୍ନୋକ୍ତ ମଧ୍ୟରୁ କେଉଁଟି ସମୁଦାୟ ଓ ସମାଜ ମଧ୍ୟରେ ଥିବା ଏକ ପ୍ରଭେଦ ଅଟେ ।

(କ) ନିର୍ଦ୍ଦିଷ୍ଟ ଅଞ୍ଚଳ (ଖ) ଲୋକମାନଙ୍କର ଏକ ସମୁହ

(ଗ) ଅଭିରଚିର ସମାନତା (ଘ) ଏକତାର ଭାବନା

୨. ନିମ୍ନୋକ୍ତ ମଧ୍ୟରୁ କେଉଁଟି ସମୁଦାୟର ଏକ ସଠିକ ଲକ୍ଷଣ ?

(କ) ଅମୂର୍ତ୍ତ (ଖ) ପରିବର୍ତ୍ତନଶୀଳ

(ଗ) ମୂର୍ତ୍ତ (ଘ) ଏହାମଧ୍ୟରୁ କେଉଁଟି ବି ନୁହେଁ ।

୩. ନିମ୍ନୋକ୍ତ ମଧ୍ୟରୁ କେଉଁଟି ସମୁଦାୟର ଏକ ଲକ୍ଷଣ ନୁହେଁ ?

(କ) ସହର (ଖ) ଗ୍ରାମ

(ଗ) ଛୋଟ ସହର (ଘ) ଏମାନଙ୍କ ମଧ୍ୟରୁ କେହି ନୁହେଁ ।

## ୫.୩ ସଂଘ (Association)

କେତେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ର ପରିପୂର୍ତ୍ତି ପାଇଁ ଦଳେ ଲୋକ ଯେତେବେଳେ ଏକାଠି ହୁଅନ୍ତି, ସେତେବେଳେ ଏହାକୁ ସଂଘ କୁହାଯାଏ । ବେଳେବେଳେ କିଛି ସୀମିତ ସଂଖ୍ୟକ ଲକ୍ଷ୍ୟ ପୂରଣ, ଏହି ସଂଗଠନ ସୃଷ୍ଟିର କାରଣ ହୋଇଥାଏ । ଉଦାହରଣ ସ୍ୱରୂପ ଆପଣମାନେ ନିଜର ଆଖପାଖରେ ମୋହଲ୍ଲା ସୁଧାର ସମିତି ବା କ୍ରିକେଟ କ୍ଲବ ଦେଖିଥିବେ । ଏଭଳି ଅନେକ ସଂଘ ଅଛନ୍ତି, ଯେପରିକି ସ୍ୱୟଂ ସେବୀ ସଂଘ, ସଂଗୀତ କ୍ଲବ ତଥା ଟ୍ରେଡ୍ ୟୁନିୟନ ଇତ୍ୟାଦି ।



ଟୀପ୍ପଣୀ

**୫.୩.୧ ସଂଘର ଲକ୍ଷଣ**

୧. ଏହା ଦଳେ ଲୋକଙ୍କର ସମୁହ ଅଟେ ।

୨. ଏଥିରେ ଲୋକମାନେ ସଂଗଠିତ ହୋଇଥା'ନ୍ତି ।

୩. ସଂଘର କାର୍ଯ୍ୟକଳାପ ପାଇଁ କେତେକ ନୀତିନିୟମ ଥାଏ ।

୪. କେତେକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ ପାଇଁ ଏହି ଲୋକମାନେ ଭିନ୍ନ ଭିନ୍ନ କାର୍ଯ୍ୟକଳାପ କରନ୍ତି ।

**୫.୩.୨ ସମାଜ, ସମୁଦାୟ ଓ ସଂଘ ମଧ୍ୟରେ ପାର୍ଥକ୍ୟ**

**ସମାଜ ଓ ସମୁଦାୟ**

୧ . ସେମାନେ ସ୍ୱତଃସ୍ଫୁର୍ତ୍ତ ଭାବେ ସୃଷ୍ଟି ହୋଇଥିବା ସାମାଜିକ ସମୁହ ।

୨ . ଉଭୟ ସ୍ଥାୟୀ, ନିରନ୍ତର ଓ ଦୀର୍ଘ ଇତିହାସ ସଂପନ୍ନ ହୋଇଥା'ନ୍ତି ।

୩ . ସମାଜିକ ସଂପର୍କର ଏକ ବ୍ୟବସ୍ଥା ଭାବରେ ସମାଜ ତିଷ୍ଠି ରହି ପାରେ ।

୪ . ସମାଜ ପ୍ରଥା, ପରଂପରା ଓ ଅଲିଖିତ ଆଇନ ଦ୍ୱାରା କାର୍ଯ୍ୟ କରେ ।

**ସଂଘ**

୧ . ମନରେ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରଖି ଲୋକମାନେ ସଂଗଠିତ ହୁଅନ୍ତି ।

୨ . କ୍ଷଣସ୍ଥାୟୀ ହୋଇପାରନ୍ତି ।

୩ . ଲକ୍ଷ୍ୟର ନିର୍ଦ୍ଦିଷ୍ଟତା ଓ ସମୁହର ସଦସ୍ୟମାନଙ୍କୁ ଗୁରୁତ୍ୱ ଦିଆଯାଏ ।

୪ . ଅଧିକତର ଲିଖିତ ଆଇନ ଓ ନିୟମ ଦ୍ୱାରା କାର୍ଯ୍ୟ କରିଥାଏ ।

## ପାଠ୍ୟଗତ ପ୍ରଶ୍ନାବଳୀ ୫ .୩

(କ) ନିମ୍ନୋକ୍ତ ମଧ୍ୟରୁ କେଉଁଟି ସଂଘର ଏକ ଉଦାହରଣ ?

୧. ଭାରତୀୟ ସମାଜ — ୨. ବ୍ରାହ୍ମଣ ଜାତି

୩. ମହିଳା କ୍ଲବ — ୪. ହିପ୍ପି ମାନଙ୍କର ସମୁହ

(ଖ) ସମାଜ ଓ ସଂଘ ମଧ୍ୟରେ ଥିବା ପାଥକ୍ୟ ମଧ୍ୟରୁ ଗୋଟିଏ ହେଲା ଯେ ସଂଘର -

୧. ଅଲିଖିତ ନିୟମ ଥାଏ — ୨. ଲିଖିତ ନିୟମ ଥାଏ

(ଗ) ନିମ୍ନୋକ୍ତ ମଧ୍ୟରୁ କେଉଁଟି ଆଞ୍ଚଳିକତା ଭିତ୍ତିରେ ଗଠିତ ହୁଏ ।

୧. ସମାଜ — ୨. ସମୁଦାୟ

୩. ସଂଘ — ୪. ସମୁହ

(ଘ) ନିମ୍ନୋକ୍ତ ମଧ୍ୟରୁ କେଉଁଟି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପୂରଣ ପାଇଁ ଲୋକମାନଙ୍କ ଦ୍ୱାରା ଗଠିତ ହୁଏ ?

୧. ସଂଘ — ୨. ସମାଜ

୩. ସମୁଦାୟ



ଟୀପ୍‌ପଣୀ

## ୫.୪ ଅନୁଷ୍ଠାନ (Institution)

ଆପଣମାନଙ୍କର ମନେଥିବ ଯେ ପୂର୍ବରୁ ଆମେମାନେ ସମାଜର ସାଧାରଣ ଓ ସମାଜ ବୈଜ୍ଞାନିକ ଅର୍ଥ ମଧ୍ୟରେ ପାର୍ଥକ୍ୟ କରିବାକୁ ଚେଷ୍ଟା କରିଥିଲୁ । ଠିକ୍ ସେହିପରି ଅନୁଷ୍ଠାନ କ୍ଷେତ୍ରରେ ମଧ୍ୟ ଦୁଇ ପ୍ରକାର ଅର୍ଥ ରହିଛି ।

୧. ଅନୁଷ୍ଠାନ କହିଲେ ସାଧାରଣ ଭାବରେ ଲୋକମାନେ ଏକ ସଂସ୍ଥାକୁ ବୁଝନ୍ତି । ଉଦାହରଣ ସ୍ୱରୂପ ଲୋକମାନେ ଡାକ୍ତରଖାନା ଓ ବିଦ୍ୟାଳୟକୁ ସଂସ୍ଥା କହନ୍ତି ।

୨. କିନ୍ତୁ ସମାଜ ବିଜ୍ଞାନରେ ଅନୁଷ୍ଠାନର ଏକ ଭିନ୍ନ ଅର୍ଥ ଅଛି । ଏଠାରେ ଏହି ଶବ୍ଦକୁ କାର୍ଯ୍ୟ କରିବାର ଶୈଳୀ ଭାବରେ ବୁଝାଯାଏ ।

ସାମୁହିକ କାର୍ଯ୍ୟକଳାପକୁ ଆଗେଇ ନେବାର ଗୃହୀତ ଆଚରଣ ସଂହିତାକୁ ଅନୁଷ୍ଠାନ କୁହାଯାଏ । ଏହା ମାନବୀୟ କାର୍ଯ୍ୟ କଳାପକୁ ରାସ୍ତା ଦେଖାଇବା ପାଇଁ ନୀତି ଓ ନିୟମାବଳୀ ର ସାହାଯ୍ୟ ନେଇଥାଏ । ଅନୁଷ୍ଠାନମାନେ ମାନବୀୟ କାର୍ଯ୍ୟ କଳାପର ଏକ ନକ୍ସା ବା ରୂପରେଖା ହୋଇଥାନ୍ତି ।

ଆପଣ କ'ଣ କେବେ ଅନୁଭବ କରିଛନ୍ତି ଯେ ଆପଣ ପୂଜା କରିବାକୁ ଚର୍ଚ୍ଚ, ମନ୍ଦିର ଓ ମସଜିଦ୍ କୁ କାହିଁକି ଯା'ନ୍ତି ? ପ୍ରକୃତ ପକ୍ଷେ ଲୋକମାନେ ଅଚେତନ ସ୍ତରରେ ପୂଜା ପଦ୍ଧତିକୁ ଗ୍ରହଣ କରିଥାନ୍ତି, ଯାହାକୁ ଧାର୍ମିକ ସଂସ୍ଥାମାନେ ସମାଜରେ ସୃଷ୍ଟି କରିଥା'ନ୍ତି । ଆପଣମାନେ ସେସବୁ ଆଚରଣ ପଦ୍ଧତିକୁ ଦେଖିପାରନ୍ତି ନାହିଁ, କିନ୍ତୁ ସେମାନେ ଲୋକମାନଙ୍କ ପାଇଁ ଆଚରଣ ଗତ ଉଚିତ କାର୍ଯ୍ୟ ଓ ଅନୁଚିତ କାର୍ଯ୍ୟ ବାବଦରେ ଉଦାହରଣ ପ୍ରସ୍ତୁତ କରିଥାନ୍ତି ।

ପ୍ରତ୍ୟେକ ସଂଗଠନରେ କିଛି ପ୍ରୟୋଗ, ନୀତି ନିୟମ ଓ ପ୍ରକ୍ରିୟା ଥାଏ । ପଦ୍ଧତିର ଏହି ସ୍ୱରୂପ କୁ ଅନୁଷ୍ଠାନ କୁହାଯାଏ । ସେମାନେ ସମାଜ ଦ୍ୱାରା ସ୍ୱୀକୃତ ଓ ଗ୍ରହଣୀୟ ହୋଇ ଥା'ନ୍ତି ଓ ସେମାନେ ସମୁହ ଓ ବ୍ୟକ୍ତିମାନଙ୍କ ମଧ୍ୟରେ ଥିବା ସଂପର୍କକୁ ନିୟନ୍ତ୍ରଣ କରନ୍ତି । ଯଦି ନୀତି ନିୟମ ପଦ୍ଧତିକୁ ଅନୁଷ୍ଠାନ କୁହାଯାଏ, ତେବେ ବ୍ୟକ୍ତିମାନେ ସଂଘର ସଦସ୍ୟ ଅଟନ୍ତି । ତେଣୁ ଅନୁଷ୍ଠାନ ଓ ସଂଘ ମଧ୍ୟରେ ଥିବା ଏକ ପ୍ରଭେଦ ହେଲା, ଅନୁଷ୍ଠାନ ନିୟମ ପଦ୍ଧତିକୁ ଦର୍ଶାଇଲା ବେଳେ, ସଂଘ ମାନବୀୟ ଉପାଦାନକୁ ଦର୍ଶାଏ ।

ସ୍ୱାମୀ ଓ ସ୍ତ୍ରୀଙ୍କୁ ନେଇ ପରିବାର ଗଠିତ ହୁଏ ଯାହାକୁ ସଂଘର ଏକ ଉଦାହରଣ ଭାବେ ନିଆଯାଏ । ସେମାନଙ୍କର ସନ୍ତାନ ଥା'ନ୍ତି ଓ ସେମାନେ ସାମାଜିକ ଦାୟିତ୍ୱ ନିର୍ବାହ କରିଥାନ୍ତି । ଏହା ବ୍ୟାପକ ସ୍ତରରେ ସମାଜର ଆନୁଷ୍ଠାନିକ ସଂରଚନା ଉପରେ ନିର୍ଭର କରିଥାଏ । ପୁନଶ୍ଚ ଏହା କାର୍ଯ୍ୟ କରିବାର ମାର୍ଗ ଦର୍ଶନ କରାଇଥାଏ ତେଣୁ ପରିବାରର ସଦସ୍ୟମାନଙ୍କର ପରସ୍ପର ପ୍ରତି ବ୍ୟବହାର ଏକ ନିର୍ଦ୍ଦିଷ୍ଟ ଧାରାକୁ ଅନୁସରଣ କରିଥାଏ ଓ ଏହା ବହୁ ଅନ୍ୟ ପରିବାର ମାନଙ୍କରେ ଦେଖିବାକୁ ମିଳିଥାଏ । ଯେପରିକି ପିତାମାତା ସେମାନଙ୍କ ସନ୍ତାନମାନଙ୍କ ସହ କିଭଳି ବ୍ୟବହାର କରନ୍ତି ଓ ସନ୍ତାନମାନେ ସେମାନଙ୍କ ସହ କିଭଳି ଆଚରଣ କରନ୍ତି । ବର୍ତ୍ତମାନ ଆପଣମାନେ ବୁଝିପାରିବେ ଯେ ଏକ ସ୍କୁଲ କିପରି ଉଭୟ ଏକ ସଂଘ ଓ ଅନୁଷ୍ଠାନ । ଏହାର ଅର୍ଥ ହେଲା ଯେ ସ୍କୁଲ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଅସ୍ତିତ୍ୱ ଲାଭ କରୁଥିବା ବେଳେ ସମାଜରେ ଏହାର କାର୍ଯ୍ୟ ଓ ଭୂମିକା ଏହାକୁ ଅନୁଷ୍ଠାନର ମାନ୍ୟତା ଦେଇଥାଏ । ସରଳ ଭାଷାରେ କହିଲେ ସ୍କୁଲ ମାଧ୍ୟମରେ ଆମେ ସମାଜରେ ଉଚିତ ଓ ଅନୁଚିତ କାର୍ଯ୍ୟ ବା କ'ଣ କରିବା ଉଚିତ ଓ କ'ଣ କରିବା ଅନୁଚିତ ଏହି ବିଷୟରେ ଜାଣିପାରୁ ।



ଟୀପ୍‌ପଣୀ

ଏଥିପାଇଁ ଏହି ଉଦାହରଣରୁ ଆମେ ଜାଣୁ ଯେ ସଂଘମାନଙ୍କର ସ୍ୱରୂପ ଥାଏ ଓ ଏହାର ଏକ ମୂର୍ତ୍ତ ଆକାର ନେଇ ପାରିବ । କିନ୍ତୁ ଅନୁଷ୍ଠାନ ମାନଙ୍କର ମୂର୍ତ୍ତ ସ୍ୱରୂପ ନ ଥିବାରୁ ସେମାନେ ଅମୂର୍ତ୍ତ ।

କିଛି ସମାଜବିଜ୍ଞାନୀ ଙ୍କ ଅନୁସାରେ ଅନୁଷ୍ଠାନ ମାନେ ହେଉଛନ୍ତି ସମାଜର ମୌଳିକ ଉପାଦାନ । ସେମାନେ ସବୁ ସମାଜ ଓ ସଂସ୍କୃତିରେ ଦେଖିବାକୁ ମିଳନ୍ତି । କେତେକ ଅନୁଷ୍ଠାନ ସମାଜର ଅସ୍ତିତ୍ୱ ରକ୍ଷା ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ଅଟନ୍ତି । ସେହିସବୁ ଅନୁଷ୍ଠାନକୁ କିଛି ସମାଜବିଜ୍ଞାନୀ ପ୍ରାଥମିକ ଅନୁଷ୍ଠାନ କୁହନ୍ତି । ସବୁ ସମାଜରେ ଛ'ଅ ପ୍ରକାର ପ୍ରାଥମିକ ଅନୁଷ୍ଠାନ ଅଛନ୍ତି । ସେମାନେ ହେଲେ -

୧. ଅର୍ଥନୈତିକ ଅନୁଷ୍ଠାନ (ଉଦାହରଣ ସ୍ୱରୂପ - କୃଷି, ଶିଳ୍ପ ଓ ଅନ୍ୟ ବୃତ୍ତି)

୨. ସାମାଜିକ ଅନୁଷ୍ଠାନ (ପରିବାର , ବିବାହ ଓ ଜ୍ଞାତିତ୍ୱ)


୩. ରାଜନୈତିକ ଅନୁଷ୍ଠାନ

୪. ଶିକ୍ଷା ବା ସାମାଜିକୀକରଣ

୫. ଧର୍ମ

୬. ଅଭିବ୍ୟକ୍ତିକ ଅନୁଷ୍ଠାନ (ସଂଗୀତ, ନୃତ୍ୟ, ସୂକ୍ଷ୍ମ କଳା, ସାହିତ୍ୟ ଇତ୍ୟାଦି)

ସେମାନେ ସବୁ ସମାଜରେ ଦେଖିବାକୁ ମିଳନ୍ତି




**ଚିତ୍ର. ୩**

ପରିଶେଷରେ ଆମେ ଏହା କହି ପାରିବା ଯେ ଅନୁଷ୍ଠାନମାନେ ସମସ୍ତ ସମାଜ ଓ ସଂସ୍କୃତି ର ସାମାଜିକ ଜୀବନ ପାଇଁ ମାନକ କାର୍ଯ୍ୟ ପ୍ରଣାଳୀ ପ୍ରସ୍ତୁତ କରନ୍ତି ।

## ପାଠ୍ୟଗତ ପ୍ରଶ୍ନାବଳୀ ୫ .୪

୧. ନିମ୍ନୋକ୍ତ ମଧ୍ୟରୁ ଅନୁଷ୍ଠାନକୁ ଚିହ୍ନଟ କର ।

(୧) କ୍ରିକେଟ କ୍ଲବ (୨) ଡାକ୍ତରଖାନା

(୩) ଜେଲ (୪) ଧର୍ମ



ଟୀପ୍ପଣୀ

୨. ଅନୁଷ୍ଠାନ ମାନେ ପ୍ରତିନିଧିତ୍ୱ କରୁଥିବା ସଠିକ ଉତ୍ତର ରେ ଠିକ୍ ଚିହ୍ନ ଦିଅ ।

(୧) ନିୟମ ଓ କାର୍ଯ୍ୟ ପ୍ରଣାଳୀ (୨) ମାନବୀୟ ଦିଗ

(୩) ମୂର୍ତ୍ତ

୩. ଅନୁଷ୍ଠାନ ମାନେ ସାମାଜିକ ଜୀବନକୁ ନିୟନ୍ତ୍ରଣ କରନ୍ତି । ତୁମେ ଏହି ବକ୍ତବ୍ୟ ସହିତ ଏକମତ କି ? - ହଁ / ନାହିଁ ।

୪. ସଠିକ୍ ଉତ୍ତର ରେ ଠିକ୍ ଚିହ୍ନ ଦିଅନ୍ତୁ ।

ନିମ୍ନରେ ଦିଆଯାଇଥିବା ବିକଳ୍ପ ମଧ୍ୟରୁ କେଉଁଟି ଉଭୟ ଅନୁଷ୍ଠାନ ଓ ସଂଘ ର ଉଦାହରଣ ।

(୧) ସ୍କୁଲ

(୨) ରାଜନୈତିକ ଦଳ

(୩) ପରିବାର

(୪) ପରିବାର ଓ କ୍ରିକେଟ କ୍ଲବ ।

## କ'ଣ ଶିଖିଲେ

- ସମାଜ ହେଉଛି ସାମାଜିକ ସଂପର୍କ ମାନଙ୍କର ଏକ ଜାଲ ।
- ସମାଜ ହେଉଛି ଏକ ମାନସିକ ସଂରଚନା ।
- ସମାନତା, ପରସ୍ପର ନିର୍ଭରଶୀଳତା, ସହଯୋଗିତା ଓ ସଂଘର୍ଷ, ଏମାନେ ହେଉଛନ୍ତି ସମାଜର ଉପାଦାନ ବା ଲକ୍ଷଣ ।
- ସମୁଦାୟ ହେଉଛି ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ଅଞ୍ଚଳରେ ରହୁଥିବା ଏକ ସମୁହ ।
- ସମୁଦାୟ ର ସଦସ୍ୟମାନଙ୍କର ଦୃଢ ଆପଣାପଣ ର ଭାବନା ଥାଏ ।
- ସମୁଦାୟ ଏକ ମୂର୍ତ୍ତ ଅସ୍ତିତ୍ୱ, କିନ୍ତୁ ସମାଜ ନୁହେଁ ।
- ସଂଘ ହେଉଛି, କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ ପାଇଁ ସଂଗଠିତ ହୋଇଥିବା ଲୋକ ମାନଙ୍କର ଏକ ସମୁହ ।
- ସଂଘ କେତେକ ନିର୍ଦ୍ଦିଷ୍ଟ ନୀତି ନିୟମ ଦ୍ୱାରା ପରିଚାଳିତ ହୁଏ ।
- ସମୁହ କାର୍ଯ୍ୟ କଳାପକୁ ନିୟନ୍ତ୍ରଣ କରିବା ପାଇଁ ନୀତିନିୟମ ପ୍ରଣୟନ କରିବା ହେଉଛି ଅନୁଷ୍ଠାନର କାର୍ଯ୍ୟ ।



ଟୀପ୍ପଣୀ

## ପାରିଭାଷିକ ଶବ୍ଦାବଳୀ (Glossary of Terms)

୧. ଅମୂର୍ତ୍ତ କରଣ (Abstraction) ମୂର୍ତ୍ତ ରୁ ଅମୂର୍ତ୍ତ ନିଷ୍ପନ୍ନ ର ଧାରଣା

୨. ସାମାଜିକ ସଂପର୍କ - ସମାଜରେ ଦୁଇ ବା ତତୋଽଧିକ ବ୍ୟକ୍ତିଙ୍କ ମଧ୍ୟରେ ସଂପର୍କ ।

୩. ଧାରା (Pattern) – ବାରମ୍ବାର ସୃଷ୍ଟି ହେଉଥିବା ଶୈଳୀ ।

୪. ପ୍ରାକ୍ - ଆବଶ୍ୟକତା - ନିର୍ମାଣ ପୂର୍ବରୁ ଆବଶ୍ୟକ ହେଉଥିବା ବସ୍ତୁ ।

୫. ସାମାଜିକ ସଂହତି - ସମାଜରେ ବିଭିନ୍ନ ଗୋଷ୍ଠୀଙ୍କ ଭିତରେ ଶାନ୍ତି ସ୍ଥାପନ କରିବା ।

୬. ସହଯୋଗିତା - ସମୁହ ଓ ବ୍ୟକ୍ତିମାନଙ୍କ ମଧ୍ୟରେ ସାହାଯ୍ୟ ଓ ଆଦାନ-ପ୍ରଦାନ ।

୭. ସାମଞ୍ଜସ୍ୟ - ସମାନତା ।

୮. ପରସ୍ପର ନିର୍ଭରଶୀଳତା - ବିଭିନ୍ନ ଉଦ୍ଦେଶ୍ୟର ପରିପୂର୍ତ୍ତି ପାଇଁ ସମୁହ ଓ ବ୍ୟକ୍ତି ମାନଙ୍କର ପରସ୍ପର ଉପରେ ନିର୍ଭର କରିବା ।

୯. ସଚେତନତା - ହୃଦୟଙ୍ଗମ କରିବା, ଅନୁଭବ କରିବା ।

୧୦. ପ୍ରଥା – ସମାଜର ସଦସ୍ୟ ମାନଙ୍କର ଆଚରଣକୁ ସଂଚାଳିତ କରିବା ପାଇଁ ସୃଷ୍ଟି ହୋଇଥିବା ନିୟମ ଓ ପ୍ରତିମାନ ।

୧୧. ଅଲିଖିତ - ସାମାଜିକ ପ୍ରତିମାନ, ଲେଖା ହୋଇନଥିବା, କିନ୍ତୁ ଲୋକମାନଙ୍କ ଦ୍ୱାରା ପାଳନୀୟ ନୀତି ନିୟମ ଇତ୍ୟାଦି ।

## ପାଠ୍ୟାନ୍ତ ପ୍ରଶ୍ନାବଳୀ

୧. ସମାଜ କ'ଣ ରାତିକ ଭିତରେ ସୃଷ୍ଟି ହୋଇଛି ? ନିଜ ଭାଷାରେ ବର୍ଣ୍ଣନା କରନ୍ତୁ ।

୨. ସମାଜ ଓ ସମୁଦାୟ ମଧ୍ୟରେ ପାର୍ଥକ୍ୟ ଦର୍ଶାନ୍ତୁ ?

୩. ସମୁଦାୟ ଓ ସଂଘ ମଧ୍ୟରେ ପାର୍ଥକ୍ୟ ଦର୍ଶାନ୍ତୁ ?

୪. କେଉଁମାନେ ପ୍ରାଥମିକ ଅନୁଷ୍ଠାନ ? ଉଦାହରଣ ସହ ବୁଝାନ୍ତୁ ।

୫. ସମାଜର ଉଦାହରଣ ଦିଅନ୍ତୁ ଓ ଏହାର ପ୍ରାକ୍-ଆବଶ୍ୟକତା ସବୁକୁ ୧୦୦ - ୨୦୦ ଶବ୍ଦ ମଧ୍ୟରେ ଲେଖନ୍ତୁ ।

## ପାଠ୍ୟଗତ ପ୍ରଶ୍ନାବଳୀମାନଙ୍କର ଉତ୍ତର

**୫.୧**

୧. ସମାଜ ହେଉଛି ସାମାଜିକ ସଂପର୍କମାନଙ୍କର ଏକ ଜାଲ,

୨. ସମାନତା ବା ସାମଞ୍ଜସ୍ୟ,

୩. ହଁ



ଟୀପ୍ପଣୀ

**୫.୨**

୧. (କ), ୨. (ଖ), ୩. (ଖ) ଓ (ଗ)

**୫.୩**

(କ) ୩, ୪, (ଖ) ୨, (ଗ) ୨, (ଘ) ୧

**୫.୪**

୧. (୪), ୨. (୧), ୩. ହଁ, ୪. (୪)

**ସହାୟକ ପୁସ୍ତକମାଳା** (Book References)

R. M. MacIver & C. H. Page : Society (1983)

Anthony Giddens : Sociology (1998)

H. M . Johnson : Sociology (1983)